

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୩ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 23 MAY 2023

Vol.No. 34 ■ No. 135 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ

ନୂଆଦିଲ୍ଲୀ , ୨୨/୦୫ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସୋମବାର ଭାରତ-ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ସହଯୋଗ ଫୋରମ(ଏଫଆଇପିଆଇସି)ର ତୃତୀୟ ସମ୍ମିଳନୀ ଅବସରରେ ପୋର୍ଟ ମୋରେସବୀଠାରେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଶ୍ରୀ କ୍ରିସ୍ ହିପକିନ୍ସଙ୍କୁ ଭେଟିଛନ୍ତି । ଦୁଇ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଏହା ପ୍ରଥମ ଆଲୋଚନା ଥିଲା । ଦୁଇ ନେତା ଦ୍ୱିପାକ୍ଷିକ ସହଯୋଗ, ଉପରେ ଆଲୋଚନା କରିବା ସହ ବାଣିଜ୍ୟ, ଶିକ୍ଷା, ସୂଚନା ପ୍ରଯୁକ୍ତି, ପର୍ଯ୍ୟଟନ, ସଂସ୍କୃତି, ଖେଳ ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କ ସମ୍ବନ୍ଧିତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ସହମତ ହୋଇଥିଲେ ।

# ବିକ୍ରମ, ସୁଦାମ ଓ ସାରଦା ନୂଆ ମନ୍ତ୍ରୀ



ଭୁବନେଶ୍ୱର, ୨୨/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ନିଜର ୩ଜଣ ପୁରୁଣା ସହଯୋଗୀଙ୍କୁ ପୁଣିଥରେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ରାଜ୍ୟ ମନ୍ତ୍ରିମଣ୍ଡଳରେ ସାମିଲ କରିଛନ୍ତି । ଭଞ୍ଜନଗରର ୬ଥର ବିଧାୟକ ୬୧ବର୍ଷୀୟ ବିକ୍ରମ କେଶରୀ ଆରୁଖ, ରାଉରକେଲାର ୩ଥର ବିଧାୟକ ୫୫ବର୍ଷୀୟ ସାରଦା ପ୍ରସାଦ ନାୟକ ଓ ବାଙ୍ଗିରପୋଷିର ୫ଥର ବିଧାୟକ ୫୭ବର୍ଷୀୟ ବିଧାୟକ ସୁଦାମ ମାରାଣ୍ଡିଙ୍କୁ ଆଜି ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ କ୍ୟାବିନେଟ୍ ମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁପାରିଶରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଆଜି ଲୋକସେବା ଭବନର କନଭେନସନ ହଲରେ ଏହି ୩ ନୂଆ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ଏହି ୩ ନୂଆ ମନ୍ତ୍ରୀଙ୍କ ସମେତ ରାଜ୍ୟ କ୍ୟାବିନେଟରେ ମୋଟ ୨୧ଜଣ ସଦସ୍ୟ ରହିଥିବାବେଳେ ସେଥିରେ ୧୫ଜଣ କ୍ୟାବିନେଟ୍ ପାହ୍ୟା ଓ ୬ଜଣ ରାଷ୍ଟ୍ରମନ୍ତ୍ରୀ ପାହ୍ୟା(ସ୍ୱାଧୀନ) ରହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ମିଶାଇଲେ ମୋଟ ମନ୍ତ୍ରିମଣ୍ଡଳ ସଦସ୍ୟ ସଂଖ୍ୟା ୨୨ରେ ପହଂଚିଛି । ସ୍ୱଳ୍ପ ଅବଧିର ଏହି ଶପଥ ଗ୍ରହଣ ସମାରୋହରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ବିଜେଡି ବିଧାୟକ ଓ ସାଂସଦମାନଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ତେବେ ମନ୍ତ୍ରୀ ପଦ ପାଇଁ ଆଶାୟୀ ଥିବା ସୁଶାନ୍ତ ସିଂ ଓ ତାଙ୍କ ଖାସ୍ ଅନୁଗତ ବର୍ଷା ସିଂ ବରିହାଙ୍କୁ ଆଜିର ଶପଥ ସମାରୋହରେ ଦେଖିବାକୁ ମିଳିନଥିବାବେଳେ ନବନିର୍ବାଚିତା ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ ଉପସ୍ଥିତ ରହିଥିଲେ । ଶ୍ରୀ ଆରୁଖ ଗତ ୧୨ତାରିଖରେ ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ । ଗଞ୍ଜାମ ରାଜନୀତିକ ସମୀକରଣ ଦୃଷ୍ଟିରୁ ତାଙ୍କୁ ମନ୍ତ୍ରୀ ପଦ ମିଳିବ ଓ ସେଥିପାଇଁ ସେ ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ ବୋଲି ଆକଳନ କରାଯାଉଥିଲା । ଶ୍ରୀ ଆରୁଖ ପୂର୍ବରୁ ୨୦୦୮-୦୯ ବିଧାନସଭା ମୁଖ୍ୟ ସଚେତକ, ୨୦୦୯-୧୪ ଓ ୨୦୧୪-୧୯ ପର୍ଯ୍ୟନ୍ତ ନବୀନଙ୍କ ମନ୍ତ୍ରିମଣ୍ଡଳରେ ଗ୍ରାମ୍ୟ ଉନ୍ନୟନ, ଆଇନ, ସମବାୟ, ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର , ସୂଚନା ଓ ଲୋକସମ୍ପର୍କ ବିଭାଗ ଭଳି ଦାୟିତ୍ୱରେ ରହିଥିଲେ । ସେହିପରି ସୁଦାମ ମାରାଣ୍ଡି ୧୯୯୦ରେ ପ୍ରଥମଥର ▶▶ପୃଷ୍ଠା ୭

## ୧୧ ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ



ଭୁବନେଶ୍ୱର, ୨୨/୦୫ (ନି.ପ୍ର): ଅସହ୍ୟ ତାତିରେ ସିଝୁଛି ସାରା ଓଡିଶା । ଟାଣ ଖରା ସାଙ୍ଗକୁ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଲେଣି । ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିପାରେ । ତେବେ ସ୍ଥାନେ ସ୍ଥାନେ କାଳବୈଶାଖୀ ପ୍ରଭାବରେ ବର୍ଷା ସାମୟିକ ଆଶ୍ୱସ୍ତି ଦେଇପାରେ । ସୋମବାର ଦିନ ୧୭ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା । ଯାହା ମଧ୍ୟରୁ ୧୧ ସହରର ତାପମାତ୍ରା ୪୨ ଡିଗ୍ରୀ ବା ତା ଠାରୁ ଅଧିକ ଥିଲା । ସମ୍ବଲପୁର ସହରରେ ସର୍ବାଧିକ ୪୩.୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ସେହିପରି ବୌଦ୍ଧ ୪୩, ହିରାକୁଦ ୪୨.୬ , ଝାରସୁଗୁଡା ଓ ସୁନ୍ଦରଗଡରେ ୪୨.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

## ବଢ଼ିଲା ରସଗୋଲା ଦର



ଭୁବନେଶ୍ୱର, ୨୨/୦୫ (ନି.ପ୍ର): ବଢିଛି ରସଗୋଲା ଦର । ନୂଆ ରେଟରେ ମିଳିବ ରସଗୋଲା ଏବଂ ଛେନାପୋଡ଼ । ଆସନ୍ତାକାଲିଠାରୁ ବର୍ଦ୍ଧିତ ଦର ଲାଗୁହେବ । ଆସନ୍ତା କାଲିଠାରୁ ୫ ଟଙ୍କିଆ ମିଠା ଦର ବୃଦ୍ଧି ପାଇ୬ ଟଙ୍କା ହେବ । ସେହିପରି ୧୦ ଟଙ୍କା ମିଠା ୧୨ ଟଙ୍କାରେ, ୨୦ ଟଙ୍କା ମିଠା ୨୫ ଟଙ୍କାରେ, ଛେନାଗଜା କେଜି ପ୍ରତି ୨୨୦ ଟଙ୍କା ଓ ଛେନାପୋଡ଼ ୨୮୦ ଟଙ୍କାରେ ବିକ୍ରି କରାଯିବ । ଏହାସହ କାଲିଠାରୁ ପାହାଳ ରସଗୋଲା ଦୋକାନ ଖୋଲିବ । ସୂଚନାଯୋଗ୍ୟ ଯେ ଛେନା ଦର ବୃଦ୍ଧିକୁ ନେଇ ପାହାଳ ବଜାର ୩ ଦିନ ଧରି ବନ୍ଦ ରହିଥିଲା ।

## ଥାନା ଅଧିକାରୀଙ୍କ ଘରେ ପଶିଲା ଭିଜିଲାନ୍ସ:୪ଟି ସ୍ଥାନରେ ଚଢ଼ାଉ



ସମ୍ବଲପୁର, ୨୨/୦୫ (ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବରଗଡ଼ ଜିଲ୍ଲା ଗାଇସିଲେଟ୍ ଥାନା ଅଧିକାରୀ ବୀରବର ଭଗତଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଛି । ତାଙ୍କ ଘର ଓ ଅଫିସ ସମେତ ୪ଟି ସ୍ଥାନରେ ଆଜି ସକାଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି । ବୀରବରଙ୍କ ଗାଇସିଲେଟରେ ଥିବା ସରକାରୀ ଘର ସହିତ ଥାନାରେ ଚଢ଼ାଉ କରାଯାଇଛି । ସେହିପରି ସମ୍ବଲପୁରର ଅନୁଗୁଳିଆ ପଡାରେ ଥିବା ତାଙ୍କ ଘର ଓ ସମ୍ବଲପୁର କାବ୍ରାପାଲିରେ ଥିବା ଫାର୍ମ ହାଉସରେ ଏକାକାଳୀନ ଚଢ଼ାଉ କରାଯାଇଛି । ଚଢ଼ାଉ ବେଳେ ଭିଜିଲାନ୍ସ ବୀରବରଙ୍କ ଗାଇସିଲେଟ କ୍ୱାର୍ଟର୍ସରୁ କିଛି ନଗଦ ଟଙ୍କା, ସୁନାଗହଣା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ଜଣାପଡ଼ିଛି । ବୀରବର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା । ଭିଜିଲାନ୍ସ ବିଭାଗ ଘଟଣାର ତଦନ୍ତ କରି ଏହି ଚଢ଼ାଉ କରିଛି ।

# ଆଗୁଆ ନିର୍ବାଚନକୁ ଯାଇପାରନ୍ତି ନବୀନ, ଫୋକସରେ ଅଧିକ ଲୋକସଭା ସିଟ୍ ?



ଭୁବନେଶ୍ୱର, ୨୨/୦୫ (ନି.ପ୍ର):ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଆଗୁଆ ବିଧାନସଭା ନିର୍ବାଚନକୁ ଯାଇପାରନ୍ତି । ଅଧିକ ସଂଖ୍ୟକ ଲୋକସଭା ସିଟ୍ ଜିତିବା ନିମନ୍ତେ ନବୀନ ପୃଥକ୍ ଭାବେ ରାଜ୍ୟରେ ଲୋକସଭା ଓ ବିଧାନସଭା ନିର୍ବାଚନ କରିବା ପାଇଁ ରଣନୀତି କରୁଛନ୍ତି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା । ମିଳିଥିବା ସୂଚନା ଅନୁସାରେ, ନବୀନ ନିଜର ବରିଷ୍ଠ ନେତାମାନଙ୍କୁ ଡାକି ଦଳ ଆଗାମୀ ନିର୍ବାଚନରେ କିଭଳି ଅଧିକ ସଂଖ୍ୟକ ଲୋକସଭା ସିଟ୍ ଜିତିବ ସେ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ଗତ ପ୍ରାୟ ୩-୪ମାସ ଧରି ନବୀନ ତାଙ୍କର ଫୋକସରେ ଅଧିକ ଲୋକସଭା ସିଟ୍ ଥିବା ନେଇ ତାଙ୍କୁ ଭେଟୁଥିବା ବରିଷ୍ଠ ଦଳୀୟ ନେତାମାନଙ୍କୁ ବାରମ୍ବାର କହି ଆସୁଥିବାବେଳେ ଆଗାମୀ ଡିସେମ୍ବରରେ ରାଜ୍ୟରେ ବିଧାନସଭା ନିର୍ବାଚନ କରାଇବା ନିମନ୍ତେ ଆଗୁଆ ଷୋଡ଼ଶ ବିଧାନସଭାକୁ ଭଙ୍ଗ କରିପାରନ୍ତି ବୋଲି ଜଣାପଡ଼ିଛି । ଚଳିତବର୍ଷ ଡିସେମ୍ବର ମାସରେ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ତେଲେଙ୍ଗାନା ଓ ମିଜୋରାମରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହି ରାଜ୍ୟଗୁଡ଼ିକ ସହ ଓଡ଼ିଶାରେ ବିଧାନସଭା ନିର୍ବାଚନ କରାଇବା ଉଦ୍ଦେଶ୍ୟରେ ନବୀନ ଆଗୁଆ ବିଧାନସଭା ଭଙ୍ଗ କରିପାରନ୍ତି । ରାଜ୍ୟରେ ଏକାଠି ବିଧାନସଭା ଓ ଲୋକସଭା ନିର୍ବାଚନ ହେଲେ ତାହା ତାଙ୍କ ଦଳ ବିଜେଡି ନିମନ୍ତେ ମହଙ୍ଗା ସାବ୍ୟସ୍ତ ହେଉଛି । ଦଳର ସମ୍ପୂର୍ଣ୍ଣ ଫୋକସ୍ ବିଧାନସଭା ଆସନ ଉପରେ ରହୁଥିବା ତଥା ବିଧାୟକ ଓ ନେତାମାନେ ବିଧାନସଭା ନିର୍ବାଚନ ଜିତିବା ଉପରେ ଗୁରୁତ୍ୱ ଦେଉଥିବାରୁ ଲୋକସଭା ନିର୍ବାଚନରେ ଦଳକୁ କ୍ଷତି ସହିବାକୁ ପଡୁଛି । ତେଣୁ ଦଳ ଗତ କିଛିମାସ ଧରି ଆଗୁଆ ନିର୍ବାଚନ ପାଇଁ ନିଜକୁ ପ୍ରସ୍ତୁତି କରିବାରେ ଲାଗିଛି । ଅବଶ୍ୟ ମୁଖ୍ୟ ବିରୋଧୀ ଦଳ ବିଜେପିର ବରିଷ୍ଠ ନେତାମାନେ ଓଡ଼ିଶାରେ ଆଗୁଆ ବିଧାନସଭା ▶▶ପୃଷ୍ଠା ୭

## ଅଗ୍ନିଶମ ଡିଜି ଭାବେ ଦାୟିତ୍ୱ ନେଲେ ସୁଧାଂଶୁ ଷଡ଼ଙ୍ଗୀ

ଭୁବନେଶ୍ୱର, ୨୨/୦୫ (ନି.ପ୍ର): ଅଗ୍ନିଶମ ଡିଜି ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଧାଂଶୁ ଷଡ଼ଙ୍ଗୀ । ପୂର୍ବତନ ଅଗ୍ନିଶମ ଡିଜି ବିନୟତୋଷ ମିଶ୍ରଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଗତ ସପ୍ତାହରେ ତାଙ୍କୁ ଅଗ୍ନିଶମ ଡିଜି ଭାବେ ନିଯୁକ୍ତ ଦେଇଥିଲେ ରାଜ୍ୟ ସରକାର । ଏହା ପୂର୍ବରୁ ସୁଧାଂଶୁ ଷଡ଼ଙ୍ଗୀ ସ୍ପେଶାଲ ଡିଜି ପୁଲିସ ରେଲୱେ ଆଣ୍ଡ କୋଷ୍ଟାଲ ସିକ୍ୟୁରିଟି ଭାବରେ କାର୍ଯ୍ୟ ତୁଲାଉଥିଲେ ।

## ଆଜିଠୁ ଚନ୍ଦ୍ରର ନିକଟତର ହେବ ଶୁକ୍ର

ଭୁବନେଶ୍ୱର, ୨୨/୦୫ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର)ଠାରୁ ଜୁନ ୧୫ ଯାଏଁ ଚନ୍ଦ୍ରର ଅତି ନିକଟରୁ ଦେଖାଯିବ ଶୁକ୍ର ଗ୍ରହ । ପ୍ରତିଦିନ ସନ୍ଧ୍ୟାରେ ପ୍ରାୟ ୨ ଘଂଟା ଶୁକ୍ରକୁ ପଶ୍ଚିମ ଆକାଶରେ ଦେଖିହେବ । ଆକାଶ ନିର୍ମଳ ଥିଲେ ସନ୍ଧ୍ୟା ୬ଟା ୩୦ରୁ ୯ଟା ୧୫ ଯାଏଁ ଶୁକ୍ର ଦେଖାଦେବ । ଏହି ମହାଜାଗତିକ ଦୃଶ୍ୟ ଦେଖିବାକୁ କାଲି ସନ୍ଧ୍ୟା ୬ଟା ୩୦ରୁ ୮ଟା ଯାଏଁ ପ୍ଲାନେଟାରିୟମ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଏନେଇ ପଠାଣି ସାମନ୍ତ ପ୍ଲାନେଟୋରିୟମର ଉପ ନିର୍ଦ୍ଦେଶକ ଡ଼.ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି ଯେ ଓଡିଶା ତଥା ଭାରତର ସବୁ ଅଂଚଳରୁ ଆକାଶ ମେଘମୁକ୍ତ ଥିଲେ ଏହାକୁ ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟା ୬ଟା୩୦ରୁ ୯ଟା୧୫ ଯାଏଁ ଦେଖିହେବ ।




ଜୀବନ ବ୍ୟାପୀ ସାରସ୍ୱତ ସାଧନାପାଇଁ ୨୦୨୨ ମସିହା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିବା ଶ୍ରୀଯୁକ୍ତ ସୃଷ୍ଟିଧର ପରିଡ଼ାଙ୍କୁ ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଉଥିବାର ସୁ-ଅବସର । ସମ୍ବର୍ଦ୍ଧିତ କରୁଛନ୍ତି ବରିଷ୍ଠ ସାହିତ୍ୟିକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ।

## ମଣିପୁର ରାଜଧାନୀ ଇମ୍ଫାଲ୍‌ରେ ପୁଣି ହିଂସାକାଣ୍ଡ: ଲାଗିଲା କର୍ଫ୍ୟୁ, ୧୦ ହଜାର ସେନା ନିୟୋଜିତ



ନୂଆଦିଲ୍ଲୀ , ୨୨/୦୫ (ନି.ପ୍ର): ଦେଶର ପୂର୍ବୋତ୍ତର ରାଜ୍ୟ ମଣିପୁରର ରାଜଧାନୀ ଇମ୍ଫାଲରେ ପୁଣି ହିଂସା ସହିତ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି । ଏପରି ସ୍ଥିତିକୁ ଦେଖି ପୁଣି ସହରରେ କର୍ଫ୍ୟୁ ଲଗାଯିବା ସହ ସେନା ମୁତୟନ କରାଯାଇଛି । ହିଂସା ପ୍ରଭାବିତ ସହରରେ କିଛି ଦିନର ଶାନ୍ତି ପରେ ସୋମବାର ଦ୍ୱିପ୍ରହରେ ପୁଣି ୨ଟି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ହୋଇଛି । ବିଶେଷ ସୂତ୍ରରୁ ଜଣାପଡ଼ିଛିଯେ, ଇମ୍ଫାଲର ନ୍ୟୁ ଚେକାନ୍ ଅଞ୍ଚଳର ମୈତେଇ ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ସୋମବାର ଦ୍ୱିପ୍ରହରେ ମାରପିଟ୍ ହୋଇଛି । ସ୍ଥାନୀୟ ବଜାରର ଗୋଟିଏ ଜାଗାକୁ ନେଇ ଦୁଇ ସମୁଦାୟ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥିଲା ଯାହାକି କିଛି ସମୟ ପରେ ଉଗ୍ରରୂପ ନେଇଥିଲା । ସେହି ଅଞ୍ଚଳରେ ଅଗ୍ନିକାଣ୍ଡ ମଧ ହୋଇଛି । ଏପରି ଘଟଣା ପରେ ପ୍ରଶାସନ ପକ୍ଷରୁ ସେଠାରେ ପୁଣି ଥରେ କର୍ଫ୍ୟୁ ଘୋଷଣା କରାଯାଇଛି । ସୂଚନା ଥାଉକି, ଗୋଟିଏ ମାସରୁ ଅଧିକ ହେଲାଣି ଅନେକ ପ୍ରସଙ୍ଗ କାରଣରୁ ମଣିପୁର ଜାତିଗତ ସଂଘର୍ଷର ସାମ୍ନା କରୁଛି । ଚଳିତ ମାସ ଆରମ୍ଭରେ ଯେତେବେଳେ ଆଦିବାସୀମାନେ ଅନୁସୂଚିତ ଜନଜାତି ମାନ୍ୟତା ଦାବି ବିରୋଧରେ ମେ ୩ରେ ମିଳିତ ଆନ୍ଦୋଳନ ଶୋଭାଯାତ୍ରାରେ ବାହାରିଥିଲେ ସେତେବେଳେ ମଣିପୁରରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ▶▶ପୃଷ୍ଠା ୭

## ୧୦୦୦ ଟଙ୍କିଆ ନୋଟ୍‌କୁ ନେଇ ବଢ଼ିଲା କଳ୍ପନା ଜଳ୍ପନା: ସ୍ପଷ୍ଟ କଲେ ଆରବିଆଇ ଗଭର୍ଣ୍ଣର



ନୂଆଦିଲ୍ଲୀ, ୨୨/୦୫: ଗତ ସପ୍ତାହରେ ଆରବିଆଇ ବଜାରରୁ ସମସ୍ତ ୨୦୦୦ ନୋଟ୍ ପ୍ରତ୍ୟାହାର କରିବା ନେଇ ଘୋଷଣା କରିଛି । ତେବେ ଆରବିଆଇର ନିଷ୍ପତ୍ତି ପରେ ଏବେ ପୁଣି ଥରେ ବଜାରକୁ ୧୦୦୦ ଟଙ୍କିଆ ନୋଟ୍ ଆସିବାକୁ ନେଇ ଆରମ୍ଭ ହୋଇଛି କଳ୍ପନା ଜଳ୍ପନା । ହେଲେ ଏହାକୁ ଖଣ୍ଡନ କରିଛନ୍ତି ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ । ଆରବିଆଇ ଗଭର୍ଣ୍ଣର କହିଛନ୍ତି '୨୦୦୦ ଟଙ୍କିଆ ନୋଟ୍ ବଦଳରେ ୧୦୦୦ ଟଙ୍କିଆ ନୋଟ୍‌କୁ ପୁଣି ଥରେ ରି-ଲଞ୍ଚ କରିବା ନେଇ କୌଣସି ଯୋଜନା ନାହିଁ । ହଜାରେ ଟଙ୍କିଆ ନୋଟ୍ ପୁଣି ପ୍ରଚଳନ କରାଯିବା କଥା ଏକ ଗୁଜବ । ଏବେ ସେଭଳି କୌଣସି ପ୍ରସ୍ତାବ ନାହିଁ ।' ସୂଚନାଥାଉକି, ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ ହୋଇଥିଲା । ଏହା ଅନୁଯାୟୀ, ୫୦୦ ଏବଂ ୧୦୦୦ ଟଙ୍କା ନୋଟ୍ ବନ୍ଦ କରାଯାଇଥିଲା । ଆଉ ଏହା ବଦଳରେ ନୂଆ ୫୦୦ ଟଙ୍କା ଏବଂ ୨୦୦୦ ଟଙ୍କା ନୋଟ୍ ପ୍ରଚଳନକୁ ଆସିଥିଲା । ଆଉ ଏବେ ପ୍ରାୟ ୭ ବର୍ଷ ପରେ ରିଜର୍ଭ ବ୍ୟାଙ୍କ୍ ୨୦୦୦ ଟଙ୍କା ନୋଟ୍ ପ୍ରତ୍ୟାହାର କରିବାକୁ ଘୋଷଣା କରିଛି । ଯେଉଁମାନଙ୍କ ପାଖରେ ୨୦୦୦ ଟଙ୍କିଆ ନୋଟ୍ ଅଛି ତାହାକୁ ୨୩ ମେ ରୁ ସେପ୍ଟେମ୍ବର ୩୦ ମଧ୍ୟରେ ଡିପୋଜିଟ୍ କିମ୍ବା ବଦଳାଇବାକୁ କୁହାଯାଇଛି । ଏହା ସହ ବ୍ୟାଙ୍କମାନଙ୍କୁ ନୋଟ୍ ବଦଳାଇବା ପାଇଁ ଆସୁଥିବା ଲୋକଙ୍କ ପାଇଁ ସୁବିଧା କରିବାକୁ ଆରବିଆଇ ନିର୍ଦ୍ଦେଶ ଦେଇଛି ।

# ଅଧିଷ୍ଠାତ୍ରୀ ମା' ଭଗବତୀ ମନ୍ଦିର ଦେବୀ ପ୍ରସାଦ ପ୍ରତିଷ୍ଠା ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୨୨/୦୫ (ନି.ପ୍ର): ଜୟପୁରର ନାରାୟଣ ମନ୍ଦିର ସାହି ସ୍ଥିତ ଶ୍ରୀ ସଙ୍କଟ ମୋଚନୀ ମହାମାୟୀ ଭଗବତୀଙ୍କ ନୂତନ ପାର୍ଶ୍ୱ ବିଗ୍ରହ ସହିତ ଦେବୀ ପ୍ରସାଦ ପ୍ରତିଷ୍ଠା ଉତ୍ସବ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ମନ୍ଦିର ପରିସରରେ ମାଁ ଭଗବତୀ ସେବା ଟ୍ରଷ୍ଟ ଦ୍ୱାରା ଆୟୋଜିତ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ସୁଯ୍ୟ ନାରାୟଣ ରଥ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଉପସ୍ଥିତ ଥିଲେ । ଟ୍ରଷ୍ଟର ସଦସ୍ୟ ମାନେ ଉପସ୍ଥିତ ଥିଲେ । ଆସନ୍ତା ୪ ତାରିଖରୁ ୮ ତାରିଖ ଯାଏ ୫ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ନିତିକାନ୍ତି ପ୍ରତିଷ୍ଠା ଉତ୍ସବର କାର୍ଯ୍ୟକ୍ରମ ରହିଛି । ୫ ଦିନ ଘୃତ ଯଜ୍ଞ, ଷୋଡଶୋପଚାର ପୁଜା, ଚଣ୍ଡି ପାରାୟଣ ଅନୁଷ୍ଠିତ ହେବ । ୪ ତାରିଖରେ ଦିକ୍ଷାଗ୍ରହଣ, ଅଙ୍କୁରା ରୋପଣ, ମଣ୍ଡଳାଧିବାସ, ୫ ତାରିଖରେ କଳସଯାତ୍ରା, ପ୍ରତିଷ୍ଠାରମ୍ଭ, ବ୍ରାହ୍ମଣ ବରଣ, ଶାଳା ସଂସ୍କାର, ମଣ୍ଡଳ ପୁଜା, ପାବତ୍ୟାଗ୍ନି ସ୍ଥାପନା, ୬ ତାରିଖରେ ମଣ୍ଡଳ ପୁଜା ନୁତନ ବିଗ୍ରହ ମାନଙ୍କ ଅଧିବାସ, ନେତ୍ରୋତ୍ସବ, ଘୃତଯଜ୍ଞ, ନାମଯଜ୍ଞାରମ୍ଭ, ଜୀବନ୍ୟାସ ୭ ତାରିଖରେ ମହାସ୍ନାନ, ମଣ୍ଡଳ ପୁଜା, ଘୃତ ଯଜ୍ଞ, ଦେବତା ସ୍ୱସ୍ତିକ ମଣ୍ଡଳେ ଶୟନ ନାମଯଜ୍ଞାରମ୍ଭ, ଜୀବନ୍ୟାସ ୮ ତାରିଖରେ ପାଶ୍ୱ ଦ୍ୱାର, ତ୍ରିଶୁଳ, ଧ୍ୱଜ ସ୍ଥାପନ ଯଜମାନ ପ୍ରତିଷ୍ଠା ମହାଧ୍ୱଜ ଭ୍ରମଣ ଓ ପୁର୍ଣ୍ଣା ହୁତି ଓ ପ୍ରସାଦ ସେବନ ନେଇ ନିଷ୍ପତି ହୋଇଛି ।

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ମାଧ୍ୟମରେ ମତ୍ସ୍ୟ ଉତ୍ପାଦନ ସମ୍ବନ୍ଧୀୟ ନୂତନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୨/୦୫ (ନି.ପ୍ର): ମିଶନ ଶକ୍ତି ସହାୟତାରେ ଆମ ରାଜ୍ୟର ମହିଳାମାନେ ଆଜି ସ୍ୱାବଲମ୍ବୀ ହୋଇପାରିଛନ୍ତି । ରାଜ୍ୟରେ ମିଶନ ଶକ୍ତି ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି । ଗତ ୪ ବର୍ଷ ମଧ୍ୟରେ ୧୩୨୮୯ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରାମ ପଂଚାୟତ ପୋଖରୀକୁ ଦୀର୍ଘ ମିଆଦୀ ଲିଜ ସୂତ୍ରରେ ନେଇ ସଫଳତାର ସହିତ ମାଛଚାଷ କରି ରାଜ୍ୟର ମାଛ ଉତ୍ପାଦନ ବୃଦ୍ଧି ସହିତ ମହିଳା ସଶକ୍ତିକରଣ ଦିଗରେ ବିଶେଷ ସହାୟକ ହୋଇପାରିଛନ୍ତି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କ ଆଗ୍ରହ, ଏକାଗ୍ରତା ଓ ନିଷ୍ଠା ଯୋଗୁଁ ଏହି ସଫଳତା ମିଳିପାରିଛି । ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗ, ମତ୍ସ୍ୟ ନିର୍ଦ୍ଦେଶାଳୟ ଏବଂ ବିଶ୍ୱସ୍ତରୀୟ ସଂଗଠନ ୱାର୍ଲଡଫିସର ମିଳିତ ଅନୁକୁଲ୍ୟରେ ଲୋକସେବା ଭବନର କନଭେନସନ ହଲରେ ପ୍ରଥମ ପରିଚିତି ଓ ଅଭିମୁଖୀକରଣ ଶୀର୍ଷକ ଏକ କାର ?ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ୭ ଗୋଟି ଉପକୂଳବର୍ତ୍ତୀ ଜିଲ୍ଲାରେ ସ୍ୱାସ୍ଥ୍ୟକର ପରିବେଶରେ ଉନ୍ନତମାନର ଶୁଖୁଆ ଉତ୍ପାଦନ, ସେଥି ନିମନ୍ତେ ପ୍ରଶିକ୍ଷଣ ବ୍ୟବସ୍ଥା ଏବଂ ଏହି ସହିତ ଗ୍ରାମ ପଂଚାୟତ ପୋଖରୀରେ ଉନ୍ନତ ପ୍ରଣାଳୀରେ ମାଛଚାଷ ନିମନ୍ତେ କାର ?ୟକ୍ରମ ହାତକୁ ନିଆଯାଇଛି ।

ଆଗାମୀ ପାଂଚ ବର୍ଷ ମଧ୍ୟରେ ୱାର୍ଲଡ୍ ଫିସ୍ ସହାୟତାରେ ୩୦୦୦ ସ୍ୱୟଂ ସହାୟକ ଗୋଷ୍ଠୀର ୩୦,୦୦୦ ସଦସ୍ୟା ଶୁଖୁଆ ଉତ୍ପାଦନ ପାଇଁ ଏବଂ ପ୍ରାୟ ୨୦୦୦ ସ୍ୱୟଂ ସହାୟକ ଗୋଷ୍ଠୀର ୨୦,୦୦୦ ସଦସ୍ୟା ଗ୍ରାମ ପଂଚାୟତ ପୋଖରୀରେ ଉନ୍ନତ ପ୍ରଣାଳୀରେ ମାଛଚାଷ ନିମନ୍ତେ ତାଲିମ୍ ପାଇବେ । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ, ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ଶ୍ରୀମତୀ ସୁଜାତା ଆର୍ କାର୍ତ୍ତିକେୟନ ଯୋଗଦେଇ ଏହି ନୂତନ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ରାଜ୍ୟ ମିଶନ ନିର୍ଦ୍ଦେଶକ-ତଥା-ମୁଖ୍ୟ ନିର୍ବାହୀ ଏନ. ତିରୁମାଲା ନାୟକ ଏବଂ ମତ୍ସ୍ୟ ନିର୍ଦ୍ଦେଶକ ଶ୍ରୀ ସ୍ମୃତି ରଞ୍ଜନ ପ୍ରଧାନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସମେତ ମତ୍ସ୍ୟ ବିଭାଗ ଓ ମିଶନ ଶକ୍ତି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଏକ ସପ୍ତାହ ବ୍ୟାପି ଭିନ୍ନକ୍ଷମ ମାନଙ୍କ ପାଇଁ ଅଭିଯାନ ଆଇନ ସଚେତନତା ଶିବିର

ଜୟପୁର, ୨୨/୦୫ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ କୋରାପୁଟ-ଜୟପୁର ଦ୍ୱାରା ଆସନ୍ତା ତା.୨୨ ମଇରୁ ୨୯ ମଇ ପର୍ଯ୍ୟନ୍ତ ଆଇନ ସଚେତନତା ଶିବିର ସହିତ ଏକ ସପ୍ତାହ ବ୍ୟାପି ଭିନ୍ନକ୍ଷମ ମାନଙ୍କ ପାଇଁ ଅଭିଯାନ ପାରାଲିଗାଲ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଗାଁ କୁ ଗାଁ ବୁଲିବୁଲି ଭିନ୍ନକ୍ଷମ ମାନଙ୍କୁ ଚିହ୍ନଟ କରିବା ସହିତ ସଚେତନତାକୁ କିପରି ସଫଳ କରାଯାଇ ପାରିବ ତାହା ଉପରେ ଜିଲ୍ଲା ଦୌରାଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ କାର୍ଯ୍ୟାଳୟରେ ସତ୍ୟ ନାରାୟଣ ମିଶ୍ର, ଜିଲ୍ଲା ଦୌରାଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ କରାଯାଇଥିଲା । ଏଥିରେ ଜିଲ୍ଲା ପ୍ରଶାସନ ଅଧିକାରି ମାନଙ୍କ ସହିତ ଆଲୋଚ଼ନା କରିଥିଲେ । ଏହି ଅଭିଯାନକୁ ସଫଳ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ ।

ପ୍ରସ୍ତୁତି ବୈଠକରେ ଅଂଶଗ୍ରହଣ କରିଥିଲେ ସି.ଜେ.ଏମ୍ ଦିଲ୍ଲୀପ କୁମାର ସାହୁ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁମନ ଜେନା, ରେଜିଷ୍ଟ୍ରାର୍ ସିଭିଲ୍ କୋର୍ଟ ବିଷ୍ଣୁ ପ୍ରସାଦ ଦେବତା, ଏ.ଡ଼ି.ଏମ. ରାଜେନ୍ଦ୍ର ମାଝୀ, ଏସ.ପି. ଅଭିନବ ଶଙ୍କର, ସି.ଡ଼ି.ଏମ୍.ଓ. ଅରୁଣ କୁମାର ପାଢ଼ୀ, ଡ଼ି.ଏସ୍.ଏସ୍.ଓ ସିମାଚଂଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଷାଠିଏ ଘର ଡୁମାଲ ସମାଜର ଗ୍ରାମ୍ୟ ମନ୍ଥନ ସଭା ଅନୁଷ୍ଠିତ

ବଲାଙ୍ଗୀର, ୨୨/୦୫ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ବରପିଟା ଗ୍ରାମରେ ଷାଠିଏ ଘର ଡୁମାଲ ସମାଜର ଗ୍ରାମ୍ୟ ମନ୍ଥନ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ମନ୍ଥନ ସଭାରେ ଶେଷଦେବ କର୍ମୀ ସଭାପତିତ୍ୱ କରିଥିବା ବେଳେ ଆଇଜିବୀ ତିର୍ଥ ପଧାନ ମଂଚ ପରିଚାଳନା କରିଥିଲେ । ଜିଲ୍ଲାର ଡୁମାଲ ସମାଜ ପରିବାରର ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ, କୃଷି ତଥା ବ୍ୟବସାୟିକ ଉନ୍ନତି ର ଲକ୍ଷ୍ୟ ରଖି ସମାଜକୁ ଆହ୍ୱାନ ଦେଇ ଆସୁଥିବା ତଥା ଜାଗରଣ, ଗୁରୁବନ୍ଦନା, ମନ୍ଥନ, ପିତାମାତାଙ୍କ ଚରଣ ବନ୍ଦନା, ଯୋଗାଯୋଗ, ଗୁରୁ ଆଶୀର୍ବାଦ ଭଳି ସମାଜ ଆବୃତ କାର୍ଯ୍ୟକ୍ରମ ର ପ୍ରମୁଖ ତଥା ସମାଜସେବୀ, ବରିଷ୍ଠ ଆଇନଜିବୀ ଜଗନ୍ନାଥ କରନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ସମାଜରେ ଥିବା ଶିକ୍ଷାର ଉଚ୍ଚ ସ୍ତରକୁ ସମାଜିକ ଭାଇମାନଙ୍କ ନ ପହଂଚାଇଲେ ଆଗକୁ ଜୀବନ ଜୀବିକା ଉପରେ କୁପ୍ରଭାବ ପଡିବ ବୋଲି କହିବା ସହିତ ମହିଳା ସମାଜ ପାଇଁ ଉଚ୍ଚ ଶିକ୍ଷା ଗ୍ରହଣ କରିବା ଅପରିହାଯ୍ୟ ବୋଲି ଆହ୍ୱାନ ଦେଇଥିଲା । ସମ୍ମାନିତ ଅତିଥି ଭାବେ ଇଶ୍ୱର କରନ, ଆଇନଜିବି ରମାକାନ୍ତ ପଧାନ, ଶିବତଲା ଆଂଚଳିକ କମିଟିର ସଭାପତି ଗୁରୁଦେବ କର୍ମୀ, ରାଜ କୁମାର ପଧାନ, ଟିକେଶ୍ୱର କର୍ମୀ, ଚମରା ମହାକୁର, ଅବସର ଶିକ୍ଷକ ରାମେଶ୍ୱର ପଧାନ, ଚାପ କର୍ମୀ, ଅଭି ପଧାନ, ଚାପ କର୍ମୀ, ସହଦେବ ପଧାନ, ଭୁବନେଶ୍ୱର ପଧାନ ସମ୍ମାନିତ ଅତିଥି ଭାବେ ମଂଚାସିନ ଥିଲେ । ମାତୃପିତୃ ଚରଣ ବନ୍ଦନା କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କୁ ଆମନ୍ତ୍ରଣ କରାଯାଇ ତାଙ୍କ ପଦ ରଣ ଧୃତ କରିବା ସଙ୍ଗେ ସଙ୍ଗେ ଫୁଲ ଚନ୍ଦନ ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ପରିଣତ ବୟସରେ ସେମାନଙ୍କ ଉପଯୁକ୍ତ ଯତ୍ନ ନେବା ସହିତ ସେମାନେ କିପରି ସମ୍ମାନର ସହିତ ଜୀବନ ଅତିବାହିତ କରିପାରିବେ ଆମ୍ଭ ସମସ୍ତଙ୍କର ଉତର ଦାୟିତ୍ୱ ରହିଛି ବୋଲି ଅତିଥିବୃନ୍ଦ ମତ ବ୍ୟକ୍ତ କରିଥିଲା । ସମାଜରେ ବିକାଶର ପରିକଳ୍ପା ମାତ୍ର ସମାଜକୁ ପଛରେ ପକାଇ କେବେ ସମ୍ଭବ ହୋଇ ପାରିବ ନାହିଁ ବୋଲି ମତ ପ୍ରକାଶ କରି ଯେହେତୁ ଆମର ଇଷ୍ଟଦେବୀ ହେଉଛନ୍ତି ମାଁ ମାହେଶ୍ୱରୀ ତେଣୁ ମାତୃ ସମାଜକୁ ଶିକ୍ଷା କ୍ଷେତ୍ରରେ ପ୍ରାଥମିକତା ଦେବା ସହିତ ଆମ୍ଭ ସମସ୍ତଙ୍କ ଦାୟିତ୍ୱ ସେମାନଙ୍କୁ ସୁରକ୍ଷା ଦେଇ ଯଥୋଚିତ ସମ୍ମାନ ଦେବା ଉଚିତ ବୋଲି ସଭାରେ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶମ୍ଭୁ କର୍ମୀ, ଶ୍ରଦ୍ଧାକର କର୍ମୀ, ମମୀ କର୍ମୀ, ଗୁଲାପି କର୍ମୀ, ଦୁତି ପଧାନ, ସଂଗୀତା କର୍ମୀ, ଦୁଲଣୀ କର୍ମୀ, ପୁଷ୍ପଲତା କର୍ମୀ, ଯଶୋବନ୍ତି କର୍ମୀ, ମାର୍କଣ୍ଡ କର୍ମୀ, ଆକାଶ କର୍ମୀ, ନନ୍ଦୀ କର୍ମୀ, ପୁରୁଷୋତମ କର୍ମୀ, ଫଗୁନୁ କର୍ମୀ, ରବୀନ୍ଦ୍ର କର୍ମୀ, ଦୀନବନ୍ଧୁ କର୍ମୀ, ଅଖିଳ ପଧାନ, ଦିନବନ୍ଧୁ ପଧାନ, ପ୍ରସନ୍ନ କର୍ମୀ, ବେଣୁଧର କର୍ମୀ, ଅଙ୍ଗଦ ପଧାନ, ଚମରୁ କର୍ମୀ, ବିରଂଚି କର୍ମୀ, ଡାକ୍ତର କର୍ମୀ, କୃଷ୍ଣ କର୍ମୀ, ବିଘ୍ନରାଜ କର୍ମୀ, ରୋହିତ କର୍ମୀ, ଜଗନ୍ନାଥ କର୍ମୀ ପ୍ରମୁଖ ଶତାଧିକ ମହିଳା ଓ ଯୁବ ଗୋଷ୍ଠୀ ଉପସ୍ଥିତ ରହି ମନ୍ଥନ ସଭାକୁ ସଫଳ ରୂପାୟନ ଦେଇଥିଲେ ।

# ଅପରାଧୀ ଶଙ୍କର ବେହେରା ଗିରଫ

ଗଞ୍ଜାମ, ୨୨/୦୫ (ନି.ପ୍ର): ହତ୍ୟାକାଣ୍ଡରେ ସମ୍ପୃକ୍ତ ଥାଇ ବହୁ ବର୍ଷ ଧରି ଆତ୍ମଗୋପନ କରିଥିବା ଅପରାଧୀ ଶଙ୍କର ବେହେରା ଓରଫ କୋକୋକୁ ଗିରଫ କରିଛି ଗୋଷାଣୀନୂଆଗାଁ ଥାନା ପୋଲିସ । ଦୁଇ ଦିନ ତଳେ ସେସନ୍ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଶଙ୍କରର ନେହେରୁ ନଗରରେ ଥିବା ବାସଭବନ ସମେତ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତିକୁ ଜବତ କରାଯାଇଥିଲା । ଫଳରେ ଖବର ପାଇ ଶଙ୍କର ଗତକାଲି ବିଳମ୍ବିତ ରାତ୍ରୀରେ ପରିବାର ସଦସ୍ୟଙ୍କୁ ଦେଖା କରିବାକୁ ଆସିଥିବା ବେଳେ କୌଣସି ସୂତ୍ରରୁ ଗୋଷାଣୀନୂଆଗାଁ ପୋଲିସ ଖବର ପାଇ ଶଙ୍କରକୁ ଆଜି ସକାଳୁ ଗିରଫ କରିବାରେ ସଫଳ ହୋଇଛି ।

ସୂଚନା ଥାଉକି, ଶଙ୍କର ୨୦୦୬ ମସିହା ଅକ୍ଟୋବର ମାସରେ ବ୍ରହ୍ମପୁର ରେଳ ଷ୍ଟେସନ କାଳୀ ମନ୍ଦିର ନିକଟରେ ହୋଇଥିବା ଗଣେଶ ସାହୁ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିଲା । ପରେ କୋର୍ଟଙ୍କ ପକ୍ଷରୁ ୨୦୦୯ ମସିହାରେ ତା ବିରୋଧରେ ୱାରେଂଟ ଜାରି କରାଯାଇଥିଲା ।

# ମାଲକାନଗିରି ଦୌରାଜଜ୍ କୋର୍ଟରେ ଖୋଲିଲା ମହିଳା ଅଦାଲତ

ମାଲକାନଗିରି, ୨୧ ମଇ (ହି.ସ.) - ଓଡିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭର୍ଚ୍ଚୁଆଲ ମୋଡରେ ଏହାର ଉଦଘାଟନ କରିଛନ୍ତି । ଜିଲ୍ଲା ଦୌରାଜଜ୍ କୋର୍ଟ ପରିସରରେ ଉଦଘାଟିତ ହୋଇଯାଇଛି ମହିଳା ଅଦାଲଦ । ଭର୍ଚ୍ଚୁଆଲ ମୋଡରେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଏସ ମୁରଲୀଧର ଏହାର ଉଦଘାଟନ କରିଛନ୍ତି । ଏହି ମହିଳା କୋର୍ଟର ବିଚାରପତି ରହିଛନ୍ତି ସହକାରୀ ଦୌରାଜଜ ବବିତା ଦାସ । କୋର୍ଟରେ ମୁଖ୍ୟତଃ ମହିଳାଙ୍କ ବିରୋଧରେ ହେଉଥିବା ବିଭିନ୍ନ ମାମଲାର ବିଚାର କରାଯିବ । ଘରୋଇ ହିଂସା ଓ ଅନ୍ୟାନ୍ୟ ମହିଳା ସମ୍ବନ୍ଧୀୟ ମାମଲା ଏହି କୋର୍ଟରେ ଶୁଣାଣି ହୋଇପାରିବ । ଉଦଘାଟନୀ କାର୍ଯ୍ୟକ୍ରମରେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସମେତ, ବିଚାରପତି ଏମ ଏସ୍ ରମନ, ଜିଲ୍ଲା ଦୌରାଜଜ୍ ଅଜନ୍ତା ଷଡଙ୍ଗୀ, ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଉଦୟଭାନୁ ଜେନା, ସିଜେଏମ୍ ସତ୍ୟପ୍ରିୟ ଦାସ, ବରିଷ୍ଠ ଦେୱାନୀ ବିଚାରପତି ବିଜୟ କୁମାର ଦାସ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ରାକେଶ କୁମାର ମୁଦୁଲି, ରେଜିଷ୍ଟ୍ରାର ଅରୂପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ମାଲକାନଗିରି ସମେତ ପୁରୀ, ବୌଦ୍ଧ,ଅନୁଗୋଳ, କଂଟାମାଳ, ପୁରୁଷୋତମପୁର, କଳାହାଣ୍ଡିର ଜୟପାଟଣା, ଝାରସୁଗୁଡ଼ା, ସୁନ୍ଦରଗଡ, ବାଲେଶ୍ୱର, ଉଦୟଗିରି ଓ ବରଗଡରେ ମହିଳାଙ୍କ ପାଇଁ କୋର୍ଟ ସହ ସିଭିଲ କୋର୍ଟର ଶୁଭ ଉଦଘାଟନ କରିଥିଲେ ଜଷ୍ଟିସ ଏସ ମୁରଲୀଧର । ଏହି ସମୟରେ ବିଭିନ୍ନ ଜିଲ୍ଲାର ଦୌରାଜଜ ଓ ଅନ୍ୟାନ୍ୟ ବିଚାରପତିଙ୍କ ସହ ଜିଲ୍ଲାପାଳ ଓ ଏସ୍ ପି ମାନେ ଉପସ୍ଥିତ ଥିଲେ । ସୂଚନା ଥାଉକି, ଗତବର୍ଷ ମାଲକାନଗିରି ଜିଲ୍ଲାର ମାଥିଲି ଓ କୁଡୁମୁଲୁଗୁମ୍ମା ଠାରେ ଜେଏମ୍ଏଫ୍ ସି କୋର୍ଟ ଖୋଲାଯାଇଥିଲା । ସେହିଭଳି କିଛିମାସ ପୂର୍ବରୁ କୋରକୁଣ୍ଡା ଠାରେ ଗ୍ରାମ୍ୟ ନ୍ୟାୟାଳୟ ଖୋଲାଯାଇଛି । ଯାହା ଫଳରେ ଏହି ଅଞ୍ଚଳର ଲୋକମାନେ ଛୋଟ ଛୋଟ କେସରେ ନ୍ୟାୟ ପାଇବା ପାଇଁ ମାଲକାନଗିରି ଆସିବାକୁ ପଡୁନାହିଁ । ସେହିପରି ମାଲକାନଗିରି ଠାରେ ଡିଜେ କୋର୍ଟ ସହ,ଏଡିଜେ କୋର୍ଟ, ସବ୍ ଜର୍ଜ କୋର୍ଟ, ସିଜିଏମ୍ କୋର୍ଟ, ଏଟିଜିଏମ୍ କୋର୍ଟ, ଡିଏଲ୍ ଏସ୍ ସେକ୍ରେଟେରି କୋର୍ଟ ଓ ଜେଏମ୍ଏଫ୍ ସି କୋର୍ଟ ରହିଛି । ସେସଭାଗ ଏମ୍ ଭି ୭୯ ଠାରେ ମଟୁ ଏଟିଜିଏମ୍ କୋର୍ଟ ରହିଛି । ଓଡିଶାର ମୋଟ ୬ଟି ସ୍ଥାନରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ସହକାରୀ ଦୌରା ଜର୍ଜ ଅଦାଲତ ଖୋଲାଯାଇଛି । ନବରଙ୍ଗପୁର, ଝାରସୁଗୁଡା, ସୁନ୍ଦରଗଡ, ଅନୁଗୋଳ, ବୌଦ୍ଧ ଓ ମାଲକାନଗିରି ଠାରେ ମହିଳା ଅଦାଲତର ଉଦଘାଟନ ହୋଇଥିବାବଳେ ପୁରୀ, କଂଟାମାଳ, ଗଞ୍ଜାମ ଜିଲ୍ଲାର ପୁରୁଷୋତମପୁର, କଳାହାଣ୍ଡିର ଜିଲ୍ଲାର ଜୟପାଟଣା ଓ କନ୍ଧମାଳର ଜି ଉଦୟଗିରି ଠାରେ ସିଭିଲ କୋର୍ଟର ଉଦଘାଟନ ହୋଇଯାଇଛି ।

# ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ନୂଆପଡ଼ା, ୨୨/୦୫ (ନି.ପ୍ର): ନୂଆପଡା ଜିଲା ବ୍ୟାଡମିଣ୍ଟନ ଏସୋସିଏସନ ତରଫରୁ ଜୁନିୟର (୧୯ ବର୍ଷରୁ କମ) ଷ୍ଟେଟ ରେଙ୍କିଙ୍ଗ ଟୁର୍ଣ୍ଣାମେଂଟ ଖଡ଼ିଆଳ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଗତ ୧୯ ତାରିଖ ଠାରୁ ତିନି ଦିନ ଧରି ଅନୁଷ୍ଠିତ ହେଉଥିବା ଖେଳ ଆଜି ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସର ଖେଳରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଖଡ଼ିଆଳ ଅତିରିକ୍ତ ତହସିଲଦାର ଜୟସନ ଧରୁଆ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ତିମ ଦିନର ଖେଳରେ ୫ ଗୋଟି ବିଭାଗର ପୁରୁଷ ସିଙ୍ଗଲ, ପୁରୁଷ ଡବଲ, ମହିଳା ସିଙ୍ଗଲ ,ମହିଳା ଡବଲ ,ମିକ୍ସ ଡବଲ ଅନୁଷ୍ଠିତ ହୋଇଥିଲା । ପୁରୁଷ ବିଭାଗ ସିଙ୍ଗଲ ବିଭାଗରେ ତସିଫ ଖାନ ସମ୍ବଲପୁରର ବିଜେତା ହୋଇଥିବା ବେଳେ ଆର୍ଯ୍ୟ ମାଝୀ ବାଲେଶ୍ୱରର ରନର୍ସ ଅଫ ହୋଇଥିଲେ । ସେହିପରି ପୁରୁଷ ଡବଲ ବିଭାଗରେ ତସୀଫ ଖାନ ସମ୍ବଲପୁର, ଅମୀୟ ନାୟକ ବାଲେଶ୍ୱର ବିଜେତା ହୋଇଥିବା ବେଳେ ରନର୍ସ ଅଫ ଅର୍ପିତ ପଣ୍ଡା କଳାହାଣ୍ଡି ,କୃଷ୍ଣ ସେଓଦା ବରଗଡ଼ ରନର୍ସ ଅଫ ହୋଇଥିଲେ । ସେହିପରି ମହିଳା ବିଭାଗରେ ମହିଳା ସିଙ୍ଗଲରେ ହର୍ଶିତା ରାଉତ ଖୋର୍ଦ୍ଧା ବିଜେତା ହୋଇଥିବା ବେଳେ ରନର୍ସ ଅଫ ଗୀତାଶ୍ରୀ ଦେ ସୁନ୍ଦରଗଡ ରନର୍ସ ଅଫ ହୋଇଥିଲେ । ମହିଳା ଡବଲ ବିଭାଗରେ ପ୍ରଗତି ପରିଡା ଜୟପୁର, ବିଶାଖା ଟପୋ ସୁନ୍ଦରଗଡ ବିଜେତା ହୋଇଥିଲେ । ଇସାନି ସାହୁ, ଅମିତା ଘୋଷ ସମ୍ବଲପୁର ରନର୍ସ ଅଫ ହୋଇଥିଲେ । ମିକ୍ସ ଡବଲ ବିଭାଗରେ ଆର୍ଯ୍ୟ ମାଝୀ ବାଲେଶ୍ୱର, ହର୍ଶିତା ରାଉତ ଖୋର୍ଦ୍ଧା ବିଜେତା ହୋଇଥିବା ବେଳେ ଅର୍ପିତା ପଣ୍ଡା, ଅସ୍ୱୀକା ମିଶ୍ର ସମ୍ବଲପୁର ରନର୍ସ ଅଫ ହୋଇଥିଲେ । ଖେଳ ପରିଚାଳନାରେ ଓଡିଶା ଷ୍ଟେଟ ବ୍ୟାଡମିଣ୍ଟନ ଆସୋସିଏସନର ମାନ୍ୟତାପ୍ରାପ୍ତ ଆମ୍ପାୟାର ମାନେ ଖେଳ ପରିଚାଳନା କତିଥିବା ବେଳେ ମୁଖ୍ୟ ଅମ୍ପାୟାର ଭାବେ ଲକ୍ଷପତି ନନ୍ଦ ସମସ୍ତ ମ୍ୟାଚକୁ ପରିଚାଳନା କରିଥିଲେ । ନୂଆପଡା ଜିଲା ବ୍ୟାଡ଼ମିଂଟନ ସଂଘର ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ସମ୍ପାଦକ ଅଙ୍କିତ କୁମାର ସାହୁ, ଅରଗାନାଇଜ ସମ୍ପାଦକ ସୁଦୀପ୍ତ କୁମାର ବିଶୋଇ, ଟୁର୍ଣ୍ଣମେଣ୍ଟ କୋ ଅଡିନେଟର ପ୍ରଭଞ୍ଜନ ସେଠି, ଅକ୍ଷୟ କୁମାର ପାଢୀ, ଯୁଗ୍ମ ସମ୍ପାଦକ ଡକ୍ଟର ସରୋଜ କୁମାର ପଣ୍ଡା, ଦୁର୍ବା ରଞ୍ଜନ ଖମାରୀ, ଜିଲା କ୍ରୀଡା ଶିକ୍ଷା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା, ରାଜାଏଟି ହାଇସ୍କୁଲର କ୍ରୀଡା ଶିକ୍ଷକ ରତନ ସିଂ ବାରିକ, ପ୍ରସନ୍ନ ମହାନା, କିରଣ ଧରୁଆ, ବିଶ୍ୱଜିତ ପାଢ଼ୀ ଗତ ତିନିଦିନ ହେଲା ସହଯୋଗ କରିଥିଲେ ।

# ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ

ଧର୍ମଶାଳା, ୨୨/୦୫ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକର ୧୦ ଗୋଟି ପଂଚାୟତକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଓ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରସୁଲପୁର ବ୍ଲକ ସାମନ୍ତରାପୁର ପଂଚାୟତସ୍ଥ ଶିକିଚିଲବାଗ ମଠ ପରିସରରେ ବରୀ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତ୍ରୀ ଆରତୀ ଦେଓଙ୍କ ନେତୃତ୍ୱରେ ରସୁଲପୁର ବ୍ଲକ ସଭାପତି ମିହିର ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂଗଠନିକ ବୈଠକ ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଫଟୋ ଚିତ୍ର ପୁଷ୍ପମାଲ୍ୟ ଅର୍ପଣ ପରେ ବୈଠକ ଅନୁଷ୍ଠିତ ହୋଇଥିଲା । ଆଗକୁ ଦଳ କିପରି ତୃଣମୂଳ ସ୍ତରରେ ସକ୍ରୀୟ ହୋଇ ଲୋକଙ୍କ ନିକଟରେ ପଂହଚିବ,ଯୁବ ସଂଗଠକମାନଙ୍କୁ ଏକତ୍ର କରିବା ସହ ବରିଷ୍ଠ କଂଗ୍ରେସ ନେତାଙ୍କ ଅନୁଭବକୁ କାର୍ଯ୍ୟରେ ପରିଣତ କରି ସାଧାରଣ ଲୋକଙ୍କ ସମସ୍ୟାକୁ ଲୋକାଲୋଚନକୁ ଆଣିବାକୁ ପୟାସ କରାଯିବ ବୋଲି ଏହି ବୈଠକରେ ନିଷ୍ପତି ନିଆଯାଇଥିଲା । ଏହା ସହିତ ପ୍ରତି ପଂଚାୟତରେ ୨୦ ଜଣିଆ କମିଟି ଗଠନ କରାଯିବ ବୋଲି କାର୍ଯ୍ୟ ପନ୍ଥା ସ୍ଥିର ହୋଇଛି । ଜୟ ରାମ ପଣ୍ଡା, ମଧୁ ସାହୁ, କୈଳାସ ସାହୁ, ବେଣା ମହାପାତ୍ର, ନରେଶ ସାହୁ, ସୁବାସ ମଲ୍ଲିକ, ନରେଶ ପୃଷ୍ଟି,ନରେଶ ବେହେରା, ସଂଗ୍ରାମ ରାଉତ, ଦୃଷ୍ଟଦ୍ୟୁମ୍ନ ମହାନ୍ତି,ସେକ୍ ତଫିରୁଦ୍ଦିନ, ସେକ୍ ଇନ୍ତେୟାଜ, ସେକ ଫକିରୁଦ୍ଦିନ, ସେକ୍ ଅମୁରୁଲ,ସେକ୍ ଅବନା ଓ ସେକ୍ ନୁରୁଲ୍ଲା ପ୍ରମୁଖ ଯୋଗ ଦେଇ ବଭିନ୍ନ ଅଂଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକର ବନ୍ଧଡିହ, ବ୍ରହ୍ମବରଦା, ମହେଶ୍ୱରପୁର , ମଙ୍ଗରାଜପୁର ,ରାଉତରାପୁର, ଅର୍ଥଙ୍ଗା, ସାମନ୍ତରାପୁର, ଅତଳାପୁର, ରାଜେନ୍ଦ୍ରପୁର ଓ ପ୍ରଥମାଖଣ୍ଡ ପଂଚାୟତର ଶତାଧିକ ବରିଷ୍ଠ କର୍ମୀ,ଯୁବ ନେତା ଓ ମହିଳା ନେତ୍ରୀ ଯୋଗ ଦେଇଥିଲେ । ଶେଷରେ ଯୁବନେତା ଅନନ୍ତ ଘଡାଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଡ ଓଝେଇରେ ଅବକାରି ଚଢାଉ

ଜୟପୁର, ୨୨/୦୫ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ବଡ ଓଝେଇ ଜଙ୍ଗଲରେ ଅବକାରି ଚଢାଉ ହୋଇଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଚଢାଉ କରାଯାଇଥିବା ଜଣାଯାଇଛି ।

# କେନ୍ଦ୍ର ସରକାରଙ୍କ ଦେଶ ବିରୋଧୀ ନୀତି ବିରୋଧରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସ୍ୱାଧୀନ ଫେଡେରେସନମାନଙ୍କର ରାଜ୍ୟସ୍ତରୀୟ କନ୍‌ଭେନସନ୍

ଭୁବନେଶ୍ୱର, ୨୨/୦୫ (ନି.ପ୍ର): କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୧୪ ମସିହାରୁ ଆର୍.ଏସ୍,ଏସ୍. ପରିଚାଳିତ ବିଜେପି ସରକାରର ୯ ବର୍ଷ ପୂର୍ଣ୍ଣ ହେବାକୁ ଯାଉଛି । ଏହି ସମୟ ମଧ୍ୟରେ ସରକାରଙ୍କ ଜନବିରୋଧି ତଥା ଦେଶ ବିରୋଧୀ ନୀତି ଯୋଗୁଁ ସକଳ ସ୍ତରର ଜନଗଣଙ୍କର ଅବସ୍ଥା ଦୁର୍ବିସହ ହୋଇଛି । ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟବୃଦ୍ଧି, ବେକାରୀ, ଛଟେଇ, ଦାରିଦ୍ର୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ଅବ୍ୟବସ୍ଥା ଆଦି ସମସ୍ତ ଜନଗଣଙ୍କ ଆର୍ଥୀକ ସ୍ଥିତିକୁ ଦୟନୀୟ କରିଛି । ସରକାରଙ୍କର ବିମୁଦ୍ରାକରଣ ପଦକ୍ଷେପ ଜନଗଣଙ୍କର ଜୀବନ ଜୀବିକା ଉପରେ ଅତ୍ୟନ୍ତ କୁପ୍ରଭାବ ପକାଇଛି । ଏହି ଯୋଜନାର କୌଣସି ଗୋଟିଏ ହେଲେ ଉଦ୍ଦେଶ୍ୟ ପୂରଣ ହେଲା ନାହିଁ ବରଂ ଜନଗଣଙ୍କର ଅଶେଷ କ୍ଷତି ସାଧନ କଲା । ଶ୍ରମିକମାନଙ୍କ କଷ୍ଟୋପାର୍ଜ୍ଜିତ ୪୪ ଟି ଶ୍ରମ ଆଇନକୁ ଅତ୍ୟନ୍ତ ଅଗଣତାନ୍ତ୍ରିକଭାବେ ବାତିଲ କରି ଦନ୍ତହୀନ ୪ଟି ଶ୍ରମ କୋଡ୍ ପ୍ରସ୍ତୁତ କରାଯାଇଛି । କୃଷକ ମାନଙ୍କର ଲଗାତର ଓ ଦେଶବ୍ୟାପୀ ପ୍ରତିବାଦ ଓ ପ୍ରତିରୋଧ ଆନ୍ଦୋଳନ ଯୋଗୁଁ ୩ଟି କୃଷି ଆଇନ୍ ବାତିଲ ହୋଇଛି । କିନ୍ତୁ ଚାଷୀ ଫସଲର ସର୍ବନିମ୍ନ ସହାୟତା ମୂଲ୍ୟ ପାଇଁ ବିଜ୍ଞପ୍ତି ଓ ତାକୁ ସରକାର ସଂଗ୍ରହ କରିବାର ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପାଳନ କରି ନାହାନ୍ତି । କେନ୍ଦ୍ର ସରକାର ରାଷ୍ଟ୍ରାୟତ ଉଦ୍ୟୋଗ ଓ ସରକାରୀ ବିଭାଗ ଗୁଡିକରେ ଘରୋଇକରଣ ବ୍ୟାପକଭାବେ କରି ଚାଲିଛନ୍ତି । ଦେଶର ମୂଲ୍ୟବାନ୍ ଖଣିଜ ସମ୍ପଦ, ଜମି, ଜଳ, ଜଙ୍ଗଲ ଆଦି ସମସ୍ତ ପ୍ରାକୃତିକ ସମ୍ପଦକୁ ଦେଶୀ ବିଦେଶୀ କର୍ପୋରେଟ୍ ସଂସ୍ଥାମାନଙ୍କ ହାତରେ ଟେକି ଦେଉଛନ୍ତି । ଘୃଣ୍ୟ ଜାତୀୟ ମୁଦ୍ରାକରଣ ନୀତି (ଏନ୍.ଏମ୍.ପି) ଜରିଆରେ ଅମୂଲ୍ୟ ସମ୍ପଦକୁ ମୁଷ୍ଟିମେୟ ପୁଞ୍ଜିପତିଙ୍କୁ ହସ୍ତାନ୍ତର କରୁଛନ୍ତି । ଲୁହା, ଇସ୍ପାତ, କୋଇଲା, ରେଳବାଇ, ଜଳପଥ, ସ୍ଥଳପଥ, ଆକାଶ ପଥ, ବନ୍ଦର, ବିମାନ ବନ୍ଦର ଓ ବସ୍ତୁତଃ ଅନ୍ୟାନ୍ୟ ସମସ୍ତ ସଂସ୍ଥା ଏପରିକି ଆର୍ଥୀକ କ୍ଷେତ୍ର ଓ ଆର୍ଥୀକ ସଂସ୍ଥାମାନେ ମଧ୍ୟ ଏଥିରୁ ବାଦ୍ ପଡିନାହାନ୍ତି । ବିଭିନ୍ନ ବିଭାଗରେ ସ୍ଥାୟୀ ପଦ ପଦବୀ ପୂରଣ ନକରି ତାହାର ଉଚ୍ଛେଦ କରାଯାଉଛି । ଠିକା, କାଜୁଆଲ, ଅସ୍ଥାୟୀ ଶ୍ରମିକ ମାନଙ୍କ ମଜୁରି ଅତ୍ୟନ୍ତ ଦୟନୀୟ । ସେମାନଙ୍କୁ ସ୍ଥାୟୀ ନକରି ସେହି କାର୍ଯ୍ୟର ଠିକାକରଣ ଓ ଆଉଟସୋର୍ସିଂ କରିବାସହ ଫିକ୍ସଡ୍ ଟାଇମ ନିଯୁକ୍ତି ଦିଆଯାଉଛି । ସମସ୍ତ ଶ୍ରମିକଙ୍କୁ ସମାନ କାମ ପାଇଁ ସମାନ ମଜୁରି ମିଳିବା ଦରକାର । ସରକାରଙ୍କ ବହୁ ସେବାମୂଳକ କାର୍ଯ୍ୟରେ ସ୍କିମ୍ ଶ୍ରମିକ ମାନଙ୍କୁ ନିଯୁକ୍ତି ଦିଆଯାଇଛି । ସେମାନଙ୍କୁ ସର୍ବନିମ୍ନ ମଜୁରି ମାସିକ ୨୬,୦୦୦ ଟଙ୍କା, ଶ୍ରମିକର ମାନ୍ୟତା ଓ ସାମାଜିକ ନିରାପତ୍ତା ଦିଆଯାଉ ନାହିଁ । ଏହାଛଡା ଗୃହଭିତ୍ତିକ ୩.୫ କୋଟି (ହୋମ ବେସ୍‌ଡ ୱାର୍କର) ଶ୍ରମିକ ଅଛନ୍ତି । ସେମାନଙ୍କୁ କୌଣସି ସୁବିଧା ସୁଯୋଗ ମିଳୁନାହିଁ । ମନରେଗା କାର୍ଯ୍ୟ ପାଇଁ ଅର୍ଥ ବରାଦ ବର୍ଷକୁ ବର୍ଷ କମି କମି ଚାଲିଛି । ପେନସନ୍ ଭଳି ଏକ ସାମାଜିକ ସୁରକ୍ଷା ସମସ୍ତଙ୍କୁ ମିଳିବା ଦରକାର । ଜାତୀୟ ପେନସନ୍ ଯୋଜନା (ଏନ୍.ପି.ଏସ୍)କୁ ବାତିଲ କରି ପୁରୁଣା ପେନସନ୍ ବ୍ୟବସ୍ଥା (ଓ.ପି.ଏସ୍) ଚାଲୁକରିବା ସହ ଇ.ପି.ଏସ୍.-୯୫ ଯୋଜନାରେ ଉନ୍ନତି ଆଣିବାପାଇଁ ସୁପ୍ରୀମକୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ କରି ମାସିକ ୯୦୦୦ ଟଙ୍କା ସର୍ବନିମ୍ନ ପେନସନ୍ କରିବା ଦରକାର । ସରକାରଙ୍କ ବିରୋଧରେ ଶ୍ରମଜୀବୀ ଜନଗଣ, ସାଧାରଣ ନାଗରିକ ଏବଂ ବିରୋଧୀ ଦଳ ପ୍ରତିବାଦ କଲେ ସେମାନଙ୍କୁ ଦେଶଦ୍ରୋହୀ କହି ଇ.ଡି, ସି.ବି.ଆଇ., ଏନ.ଆଇ.ଏ. ଓ ୟୁ.ଏ.ପି.ଏ. ଭଳି ଆଇନ୍ ସେମାନଙ୍କୁ ନୀରବ କରିଦେବା ପାଇଁ ବ୍ୟବହାର କରାଯାଉଛି । ନିଜର ଶୋଷଣ ଶାସନକୁ ବଜାୟ ରଖିବାପାଇଁ ଲଭ୍ ଜିହାଦ, ସି.ଏ.ଏ. ଏନ୍.ଆର.ସି. ଭଳି ପ୍ରସଙ୍ଗ ଉଠାଇ ସାମ୍ପ୍ରଦାୟୀକ, ଜାତିଗତ ଦଙ୍ଗା ସୃଷ୍ଟି ପାଇଁ ଅପଚେଷ୍ଟା ସହ ହିନ୍ଦୁତ୍ୱବାଦୀ ରାଷ୍ଟ୍ର ପ୍ରତିଷ୍ଠା ପାଇଁ ପ୍ରୟାସ କରାଯାଉଛି । ଦେଶର ଗଣତନ୍ତ୍ର, ଗଣତାନ୍ତ୍ରିକ ପାର୍ଲିଆମେଣ୍ଟାରୀ ବ୍ୟବସ୍ଥା, ଧର୍ମନୀରପେକ୍ଷତା ପ୍ରତି କୁଠାରାଘାତ କରି ଏକଦଳୀୟ ସ୍ୱେରତାନ୍ତ୍ରିକ ନବ୍ୟ ଫାସିବାଦୀ ଶାସନ ପ୍ରତିଷ୍ଠା ପାଇଁ ଅପଚେଷ୍ଟା କରାଯାଉଛି ।

# ଧର୍ମଶାଳା କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀ ଶ୍ରାଦ୍ଧ ଦିବସ ପାଳିତ

ଧର୍ମଶାଳା, ୨୨/୦୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଧର୍ମଶାଳା ବ୍ଲକ କୁମାରୀ ପଂଚାୟତସ୍ଥ କଂଗ୍ରେସ କାର୍ଯ୍ୟାଳୟ ଏହି ଶ୍ରଦ୍ଧ ଉତ୍ସବ ପାଳିତ ହୋଇଥିଲା । ଏହି ଅବସରରେ ଜାରକା ବସ ଷ୍ଟାଣ୍ଡ ଓ ଗୋପବନ୍ଧୁ ଛକଠାରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଦେଶ କଂଗ୍ରେସ କମିଟି ସଭ୍ୟ କିଶାନ ପଣ୍ଡା,କୃଷକ ନେତା ବସନ୍ତ ପରିଡା,ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟ,ଯୁବ କଂଗ୍ରେସ ସଭାପତି ପ୍ରଭାତ କୁମାର ରାଉତ.ପ୍ରଜାପତି ବ୍ରହ୍ମକୁମାରୀ କେନ୍ଦ୍ର ଧର୍ମଶାଳା ଶାଖାର ଭାଇ ବିରଜା,କୃଷ୍ଣଙ୍କ ସମେତ ପର୍ଶୁରାମ ମଲିକ,କାର୍ତ୍ତିକ ସାହୁ,ଯୁବ ନେତା ଦେବାଶିଷ ପରିଡା,ଦିପକ କୁମାର ବଳ,ନୀଳମଣୀ ମହାନ୍ତି ,ବାବାଜୀ ରାଉତ ଓ ନୀଳମଣୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଜଣାଇବା ସହ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଚୁଟି ଷ୍ଟ୍ରେଟ୍ କରୁଥିଲେ ସାବଧାନ: ହୋଇପାରେ କ୍ୟାନ୍ସର

**ଯୁବତୀ ଓ ମହିଳାମାନେ ଚୁଟି ଷ୍ଟ୍ରେଟ୍ କରିବା ବର୍ତମାନ ଏକ ଅଭ୍ୟାସରେ ପରିଣତ ହେଲାଣି । ଛୋଟରୁ ବଡ, ଚୁଟି ଷ୍ଟ୍ରେଟ୍ କରିବା ସମସ୍ତଙ୍କ ପାଲଟିଗଲାଣି ସଉକ । ଘରେ ଘରେ କିଏ ନା କିଏ ନିଜ ଚୁଟି ସିଧା କରିବା ସହ ନୂଆ ଲୁକ୍ ଦେଉଛନ୍ତି । କହିବାକୁ ଗଲେ, ଷ୍ଟ୍ରେଟ୍ ଚୁଟି ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଦିଏ । ସେଥିପାଇଁ ତ ଏହା ପଛରେ ଯୁବପୀଢି ପାଗଳ । ଆପଣ ବି ଚୁଟି ଷ୍ଟ୍ରେଟ୍ କରୁଛନ୍ତି କି ? ତେବେ ସାବଧାନ । ଏହାଦ୍ୱାରା ଆପଣଙ୍କୁ ହୋଇପାରେ କ୍ୟାନସର ।**

ପରମାନେଣ୍ଟ ହେୟାର ଷ୍ଟ୍ରେଟନିଙ୍ଗ ଅର୍ଥାତ୍ ସ୍ଥାୟୀ ଭାବରେ ଚୁଟି ସିଧା କରିବା ଆପଣଙ୍କୁ ଷ୍ଟାଇଲିସ ଲାଗିପାରେ ତେବେ ବାରମ୍ୱାର ଏହା କରିବା ଦ୍ୱାରା ଚୁଟିକୁ କ୍ଷତି ମଧ୍ୟ ପହଁଚିଥାଏ । ଏପରିକି ଚୁଟି ଷ୍ଟ୍ରେଟ୍ କରିବା ବେଳେ ଯେଉଁ କେମିକାଲ ବ୍ୟବହାର କରାଯାଏ ତାହାଦ୍ୱାରା କ୍ୟାନସର ଆଶଙ୍କା ବଢିଥାଏ । ଏକ ଗବେଷଣାରୁ ଆମେରିକାର ବୈଜ୍ଞାନିକ ଦାବି କରିଛନ୍ତି ଯେ, ଚୁଟି ସିଧା କରିବାକୁ ବ୍ୟବହାର ହେଉଥିବା ରସାୟନ ପଦାର୍ଥ ଗର୍ଭାଶୟ କ୍ୟାନସର ଆଶଙ୍କାକୁ ବଢାଇଦିଏ । ବିଶ୍ୱରେ ପ୍ରତିବର୍ଷ ୫ ଲକ୍ଷ ମହିଳା ଗର୍ଭାଶୟ କ୍ୟାନସରରେ ପୀଡିତ ହୁଅନ୍ତି । ବିକାଶଶୀଳ ଦେଶମାନଙ୍କରେ ପ୍ରାୟ ୮୫ ପ୍ରତିଶତ ମହିଳାଙ୍କଠାରେ ଗର୍ଭାଶୟ କ୍ୟାନସରର ବିପଦ ରହିଛି । ଭାରତରେ ୩୦ରୁ ୫୯ ବର୍ଷ ବୟସ୍କ ମହିଳାଙ୍କ କ୍ଷେତ୍ରରେ ୩୬ ପ୍ରତିଶତଙ୍କ ଠାରେ ଏହି ବିପଦ ରହିଛି । ଗର୍ଭାଶୟ କ୍ୟାନସର ହେଲେ ମହିଳାଙ୍କ ପେଟରେ ପୀଡା, ପରିଶ୍ରାରେ ପୋଡାଜଳା, ଭୋକ ନଲାଗିବା, ଅନିୟମିତ ଋତୁସ୍ରାବ ଏବଂ ଓଜନ ହ୍ରାସ ପାଇବା ଭଳି ଲକ୍ଷଣ ଦେଖାଦେଇଥାଏ । ନାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ ପକ୍ଷରୁ କରାଯାଇଥିବା ଅଧ୍ୟୟନରେ ଆମେରିକାର ୩୩ ହଜାର ମହିଳାଙ୍କ ଉପରେ ୧୦ ବର୍ଷ ଧରି ନଜର



ରଖାଯାଇଥିଲା । ଷ୍ଟଡିରେ ୩୫ରୁ ୭୪ ବର୍ଷୀୟ ମହିଳାଙ୍କୁ ସାମିଲ କରାଯାଇଥିଲା । ଗବେଷଣାରୁ ଜଣାପଡିଥିଲା ଯେ, ବର୍ଷକୁ ୪ ଥରରୁ ଅଧିକ ଚୁଟି ଷ୍ଟ୍ରେଟ୍ କରୁଥିବା ମହିଳାଙ୍କ କ୍ଷେତ୍ରରେ ଗର୍ଭାଶୟ କ୍ୟାନସରର ହାର ୪.୦୫ପ୍ରତିଶତ । ଅନ୍ୟ ମହିଳାଙ୍କ କ୍ଷେତ୍ରରେ ଏହା ୧.୬୪ପ୍ରତିଶତ । ଗବେଷଣା ଅନୁସାରେ, ହେୟାର ଷ୍ଟ୍ରେଟନିଙ୍ଗ କ୍ରିମରେ ଥିବା କେମିକାଲ ମସ୍ତିଷ୍କ ମାଧ୍ୟମରେ ରକ୍ତରେ ମିଶି ଗର୍ଭାଶୟକୁ ଯାଇଥାଏ । ଯାହା ପରବର୍ତ୍ତୀ ସମୟରେ ଗର୍ଭାଶୟ କ୍ୟାନସର କରାଇଥାଏ ।

# ନିଜଠୁ ଅଧିକ ବୟସ ବ୍ୟକ୍ତିଙ୍କୁ ବିବାହ କଲେ ମିଳିଥାଏ ୪ ପ୍ରକାର ଫାଇଦା

**କୁହାଯାଏ ଯେ ବୟ ହେଉଛି ଏକ କେବଳ ଏକ ସଂଖ୍ୟା । ଜଣେ ବୟସ୍କଙ୍କୁ ବିବାହ କଲେ ଜି ଆପଣଙ୍କଠାରୁ ୧୦ରୁ ୧୫ ବର୍ଷ ଅଧିକ ବୟସ୍କ ଏହା ସାମାନ୍ୟ ଆଶ୍ଚର୍ଯ୍ୟକର ହୋଇପାରେ, କିନ୍ତୁ ଏହା ଆଦୌ ଭୁଲ ନିଷ୍ପତି ନୁହେଁ । କାରଣ ତାଙ୍କ ଜୀବନ ସେମାନଙ୍କର ନିୟନ୍ତ୍ରଣରେ ଥାଏ । ସେମାନେ ସଫଳ ମଧ୍ୟ, ଖୋଲା ମନ ଏବଂ ସ୍ଥିର ଅଟନ୍ତି । ଜଣେ ବୟସ୍କ ବ୍ୟକ୍ତିଙ୍କୁ ବିବାହ କରିବା ତାଙ୍କର ସୁବିଧାଗୁଡ଼ିକର ଅଂଶ ମଧ୍ୟ ଆପଣ ହୋଇପାରନ୍ତି ।**

**ଏହି ପ୍ରକାର କମ୍ବିନେସନ୍ ଭଲ ବୈବାହିକ ସମ୍ପର୍କର ଲକ୍ଷଣ । ଆଜି ଆମେ ଆପଣଙ୍କୁ ଏହାର ଫାଇଦା ସମ୍ପର୍କରେ ପ୍ରକାଶ କରୁଛୁ ।**

- **ଇନ୍ସିକ୍ୟୁରିଟି ହୁଏନି:** କମ୍ ବୟସର ଯୁବକଙ୍କଠାରେ ଅନେକ ସମୟରେ ନିଜ ପରିଚୟ, ପ୍ରତିଷ୍ଠା ସହ ଯୁବତୀଙ୍କୁ ନେଇ ଇନ୍ସିକ୍ୟୁରିଟି ରହିଥାଏ । ଅନେକ କ୍ଷେତ୍ରରେ ସେମାନେ ଅଧିକ ମାଚ୍ୟୁଅର ହୋଇ ନଥାନ୍ତି । ଫଳରେ ସେମାନେ ଅଧିକାଂଶ ସମୟରେ ନିଜ ମହିଳା ପାର୍ଟନରଙ୍କ ଉପରେ ସନ୍ଦେହ ମଧ୍ୟ କରିଥାନ୍ତି । କିନ୍ତୁ ଯୁବତୀଙ୍କଠାରୁ ଅଧିକ ବୟସର ପୁରୁଷଙ୍କଠାରେ ପ୍ରାୟତଃ ଏପରି ସମସ୍ୟା ଦେଖାଯାଇ ନଥାଏ । ସେମାନେ ଅନେକ ବୁଦ୍ଧିମାନର ସହ ସବୁ କାମ କରିଥାନ୍ତି ।
- **ଝଗଡ଼ା କମ୍ ହୁଏ ଏବଂ ମାଚ୍ୟୁରିଟି ଅଧିକ ଦେଖାନ୍ତି:** ଅଧିକ ବୟସର ପୁରୁଷ କମ୍ ବୟସର ଯୁବତୀଙ୍କ ତୁଳନାରେ ଅଧିକ ମାଚ୍ୟୁଅର । ସେ ନିଜ ଲାଇଫ୍ ପାର୍ଟନରଙ୍କ ସମସ୍ତ ପସନ୍ଦ ନାପସନ୍ଦ ଭଲ ଭାବେ ବୁଝିଥାନ୍ତି । ନିଜ ସହଧର୍ମୀଣିଙ୍କ ଛୋଟ ଛୋଟ ଭୁଲ୍‌କୁ ନେଇ ଅଧିକ କ୍ରୋଧିତ ହୋଇ ନଥାନ୍ତି । ଏହାଫଳରେ ପରସ୍ପର ମଧ୍ୟରେ ଝଗଡ଼ା ମଧ୍ୟ କମ୍ ହୋଇଥାଏ ।
- **ଚେହେରା ଅଧିକ ପ୍ରଭାବ ପକାଇ ନଥାଏ:** ଅଧିକ ବୟସର ପୁରୁଷ ନିଜ ସହଧର୍ମୀଣିଙ୍କ ଚେହେରାକୁ ନେଇ ଅଧିକ ଚିନ୍ତା କରନ୍ତି ନାହିଁ, ଅନେକ କ୍ଷେତ୍ରରେ ସେମାନେ ହୃଦୟର ସହ ଭଲ ପାଇଥାନ୍ତି ଏବଂ ନିଜ ପାର୍ଟନରଙ୍କ ବ୍ୟବହାର ଓ ଅଣ୍ଡରଷ୍ଟାଣ୍ଡିଂକୁ ଅନୁଧ୍ୟାନ କରିଥାନ୍ତି । କିନ୍ତୁ କମ୍ ବୟସର ଯୁବକ ନିଜ ସହଧର୍ମୀଣିଙ୍କ ଚେହେରା ପ୍ରତି ଆକର୍ଷିତ ହୋଇଥାନ୍ତି ।
- **ଟଙ୍କା ମ୍ୟାନେଜମେଣ୍ଟ:** ଘରର ଆର୍ଥୀକ ସ୍ଥିତିକୁ କିପରି ସ୍ଥିତର ରଖାଯିବ ତାହା ବୟସରେ ବଡ଼ ସ୍ୱାମୀ ଠିକ୍ ଭାବେ ବୁଝିପାରନ୍ତି । ଅନେକ କ୍ଷେତ୍ରରେ ସେମାନେ ଅଧିକ ଖର୍ଚ୍ଚାନ୍ତ ସ୍ୱାଭାବର ହୋଇ ନଥାନ୍ତି । ସେମାନଙ୍କୁ ଟଙ୍କାର ଆବଶ୍ୟକତା ସମ୍ପର୍କରେ ଠିକ୍ ଭାବେ ଜ୍ଞାନ ଥାଏ । ଫଳରେ ସେମାନେ ଟଙ୍କାର ଠିକ୍ ଭାବେ ମ୍ୟାନେଜମେଣ୍ଟ କରିପାରିଥାନ୍ତି । ସେମାନେ ଅଧିକାଂଶ ସମୟରେ ଆଜେବାଜେ ଖର୍ଚ୍ଚ କରି ନଥାନ୍ତି । ଅନେକ କ୍ଷେତ୍ରରେ କମ୍ ବୟସର ପୁରୁଷ ଅଧିକ ଖର୍ଚ୍ଚ କରିବା ଫଳରେ ଘରର ଆର୍ଥୀକ ସ୍ଥିତି ଖରାପ ହୋଇଥାଏ ।



# ଖଟାମିଠା ନଡ଼ିଆ ଗୋଟମା

**ଆବଶ୍ୟକ ସାମଗ୍ରୀ:** କୋରା ନଡ଼ିଆ, ଅରୁଆ ଚାଉଳ ବଟା, ଗୁଜରାତି ଗୁଣ୍ଡ, ପଞ୍ଚଫୁଟଣ, ତେଜପତ୍ର, ଶୁଖିଲା ଲଙ୍କା, ତେନ୍ତୁଳି ରସ, ଗୁଡ଼, କଞ୍ଚାଲଙ୍କା ଛେଚା, ଅଦା ଛେଚା, କାଜୁ, କିସ୍‌ମିସ୍, ରିଫାଇନ୍ ତେଲ ଓ ଲୁଣ ।



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ନଡ଼ିଆକୁ କୋରି ଏକ ପାତ୍ରରେ ରଖନ୍ତୁ । ଏହାପରେ ଭିଜାଇ ରଖିଥିବା ଅରୁଆ ଚାଉଳକୁ ବାଟି ଏକ ପାତ୍ରରେ ରଖନ୍ତୁ । ଅରୁଆ ଚାଉଳ ବଟାରେ ନଡ଼ିଆ କୋରା ଓ ଗୁଜରାତି ଗୁଣ୍ଡ ପକେଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏହାକୁ ଭଲଭାବେ ଗୋଳେଇ ଦେବାପରେ ଗୋଲ ଗୋଲ କରି ଛୋଟ ଛୋଟ ଗୁଳା କରନ୍ତୁ । ମନେ ରଖନ୍ତୁ ଅରୁଆଚାଉଳ ବଟାଟି ଯେପରି ପାଣିଆ ହୋଇ ନଥିବ ।
କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ ପଞ୍ଚଫୁଟଣ, ତେଜପତ୍ର ଓ ଶୁଖିଲା ଲଙ୍କା ପକେଇ ଛୁଙ୍କ ପ୍ରସ୍ତୁତ କରନ୍ତୁ । ତା'ପରେ ସେଥିରେ ତେନ୍ତୁଳି ରସ ଓ ଅଳ୍ପ ପାଣି ଦେଇ ଦୁଇ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ତେନ୍ତୁଳି ରସ ଫୁଟିବା ପରେ ସେଥିରେ ଗୁଡ଼ ମିଶେଇ ପାଗ ପ୍ରସ୍ତୁତ କରନ୍ତୁ । ସେଇ ପାଗରେ କଞ୍ଚାଲଙ୍କା ଛେଚା, ଅଦା ଛେଚା ଓ ସ୍ୱାଦ ଅନୁସାରେ ଲୁଣ ପକେଇ ଗୋଳାଇ ଦିଅନ୍ତୁ । ଏହାପରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଗୋଲ ଗୋଲ ନଡ଼ିଆ କୋରାକୁ ପକେଇ ୨ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଶେଷରେ ଭଜା କାଜୁ ଓ ଖିସମିସ୍ ପକେଇ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଖଟାମିଠା ନଡ଼ିଆ ଗୋଟମା ।

# ଡିପ୍ରେସନ ବଢ଼ାଇପାରେ ସୋସିଆଲ ମିଡିଆ !

ସୋସିଆଲ ମିଡିଆର ବହୁଳ ମାତ୍ରାରେ ବ୍ୟବହାର ଏବେ ମାନସିକ ସ୍ତରରେ କୁପ୍ରଭାବ ପକାଉଛି । ଜର୍ଣ୍ଣାଲ୍ ଅଫ୍ ଇଫେକ୍ଟିଭ୍ ଡିସଅର୍ଡର୍ସ ରିପୋର୍ଟରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ସୋସିଆଲ ମିଡିଆକୁ ଅଧିକ ବ୍ୟବହାର କରୁଥିବା ଯୁବପିଢିମାନେ ଛଅ ମାସ ମଧ୍ୟରେ ଡିପ୍ରେସନ ବା ଅବସାଦର ଶିକାର ହୋଇପାରନ୍ତି । ଯେଉଁମାନେ ସୋସିଆଲ ମିଡିଆକୁ ଦିନକୁ ୩୦୦ ମିନିଟରୁ ଅଧିକ ସମୟ ବ୍ୟବହାର କରନ୍ତି, ସେମାନେ ଦୁଇଗୁଣ ଅବସାଦଗ୍ରସ୍ତ ହେବାର ସମ୍ଭାବନା ରହୁଛି । ଆହୁରି ମଧ୍ୟ, ସୋସିଆଲ୍ ମିଡିଆ ବ୍ୟବହାର କରୁ ନଥିବା ଲୋକ ଏହାର ଅଧିକ ଉପଯୋଗ କରୁଥିବା ଲୋକଙ୍କ ତୁଳନାରେ ୪୯ ପ୍ରତିଶତ କମ୍ ଉଦାସୀନ ହେବା ଦେଖାଯାଉଛି ।

ଓରେଗନ୍ ଷ୍ଟେଟ୍ ୟୁନିଭର୍ସିଟିର ଜନସ୍ୱାସ୍ଥ୍ୟ ଏବଂ ମାନବ ବିଜ୍ଞାନର ଡିନ୍ ବ୍ରିଆନ୍ ପ୍ରାଇମେକଙ୍କ ସହଯୋଗରେ ୧୮ରୁ ୩୦ ବର୍ଷ ବୟସ୍କ ଯୁବକଙ୍କୁ ନେଇ ଏହି ଗବେଷଣା କରାଯାଇଥିଲା । ଆମେରିକାରେ ଉପରୋକ୍ତ ଶ୍ରେଣୀର ୧୦୦୦ ଯୁବକଙ୍କୁ ପ୍ରଶ୍ନ କରାଯାଇଥିଲା ଯେ, ସେମାନେ ଦିନରେ କେତେ ସମୟ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି । ଏଥିସହ, ବିଗ୍ ଫାଇଭ୍ ଇନଭେଣ୍ଟୋରୀ ବ୍ୟବହାର କରି ସେମାନଙ୍କର ବ୍ୟକ୍ତିତ୍ୱ ମପାଯାଇଥିଲା । ଯେଉଁଥିରୁ ଖୋଲାପଣ, ସ୍ୱଳ୍ପ ଖର୍ଚ୍ଚ, ସହମତି ଏବଂ ସାଇକୋପାଥିର ଆକଳନ କରାଯାଇଥିଲା ।

ବ୍ରିଟେନର ଜଣେ ୧୪ ବର୍ଷର ଝିଅ ରସେଲଙ୍କ ଆତ୍ମହତ୍ୟା ପାଇଁ ମଧ୍ୟ ସୋସିଆଲ ମିଡିଆ ଦାୟୀ ବୋଲି କୁହାଯାଇଥିଲା । ଆତ୍ମହତ୍ୟାର ଛଅ ମାସ ପୂର୍ବରୁ ଏହି ବାଳିକା ଆତ୍ମହତ୍ୟା ଓ ଉଦାସୀନତା ସମ୍ବନ୍ଧୀୟ ୨୧୦୦ ପୋଷ୍ଟ ଦେଖିଥିବା ଜଣାପଡ଼ିଥିଲା । ଆମେରିକାରେ ମଧ୍ୟ ୧୦ରୁ ୧୪ ବର୍ଷ ବୟସର ପିଲାମାନଙ୍କର ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ ହେଉଛି ଏହି ସୋସିଆଲ ମିଡିଆ ।



# ତମାଖୁ ସେବନ ପାଇଁ ଦୁର୍ବଳ ହେଉଛି ହାଡ

ତମାଖୁ ଖାଇବା ସ୍ୱାସ୍ଥ୍ୟପ୍ରତି ହାନିକାରକ ବୋଲି ସମସ୍ତେ ଜାଣନ୍ତି । ଏହାକୁ ଖାଇବା ଦ୍ୱାରା ଲୋକମାନେ ଭୀଷଣ କର୍କଟ ରୋଗରେ ପଡୁଛନ୍ତି । ଯାହାର ଚିକତ୍ସା ବ୍ୟୟବହୁଳ । ତେବେ ଡାକ୍ତରୀ ବିଶେଷଜ୍ଞଙ୍କ ଅନୁଯାୟୀ, ଦୀର୍ଘ ସମୟ ଧରି ତମାଖୁ ସେବନ କରିବା ଦ୍ୱାରା ଯାହା ହାଡର ରକ୍ଷଣାବେକ୍ଷଣ ଏବଂ ହାଡ ଦୁର୍ବଳ ହୋଇଯାଏ । ଏଭଳି ପରିସ୍ଥିତିରେ ୪୦ ବର୍ଷରୁ ଅଧିକ ବୟସ୍କ ଲୋକମାନେ ପ୍ରଭାବିତ ହୁଅନ୍ତି । କିଙ୍ଗ ଜର୍ଜଙ୍କ ମେଡିକାଲ ୟୁନିଭରସିଟି (କେଜିଏମୟୁ) ର ଅର୍ଥୋପେଡିକ୍ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଫେସର ଶାହା ଓ୍ୱାଲିହୁଲା କହିଛନ୍ତି, 'ଅସ୍ଥିରେ ଦୁଇ ପ୍ରକାରର କୋଷ ଅଛି ଯାହାକୁ ଅଷ୍ଟିଓକ୍ଲାଷ୍ଟ ଏବଂ ଅଷ୍ଟିଓବ୍ଲାଷ୍ଟ କୁହାଯାଏ । ହାଡ ତିଆରି ଏବଂ ଭାଙ୍ଗିବା ପାଇଁ ସେମାନେ ଦାୟୀ ଅଟନ୍ତି । ଯାହା ଦ୍ୱାରା ସେଗୁଡିକ ପୁନଃନିର୍ମାଣ କରାଯାଇପାରିବ । ଯେତେବେଳେ ଅଷ୍ଟିଓବ୍ଲାଷ୍ଟଗୁଡିକ ପୂର୍ବ ଦ୍ୱାରା ଭାଙ୍ଗିଯିବା ପରେ ନୂତନ ହାଡ ସୃଷ୍ଟି କରେ ଏବଂ ଏହି ପଦ୍ଧତି କ୍ରମାଗତ ଭାବରେ ଚାଲିଥାଏ ।' ଅବଶ୍ୟ, ଏହା ଦେଖାଯାଏ ଯେ ଯେଉଁମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ତମାଖୁ ସେବନ କରନ୍ତି, ଧୂମପାନ କିମ୍ୱା ଚୁଇଙ୍ଗ ଆକାରରେ ହେଉ, ଅଷ୍ଟିଓବ୍ଲାସ୍ଟ ହ୍ରାସ ହେବାବେଳେ ଅଷ୍ଟିଓକ୍ଲାଷ୍ଟର ସଂଖ୍ୟା ବଢିଯାଏ । ପରିଶେଷରେ, ଏହା ଅଷ୍ଟିଓପୋରୋସିସ୍ ସୃଷ୍ଟି କରେ କାରଣ ହାଡର ଘନତା କମିଯାଏ । କେଜିଏମୟୁରେ ଥିବା ଅନ୍ୟ ଜଣେ ଅର୍ଥୋପେଡିକ୍ ସର୍ଜନ ଡ. ମୟଙ୍କ ମହିନ୍ଦ୍ରା କହିଛନ୍ତି, 'ଆମେ ମଧ୍ୟବିତ ରୋଗୀଙ୍କ ମଧ୍ୟରେ ଏହି ତମାଖୁ ଦ୍ୱାର ଉତ୍ପନ୍ନ ଅଷ୍ଟିଓପୋରୋସିସ୍ ଦେଖୁ ।

# ୫ ଘଣ୍ଟାରୁ କମ୍ ଶୋଉଥିବା ଲୋକମାନଙ୍କଠାରେ ବଢିଯାଏ ଏହି ରୋଗର ଆଶଙ୍କା

ନିକଟରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡିଛି ଯେ ଯେଉଁ ଲୋକମାନେ ରାତିରେ ପାଞ୍ଚ ଘଣ୍ଟାରୁ କମ୍ ଶୋଇଥା'ନ୍ତି, ସେମାନେ ଅନେକ ପ୍ରକାର ରୋଗର ଆଶଙ୍କା ରହିଥା'ନ୍ତି । ଏହି ରିପୋର୍ଟ ଅନୁଯାୟୀ, ୫୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଯେଉଁମାନେ ରାତିରେ ପାଞ୍ଚ ଘଣ୍ଟା କିମ୍ୱା ତା'ଠାରୁ କମ୍ ଶୋଇଥା'ନ୍ତି, ସେମାନେ ଅନେକ ପ୍ରକାର ମାରାତ୍ମକ ରୋଗ ହେବାର ଆଶଙ୍କା ଅଧିକ ଥାଏ । ଏହି ରିପୋର୍ଟରୁ ଏହା ମଧ୍ୟ ଜଣା ପଡିଛି ଯେ, ରାତିରେ ବିଶ୍ରାମ ନେଉଥିବା ଲୋକଙ୍କ ଅପେକ୍ଷା ସେମାନେ ଦୁର୍ବଳ ହୋଇପାରନ୍ତି । ତେବେ ପୂର୍ବରୁ କୌଣସି ରୋଗରେ ପୀଡିତ ଲୋକଙ୍କ ପାଇଁ ଲମ୍ୱା ସମୟ ଧରି ଶୋଇବା ବିପଦପୂର୍ଣ୍ଣ ଅଟେ । ଏହି ଅନୁସନ୍ଧାନରେ କମ ସମୟ ନିଦ୍ରାର ଅବଧି ବ୍ୟତୀତ, ଗବେଷକମାନେ ଅଧିକ ସମୟ ଶୋଇବା ସମୟ ଏବଂ ସ୍ୱାସ୍ଥ୍ୟ ଫଳାଫଳ ମଧ୍ୟରେ ସମ୍ପର୍କ ଖୋଜିବାକୁ ଚେଷ୍ଟା କରିଥିଲେ । ଯେଉଁମାନଙ୍କ ଶୋଇବା ୫୦ ବର୍ଷ ବୟସରେ ଟ୍ରାକ୍ କରାଯାଇଥିଲା, ଯେଉଁମାନେ ରାତିରେ ପାଞ୍ଚ ଘଣ୍ଟା କିମ୍ୱା ତା'ଠାରୁ କମ୍ ଶୋଇଥିଲେ, ସେମାନେ ରାତିରେ ଅତି କମରେ ସାତ ଘଣ୍ଟା ଶୋଇଥିବା ଲୋକଙ୍କ ଅପେକ୍ଷା ୩୦ ପ୍ରତିଶତ ବିଭିନ୍ନ ରୋଗର ସମ୍ମୁଖୀନ ହୋଇଥିଲେ । ୬୦ବର୍ଷ ବୟସରେ ଏହା ୩୨ ପ୍ରତିଶତକୁ ବୃଦ୍ଧି ହୋଇଥିବା ବେଳେ ୭୦ ରେ ଏହା ୪୦ ପ୍ରତିଶତ ଅଧିକ ବିପଦ ବଢ଼ାଇଥିଲେ । ଅଧିକ ବିପଦ ଥିବା ରୋଗରେ ମଧୁମେହ, କର୍କଟ, କରୋନାରି ହୃଦ୍ ସମସ୍ୟା, ଷ୍ଟ୍ରୋକ୍, ହାର୍ଟ ଷ୍ଟ୍ରୋକ୍, ଫୁସଫୁସ ରୋଗ, ବୃକକ୍ ରୋଗ, ଯକୃତ ରୋଗ, ଉଦାସୀନତା, ଡିମେନ୍ସିଆ, ମାନସିକ ବିକୃତି, ପାର୍କିନ୍ସନ୍ ଏବଂ ଆର୍ଥ୍ରାଇଟିସ୍ ଭଳି ରୋଗ ଥିଲା ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବର୍ଦ୍ଧିତ ତାପମାତ୍ରା ଓ ନିରାକରଣ...

ବିଶ୍ୱ ତାପ୍ରାନ ଉପରେ ମଣିଷ ସମାଜ ଯେତେବେଳେ ଦିନକୁ ଦିନ ନିୟନ୍ତ୍ରଣ ହରାଇ ଚାଲିଛି, ସେତେବେଳେ ତା'ର ଭବିଷ୍ୟତ ପାଇଁ ଅଧିକ ଭୟାବହ ଚେତାବନୀ ସାଇତା ହୋଇ ରହିବା ସୁନିଶ୍ଚିତ। ଏଭଳି କହିବାର ତାତ୍ପର୍ଯ୍ୟ, ଗତ ସପ୍ତାହରେ ବିଶ୍ୱ ପାଣିପାଗ ବିଭାଗ ଆସନ୍ତା ଦଶନ୍ଧି ପାଇଁ ତାପମାତ୍ରାର ଧାରା ଉପରେ ଏହାର ବାର୍ଷିକ ଅଧୁନାତନ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟରେ ଦର୍ଶାଯାଇଛି, ଏବେ ଯେଉଁସବୁ ଲକ୍ଷଣମାନ ଦେଖିବାକୁ ମିଳୁଛି, ସେଥିରୁ ଜଣାପଡୁଛି ଯେ ଏହି ଧାରା ବା ଭବିଷ୍ୟତର ଅବସ୍ଥା ଆଶାନୁରୂପ ଭାବରେ ଚିନ୍ତାଜନକ। କାରଣ ଏହାର ଭବିଷ୍ୟବାଣୀ ଅନୁସାରେ ୨୦୨୩ରୁ ୨୦୨୭ ଭିତରେ ସର୍ବନିମ୍ନ ବୈଶ୍ୱିକ ଭୂପୃଷ୍ଠ-ନିକଟ ତାପମାତ୍ରା ୧୮୫୦ରୁ ୧୯୦୦ ଭିତରେ ରହିଥିବା ହାରାହାରି ତାପମାତ୍ରା ତୁଳନାରେ ୧.୧ ଡିଗ୍ରୀରୁ ୧.୮ ଡିଗ୍ରୀ ସେଲସିୟସ ରହିବାର ସମ୍ଭାବନା ଅଛି। ବୈଶ୍ୱିକ ଭୂପୃଷ୍ଠ-ନିକଟ ତାପମାତ୍ରା ତୁଳନାରେ ୧.୧ ଡିଗ୍ରୀରୁ ୧.୮ ଡିଗ୍ରୀ ସେଲସିୟସ ରହିବାର ସମ୍ଭାବନା ଅଛି। ବୈଶ୍ୱିକ ଭୂପୃଷ୍ଠ-ନିକଟ ତାପମାତ୍ରା ୨୦୨୭ ପୂର୍ବରୁ ନିହାତି କମରେ ପ୍ରାକ୍-ଶିଳ୍ପାୟନ ସ୍ତରଠାରୁ ୧.୫ ଡିଗ୍ରୀ ସେଲସିୟସକୁ ଟପିବାର ୬୬ ପ୍ରତିଶତ ସମ୍ଭାବନା ରହିଥିବା ଏହି ରିପୋର୍ଟ ଉଲ୍ଲେଖ କରିଥିବାବେଳେ ପାଂଚ-ବର୍ଷିଆ ସର୍ବନିମ୍ନ ହାରାହାରି ତାପମାତ୍ରା ଏହି ସୀମାରୁ ଅଧିକ ରହିବାର ସମ୍ଭାବନା କ୍ଷୀଣ ବୋଲି ଏହା ପ୍ରକାଶ କରିଛି। ଉଲ୍ଲେଖ କରାଯାଇପାରେ ଯେ ବୈଶ୍ୱିକ ତାପାୟନର ଭୟଙ୍କର ପରିଣତିଗୁଡ଼ିକୁ ଏଡ଼ାଇବାକୁ ହେଲେ ଏହି ୧.୫ ଡିଗ୍ରୀ ସେଲସିୟସର ସୀମାକୁ ଭଙ୍ଗ ନ କରିବାକୁ ଜଳବାୟୁ ପରିବର୍ତ୍ତନ ଉପରେ ରହିଥିବା ଆନ୍ତଃସରକାରୀ ପ୍ୟାନେଲ ବାରମ୍ବାର ସୀମାକୁ ଭଙ୍ଗ ନ କରିବାକୁ ଜଳବାୟୁ ପରିବର୍ତ୍ତନ ଉପରେ ରହିଥିବା ଆନ୍ତଃସରକାରୀ ପ୍ୟାନେଲ ବାରମ୍ବାର ଚେତାବନୀ ଦେଇ ଆସିଛି। ସୂଚାଇ ଦେବା ପ୍ରାସଙ୍ଗିକ ହେବ କି, ମାତ୍ର ଅଳ୍ପ କେତେମାସ ପୂର୍ବେ ଜାତିସଂଘ ଭବିଷ୍ୟବାଣୀ କରିଥିଲା ଯେ ଆଗାମୀ ପାଂଚ ବର୍ଷ ସର୍ବାଧିକ ଉତ୍ତପ୍ତ ବର୍ଷ ପାଳଟିବାକୁ ଯାଉଛି ଏବଂ କିଛି ବର୍ଷ ପୂର୍ବରୁ ଏକଥା କୁହାଯାଇଥିଲା ଯେ ସାମୟିକ ଭାବରେ ହେଉ ପଛେ ଉପରୋକ୍ତ ୧.୫ ଡିଗ୍ରୀ ସୀମା ଆଗାମୀ ଦଶବର୍ଷ ପୂର୍ବରୁ ଅବଶ୍ୟ ଅତିକ୍ରମିତ ହେବ। ପରିତାପର ବିଷୟ, ଏଭଳି ଦୁର୍ଦ୍ଦଶାକୁ ଏଡ଼ାଇବା ପାଇଁ ବିଶ୍ୱର ନେତାମାନେ ଜଳବାୟୁ ସମ୍ମିଳନୀଗୁଡ଼ିକରେ ଅନେକ ଥର ଏକମତ ହୋଇଥିଲେ ସୁଦ୍ଧା ସେମାନଙ୍କର କଥା ବା ନିଷ୍ପତ୍ତିଗୁଡ଼ିକୁ କ୍ୱଚିତ୍ କାର୍ଯ୍ୟରେ ପରିଣତ କରାଯାଉଛି। ସାମ୍ପ୍ରତିକ ସମୟରେ ଜଳବାୟୁର ଅବସ୍ଥା ଯେପରି ରହିଛି, ସେଥିରେ ଯଦି ପରିବର୍ତ୍ତନ ଅଣାନଯାଏ, ତା'ହେଲେ ଏଇ ଶତାବ୍ଦୀ ଶେଷ ବେଳକୁ ବିଶ୍ୱର ତାପମାତ୍ରା ୨ଡିଗ୍ରୀ ସେଲସିୟସ ମଧ୍ୟ ଟପିଯାଇପାରେ। ଡବ୍ଲ୍ୟୁଏମଓ ପୁନଶ୍ଚ ତା'ର ଭବିଷ୍ୟବାଣୀରେ ଯୋଗ କରିଛି ଯେ ୨୦୨୩ରୁ ୨୦୨୭ ଭିତରେ ନିହାତି କମରେ ଗୋଟିଏ ବର୍ଷ ସର୍ବାଧିକ ଉତ୍ତପ୍ତ ବର୍ଷ ହେବ, କାରଣ ପୃଥିବୀ ଏଲ୍ ନିନୋର ଉତ୍ତପ୍ତ ବର୍ଷଗୁଡ଼ିକ ଦେଇ ଗତି କରୁଛି। ବୈଜ୍ଞାନିକମାନେ କୁହନ୍ତି, ୨୦୨୪ ଏଲ୍ ନିନୋ ପ୍ରଭାବରୁ ୨୦୨୩ ଅପେକ୍ଷା ଅଧିକ ଉତ୍ତପ୍ତ ବର୍ଷ ହୋଇପାରେ ଏବଂ ଆଗାମୀ ସମୟରେ ଅତ୍ୟଧିକ ଖରାପ ପାଣିପାଗ ଅବସ୍ଥାକୁ ମଧ୍ୟ ପ୍ରତ୍ୟେକ୍ଷ କରିବାକୁ ପଡ଼ିପାରେ, ଯାହାର ଘନତ୍ୱ ପୂର୍ବର ପରିସ୍ଥିତିଗୁଡ଼ିକ ଅପେକ୍ଷା ଭୟଙ୍କର ହେବାର ସମ୍ଭାବନା ରହିବ। ଉଦାହରଣ ଭାବରେ ନିଆଯାଇପାରେ ନିକଟରେ ସଂଘଟିତ ବାତ୍ୟା ମୋଚାକୁ। ମିଆଁମାର ଦେଇ ଗତି କରିବା ବେଳେ ଏଇ ବାତ୍ୟା ନିହାତି କମରେ ୬୦ଜଣ ଲୋକଙ୍କ ପ୍ରାଣ ନେବା ସହିତ ବିପୁଳ କ୍ଷୟକ୍ଷତି ଘଟାଇଛି ଏବଂ ଯେଉଁପରି ଭାବରେ ଆକଳନ କରାଯାଇଥିଲା, ତା'ଠୁ ଅଧିକ ଭୟଙ୍କର ହୋଇଥିବା ନିଜକୁ ସାବ୍ୟସ୍ତ କରିଛି। ସବୁଠୁ ଭୟାନକ କଥା ହେଉଛି ଯେ ଏଲ୍ ନିନୋକୁ ଲା ନିନା ବାଟ ଛାଡ଼ିଦେବା ବେଳେ ଅନେକ ସ୍ଥାନରେ ପରିସ୍ଥିତିରେ ସମ୍ପୂର୍ଣ୍ଣ ବିପରୀତ ଅବସ୍ଥା ଦେଖିବାକୁ ମିଳିପାରେ ବୋଲି ବୈଜ୍ଞାନିକମାନେ କୁହନ୍ତି, ଅର୍ଥାତ ଯେଉଁସବୁ ସ୍ଥାନ ବର୍ତ୍ତମାନ ସମୟରେ ବନ୍ୟା ପ୍ଲାବିତ ହେଉଛି, ସେସବୁ ଅଂଚଳରେ ମରୁଡ଼ି ଏବଂ ମରୁଡ଼ିଗ୍ରସ୍ତ ଅଂଚଳଗୁଡ଼ିକରେ ବନ୍ୟା ପ୍ଲାବନ ଦେଖିବାକୁ ମିଳିପାରେ।

ସାମ୍ପ୍ରତିକ ସମୟରେ ଭାରତ ମୌସୁମୀ ଋତୁରେ ଏଲ୍ ନିନୋର ପ୍ରଭାବକୁ ଆଲିଙ୍ଗନ କରିବାକୁ ଯାଉଛି ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇ ସାରିଲାଣି। ବିଭାଗ ଭବିଷ୍ୟବାଣୀ କରି ସାରିଲାଣି ଯେ ମୌସୁମୀ ବୃଷ୍ଟିପାତ 'ସ୍ୱାଭାବିକ' ପରିମାଣର ସ୍ୱଳ୍ପ ଭାଗରେ ରହିବ। ଏଲ୍ ନିନୋ 'ମାନବକୃତ ଜଳବାୟୁ ପରିବର୍ତ୍ତନ ପ୍ରକ୍ରିୟା ସହିତ ମିଶି ବୈଶ୍ୱିକ ତାପମାତ୍ରାକୁ ଏକ ଅକଳ୍ପନୀୟ ସୀମା ଭିତରକୁ ନେଇଯିବ', ଏକଥା କହିଛନ୍ତି ଡବ୍ଲ୍ୟୁଏମଓର ମହାସଚିବ ପେଟ୍ଟେରୀ ଟାଲାସ୍ ଏକ ସାମ୍ବାଦିକ ସମ୍ମିଳନୀରେ ନିକଟରେ ଉପର ବର୍ଣ୍ଣିତ ରିପୋର୍ଟ ପ୍ରକାଶ କରିବା ଅବସରରେ। ଏଥିରୁ ସହଜରେ ଅନୁମାନ କରାଯାଇପାରେ ଆମେ ଆମର ପର ପିଢ଼ିଙ୍କୁ କେଉଁ ଧରଣର ପୃଥିବୀଟିଏ ଦେବାକୁ ଯାଉଛୁ। ବିଶ୍ୱ ତାପାୟନ ଏବଂ ଜଳବାୟୁ ପରିବର୍ତ୍ତନର ଗତିକୁ ପ୍ରତିରୋଧ କରିବା ପାଇଁ ଯାହା କରାଯାଇପାରିବ, ତାହା ହେଉଛି- କମ୍ ପରିମାଣର କୋଇଲା ଜାଳିବା, ଅଧିକ ପୁନର୍ନବୀକରଣ ଶକ୍ତି ଉତ୍ସଗୁଡ଼ିକର ବ୍ୟବହାର କରିବା, ଏବଂ ଅଙ୍ଗାରକ ଶୋଷଣକାରୀ କୁଣ୍ଡଗୁଡ଼ିକର ସଂଖ୍ୟା ବୃଦ୍ଧି କରି ବାୟୁମଣ୍ଡଳକୁ କମ୍ ପରିମାଣର ସବୁଜ ଗୃହ ବାଷ୍ପ ଛାଡ଼ିବା। ଲୋକମାନେ ଯାତାୟାତ ନିମନ୍ତେ ସର୍ବସାଧାରଣ ପରିବହନ ବ୍ୟବସ୍ଥା ଉପରେ ଅଧିକ ନିର୍ଭର କରି, ଗଛ ଲଗାଇ, କମ୍ ପରିମାଣର ମାଂସ ଏବଂ ଦୁଗ୍ଧଜାତୀୟ ଖାଦ୍ୟ ଆହାର କରି, ବର୍ଜ୍ୟବସ୍ତୁର ଉତ୍ପାଦନ କମ୍ ଇତ୍ୟାଦି କରି ଜଳବାୟୁ ପରିବର୍ତ୍ତନକୁ




## ଅନ୍ତିମ ଯାତ୍ରାର ପ୍ରଶ୍ନ

### ବିବୁଲ ମହାକୁର



ଶବ ଆଜି ବାରମ୍ବାର ପଚାରେ
ଅଣନିଃଶ୍ୱାସୀ ପିତାମାତାଙ୍କୁ
ମୁଁ କିଏ ?
ଜୀବନର ସତ୍ତା କଣ ?
ଘର ଏରୁଣ୍ଡି ଡେଇଁଲା ପରେ
ପଚାରେ ତା ଭାତୃ ଭଗିନୀଙ୍କୁ
ରକ୍ତ ସଂପର୍କର ପରିଭାଷା
ରାଗ ଓ ଅଭିମାନର ଭାଷା।
ମୃତ୍ୟୁ କଣ ଏବେବି ବୁଝେନି
ଚାରି କାନ୍ଧରେ ମଶାଣି ଯାତ୍ରାରେ
ସଭିଙ୍କୁ ପଚାରେ
ମୋର ଠିକଣା କଣ ?
ଜୀବନ ଓ ମୃତ୍ୟୁରେ ପ୍ରଭେଦ କଣ ?
ଅନ୍ତିମ ଯାତ୍ରାରେ ହିସାବ ରକ୍ଷକ
କଣ ମାପୁଥାଏ ?
ହୃଦୟ ବେଦନାକୁ
ନା ପାପ ପୁଣ୍ୟକୁ ?
ଚିତାରେ ଶୋଇଲା ପରେ
ଆଜି ଶବ ପଚାରେ
ପ୍ରଭେଦ ଜାଣିବାକୁ ଚାହେଁ
ଶରୀର ଓ ହୃଦୟ ଉତ୍ତାପ ମଧ୍ୟରେ
ଜିତିବା ଓ ହାରିବା ମଧ୍ୟରେ।
ଶରୀର ବାଷ୍ପୀଭୂତ ହେଲା ପରେବି
ବାରମ୍ବାର ପଚାରେ
ହୃଦୟ ଓ ବେଦନା
ମାଧ୍ୟାକର୍ଷଣ ଓ ମହାକର୍ଷଣର
ଅନ୍ତର୍ସମ୍ବନ୍ଧ ବିଷୟରେ।
ସବୁ ପ୍ରଶ୍ନର ଉତ୍ତର
ଆଜି କେବଳ ନୀରବତା
ଉତ୍ତର ଥିଲେ ନିଶ୍ଚୟ ଦେଇଥାନ୍ତେ
କାରଣ ସେମାନେ ଆପଣାର।

+ବୁର୍ଦ୍ଧା, ଲୋଇସିଂହା, ବଲାଙ୍ଗୀର
ମୋ. ନଂ - ୮୨୪୯୭୦୨୨୫୨

# ୨୦୦୦ ଟଙ୍କିଆ ନୋଟ୍‌ର ବିଦାୟ

## ଗୋପାଳ ମହାପାତ୍ର



ଭାରତୀୟ ରିଜର୍ଭବ୍ୟାଙ୍କ ଗତ ୧୯ ତାରିଖରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରିଜର୍ଭ ବ୍ୟାଙ୍କ ଏହି ନିଷ୍ପତ୍ତି ଅନୁସାରେ ସେପ୍ଟେମ୍ବର ୩୦ ତାରିଖ ପରଠାରୁ ୨୦୦୦ ଟଙ୍କିଆ ନୋଟ୍ ଆଉ ଦେଶରେ ଚଳିବ ନାହିଁ । ୨୦୧୬ ନଭେମ୍ବର ୮ ତାରିଖରେ ଏକ ଐତିହାସିକ ନିଷ୍ପତ୍ତିକ୍ରମେ ବିମୁଦ୍ରିକରଣର ଘୋଷଣା କରାଯାଇଥିଲା । ଏହାର ଠିକ୍ ସାଢେ ଛଅ ବର୍ଷ ପରେ ବିମୁଦ୍ରିକରଣ ପରେ ପ୍ରଚଳିତ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନକୁ ବନ୍ଦ କରିଦିଆଯାଇଛି । ମଇ ମାସ ୨୩ ତାରିଖଠାରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଲୋକେ ତାଙ୍କ ପାଖରେ ଥିବା ଏଭଳି ନୋଟ୍‌କୁ ବ୍ୟାଙ୍କରେ ଜମା କରିପାରିବେ, ଅଥବା ବଦଳାଇ ପାରିବେ । ଅର୍ଥାତ୍ ସେପ୍ଟେମ୍ବର ୩୦ ତାରିଖ ପରେ ଏହି ଟଙ୍କାର ନେଣଦେଣ ବନ୍ଦ । ପ୍ରଶ୍ନ ଉଠିବା ସ୍ୱାଭାବିକଯେ ଏହି ଗୋଲାପି ନୋଟର ପ୍ରଚଳନ ରିଜର୍ଭ ବ୍ୟାଙ୍କ ବନ୍ଦ କଲା କାହିଁକି ? ରିଜର୍ଭ ବ୍ୟାଙ୍କର ଏଭଳି ନିଷ୍ପତ୍ତି ପଛରେ କ'ଣ କାରଣ ରହିଛି । ୨୦୧୬ରେ ଯେତେବେଳେ ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ହେଲା, ସେତେବେଳେ ଏହାର ସମୁଦାୟ କରେନ୍ସି ଭାଲ୍ୟୁ ୫୦ ପ୍ରତିଶତ ଥିଲା । ଏବେ ଯେତେବେଳେ ବନ୍ଦ କରାଯିବା ପାଇଁ ଘୋଷଣା କରାଯାଇଛି, ସେତେବେଳେ ଏହାର କରେନ୍ସି ଭାଲ୍ୟୁ ୧୩.୮ ପ୍ରତିଶତ । ରିଜର୍ଭ ବ୍ୟାଙ୍କ ୨୦୧୮-୧୯ରେ ଏହି ନୋଟ୍ ଛାପିବା ବନ୍ଦ କରିଦେଇଥିଲା। ୨୦୦୦ ଟଙ୍କିଆ ନୋଟ୍‌ର ୮୯ ପ୍ରତିଶତ ନୋଟ୍ ୨୦୧୭ ମାର୍ଚ୍ଚ ପୂର୍ବରୁ ଛପା ହୋଇଯାଇଥିଲା । ରିଜର୍ଭ ବ୍ୟାଙ୍କ ଏହି ନୋଟ୍ ଛାପିବା ବନ୍ଦ କରିଦେବା ଓ ବଜାରରେ ଏହାର ପ୍ରଚଳନ କମିଯିବା କାରଣରୁ ଆଶଙ୍କା କରାଯାଉଥିଲା ଯେ, ଏହି ନୋଟ୍ ବନ୍ଦ ହୋଇଯିବ । ୨୦୧୬-୧୭ରେ ଯେତେବେଳେ ବଜାରରେ ପ୍ରଚଳିତ ମୁଦ୍ରାର ମୂଲ୍ୟ ୧୩.୧୦ ଲକ୍ଷ କୋଟି ଥିଲା, ସେତେବେଳେ ୬.୫୭ ଲକ୍ଷ କୋଟିର ୨୦୦୦ ଟଙ୍କିଆ ମୁଦ୍ରାର ପ୍ରଚଳିତ ହେଉଥିଲା । ୨୦୨୧-୨୨ରେ ଯେତେବେଳେ ବଜାରରେ ୩୧.୦୬ ଲକ୍ଷ କୋଟିର ମୁଦ୍ରା ପ୍ରଚଳନ ହେଉଥିଲା, ସେତେବେଳେ ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ଥିଲା ମାତ୍ର ୪.୨୮ ଲକ୍ଷ କୋଟି । କିନ୍ତୁ ଏହି ସମୟ ମଧ୍ୟରେ ୫୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ଅଧିକ ହୋଇଥିଲା । ବିଗତ ବର୍ଷେ, ଦେଢ଼ବର୍ଷ ହେବ ସାଧାରଣ ଲୋକେ ୨୦୦୦ ଟଙ୍କିଆ ମୁଦ୍ରାରେ ପ୍ରାୟତଃ ନେଣ ଦେଣ କରୁନଥିଲେ । ଏଟିଏମ୍ ମାନଙ୍କରୁ ମଧ୍ୟ ଏହି ନୋଟ୍ ମିଳୁନଥିଲା । ଏଣୁ ଲୋକଙ୍କ ମନରେ ପ୍ରଶ୍ନ ଉଠୁଥିଲା ଯେ, ଏହି ନୋଟ୍ ଗଲା କୁଆଡ଼େ ?

୨୦୧୬ର ବିମୁଦ୍ରକରଣ ପରେ ୧୫.୫୨ ଲକ୍ଷ କୋଟି ଟଙ୍କାର୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌ରୁ ଅର୍ଥ ବ୍ୟବସ୍ଥାରୁ ବାହାର କରିଦିଆଯାଇଥିଲା । ଏହା ବଦଳରେ ନୂଆ ୫୦୦ ଟଙ୍କିଆ ନୋଟ୍ ଓ ଗୋଲାପି ରଙ୍ଗର ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନ ହେଲା । କିନ୍ତୁ ୫୦୦ ଟଙ୍କିଆ ନୋଟ୍‌ର ପ୍ରଭାବ ବଜାରରେ ବଢିଲା ଓ ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ କମିବାରେ ଲାଗିଲା । ୨୦୨୧-୨୨ରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ବାର୍ଷିକ ରିପୋର୍ଟରେ କୁହାଯାଇଥିଲା ଯେ, ଲୋକେ ୨୦୦୦ ଟଙ୍କିଆ ନୋଟ୍‌କୁ ପସନ୍ଦ କରୁନାହାନ୍ତି । ଏଣୁ ୨୦୧୮-୧୯ ପରେ ରିଜର୍ଭ ବ୍ୟାଙ୍କ ଏହି ନୋଟ୍ ଛାପିବା ବନ୍ଦ କରିଦେଇଥିଲା । ୨୦୧୬-୧୭ରେ ରିଜର୍ଭ ବ୍ୟାଙ୍କ ୩୫୦ କୋଟି ଖଣ୍ଡ ୨୦୦୦ ଟଙ୍କିଆ ନୋଟ୍ ଛାପିଥିଲା । ୨୦୧୭-୧୮ ଓ ୨୦୧୮-୧୯ରେ କ୍ରମଶଃ୧୫.୧୦ କୋଟି ଏବଂ ୪.୭୦ କୋଟି ନୋଟ୍ ଛାପିଥିଲା । ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ରେ ରିଜର୍ଭ ବ୍ୟାଙ୍କ ଏହି ନୋଟ୍ ଛାପିନଥିଲା । ଅର୍ଥାତ୍ ରିଜର୍ଭ ବ୍ୟାଙ୍କ ସମୁଦାୟ ୩୭୦ କୋଟି ୨୦୦୦ ଟଙ୍କିଆ ନୋଟ୍ ଛାପିଥିଲା । କିନ୍ତୁ ଏହି ସମୟ ମଧ୍ୟରେ ୬୪୭୯ କୋଟି ୫୦୦ ଟଙ୍କିଆ ନୋଟ୍ ଛାପିଥିଲା ।

୨୦୧୬ର ବିମୁଦ୍ରିକରଣ ପରେ ଯେତେବେଳେ ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ କରାଗଲା, ସେତେବେଳେ କୁହାଗଲା ଯେ, ଏହି ନୋଟ୍‌ର ବିଶେଷତଃ କାରଣରୁ ଏହାର ନକଲି ନୋଟ୍ ଛାପିବା ମୁସ୍କିଲ୍ । କିନ୍ତୁ ଏହାର ଠିକ୍ ଓଲଟା ଘଟିଥିଲା । ୨୦୧୬ରେ ଏହି ନୋଟ୍ ଜାରି କରାଯିବାର ଦୁଇ ମାସ ପରେ ୬୩୮ଟି ନକଲି ୨୦୦୦ ଟଙ୍କିଆ ନୋଟ୍ ଧରାପଡ଼ିଥିଲା । ପରେ ଏହାର ସଂଖ୍ୟା ବଢ଼ିଥିଲା । ୨୦୧୭ରେ ୭୪୮୯୮ ଖଣ୍ଡ ନକଲ ନୋଟ୍ ଧରା ପଡ଼ିଥିବା ବେଳେ ୨୦୧୮ରେ ୫୪୭୭୬ ଖଣ୍ଡ ୨୦୦୦ ଟଙ୍କିଆ ଓ ୫୦୦ ଟଙ୍କିଆ ନକଲି ନୋଟ୍ ଧରା ପଡ଼ିଥିଲା । ୨୦୧୯ରେ ଏହି ସଂଖ୍ୟା ବଢ଼ି ୯୦୫୬୬ରେ ପହଞ୍ଚିଥିଲା ଓ ୨୦୨୦ରେ ୨୪୪୮୩୪ ନକଲି ନୋଟ୍ ଧରାପଡ଼ିଥିଲା । ୨୦୧୬ ଠାରୁ ୬ ବର୍ଷ ମଧ୍ୟରେ ୭୯୮୩୬ ଖଣ୍ଡ ୨୦୦୦ ଟଙ୍କିଆ ନକଲି ନୋଟ୍ ଧରା ପଡ଼ିଥିବା ବେଳେ ୧.୮୧ ଲକ୍ଷଟି ୫୦୦ ଟଙ୍କିଆ ନକଲି ନୋଟ୍ ଧରାପଡ଼ିଥିଲା । ଅନ୍ୟପକ୍ଷରେ ଯେତେବେଳେ ଇଡି ପକ୍ଷରୁ ଧରପଗଡ଼ କରାଯାଇଛି, ସେତେବେଳେ ଅଧିକ ସଂଖ୍ୟାରେ ୨୦୦୦ ଟଙ୍କିଆ ନୋଟ୍ ମିଳିଛି । ଏଣୁ କିଛି ଲୋକ ଏହି ନୋଟ୍‌କୁ ଅଧିକ ଭାବେ କଳାଧନ ରୂପେ ଜମା ରଖୁଥିଲେ ବୋଲି ଜଣାପଡୁଛି । ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁସାରେ ୯.୨୩ ଲକ୍ଷ କୋଟି ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍ ଏବେ ବଜାରରୁ ଉଭାନ୍ ହୋଇଗଲା । ଏଣୁ ଏହାର ପ୍ରଚଳନ ବନ୍ଦ ହୋଇଗଲେ ଏହି ଟଙ୍କା ବ୍ୟାଙ୍କ ପାଖକୁ ଫେରି ଆସିବାର ସମ୍ଭାବନା ରହିଛି ।

ଏବେର ରିଜର୍ଭ ବ୍ୟାଙ୍କର ଘୋଷଣା କିନ୍ତୁ ୨୦୧୬ର ବିମୁଦ୍ରିକରଣ ଭଳି ନୁହେଁ । ଏହା ଅର୍ଥ ବ୍ୟବସ୍ଥାକୁ ପ୍ରଭାବିତ କରିବ ନାହିଁ ବୋଲି କୁହାଯାଉଛି । ୨୦୧୬ରେ ପ୍ରଧାନମନ୍ତ୍ରୀ ବିମୁଦ୍ରୀକରଣର ଘୋଷଣା କରିଥିଲେ କିନ୍ତୁ ଏବେ ୨୦୦୦ ଟଙ୍କିଆ ନୋଟ୍ ବାବଦରେ ରିଜର୍ଭ ବ୍ୟାଙ୍କ ଘୋଷଣା କରିଛନ୍ତି । ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏହି ନୋଟ୍ ବୈଧ ରହିବ, କିନ୍ତୁ ଲୋକଙ୍କୁ ଏହି ନୋଟ୍‌କୁ ବ୍ୟାଙ୍କରେ ଜମା କରିବା ଅଥବା ବଦଳାଇବା ପାଇଁ ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ।

+ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# ଯାହାର ଯେତେ ସଂଖ୍ୟା ତାହାର ସେତେ ଭାଗ



## ଅଧ୍ୟାପକ ଗୋପବନ୍ଧୁ

ଯାହାର ଯେତେ ସଂଖ୍ୟା ତାହାର ସେତେ ଭାଗ' ଭାରତୀୟ ରାଜନୀତିରେ ଏ ସ୍ଲୋଗାନ କ୍ରମେ ଘନୀଭୂତ ହେଉଛି। ଉତ୍ତରପ୍ରଦେଶରେ ମାନ୍ୟବର କାଂଶିରାମ ଏହି ସ୍ଲୋଗାନର ଜନ୍ମଦାତା। ଏହାରି ବଳରେ ସେ ବହୁଜନ ସମାଜ ପାର୍ଟିକୁ ରାଜ୍ୟରେ କ୍ଷମତାକୁ ଆଣିଥିଲେ ଓ ଅନ୍ୟାନ୍ୟ ଉତ୍ତରଭାରତୀୟ ରାଜ୍ୟରେ ଊଣାଅଧିକ ନିଜର ସ୍ଥିତିକୁ ଜାହିର କରି ପାରିଥିଲେ। ତାଙ୍କର ଏ ସ୍ଲୋଗାନ କ୍ରମେ ପରିବ୍ୟାପ୍ତ ହେବାରେ ଲାଗିଛି। ଏହା ଅନ୍ୟାନ୍ୟ ରାଜନୈତିକ ଦଳକୁ ମଧ୍ୟ ସଂକ୍ରମିତ ହେଲାଣି। ବିଶେଷକରି ସାମାଜିକ ନ୍ୟାୟର ସମର୍ଥକ ରାଜନୈତିକ ଦଳମାନେ ଏପରି ସ୍ଲୋଗାନ ଦେବାର ଶୁଣିବାକୁ ମିଳୁଛି। ଏସସି, ଏସଟି ଓ ଓବିସି ପ୍ରଭାବିତ ରାଜନୈତିକ ଦଳମାନେ ନିଜର ସ୍ଥିତିକୁ ମଜଭୁତ କରିବା ପାଇଁ ଏହାର ଆଶ୍ରା ନେଇଛନ୍ତି। ଓଡ଼ିଶାରେ ମଧ୍ୟ ଏ ଆୱାଜ୍ ଶୁଭିବା ଆରମ୍ଭ ହୋଇଛି। ରାଜ୍ୟରେ ସାମାଜିକ ନ୍ୟାୟର ପ୍ରମୁଖ ପ୍ରବକ୍ତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଶ୍ରୀକାନ୍ତ ଜେନା ଏହି ସ୍ଲୋଗାନ ଦେଇ ଆସିଛନ୍ତି। ଯେଉଁଥି ପାଇଁ ତାଙ୍କୁ ଦଳରୁ ବିଦା ହେବାକୁ ପଡିଛି। ତାଙ୍କ ଯୁକ୍ତି ଯେ ରାଜ୍ୟର ପ୍ରତ୍ୟେକ ବର୍ଗ ପ୍ରତ୍ୟେକ କ୍ଷେତ୍ରରେ ସଂଖ୍ୟାନୁପାତି ପ୍ରତିନିଧିତ୍ୱ ପାଇବାକୁ ହକଦାର।

ଏକଦା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ମାନସ ପୁତ୍ରଭାବେ ପରିଚିତ ଶ୍ରୀ ଜେନା ମଣ୍ଡଳ କମିଶନ ରିପୋର୍ଟ କାର୍ଯ୍ୟକାରିତାର ଦୃଢ଼ ସମର୍ଥକ। ଏଇଥି ପାଇଁ ତାଙ୍କର ବିଜୁବାବୁଙ୍କ ସହିତ ମତାନ୍ତର ଉପୁଜି ଥିଲା। ସେବେଠାରୁ ଶ୍ରୀ ଜେନା କୋଠର ମଣ୍ଡଳ ସମର୍ଥକ ଓ ସାମାଜିକ ନ୍ୟାୟର ପୃଷ୍ଠପୋଷକ ଭାବେ ନିଜର ଭାବମୂର୍ତ୍ତି ତିଆରି କରିଛନ୍ତି। ତେଣୁ ସେ ସମୟରେ କେତେକେ ପରିହାସ କରି ଆଉ କେତେକେ ଶ୍ରଦ୍ଧାରେ ତାଙ୍କୁ ମଣ୍ଡଳ ଜେନା ବୋଲି ସମ୍ବୋଧିତ କରୁଥିଲେ। ଏହା ନିଶ୍ଚିତ ଯେ ରାଜ୍ୟରେ ସାମାଜିକ ନ୍ୟାୟ ଓ ମଣ୍ଡଳ ସପକ୍ଷବାଦୀ ସଂଗ୍ରାମର ଇତିହାସରେ ସେ ଜଣେ ଅଗ୍ରଣି ନେତାଭାବେ ଚିର ପରିଚିତ ହେବେ। ତେବେ ଏବେ ସେ ପୁଣି ଆରମ୍ଭ କରିଥିବା ଏହି ସ୍ଲୋଗାନ ତାଙ୍କୁ ରାଜ୍ୟ ରାଜନୀତିକୁ ବଦଳାଇବାରେ କେତେ ସହାୟକ ହେବ ତାହା ସମୟ ବତାଇବ। ଏହାକୁ ନେଇ ସେ କେତେମାତ୍ରାରେ ସାମାଜିକ ଓ ରାଜନୈତିକ ଆନ୍ଦୋଳନ ଛିଡା କରାଇ ପାରୁଛନ୍ତି ତାହାରି ଉପରେ ନିର୍ଭର କରିବ ତାଙ୍କ ରାଜନୈତିକ ଗତି।

ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଘୋଷଣା ପରେ ଯେଉଁ ସାମାଜିକ ବିତର୍କ ଆରମ୍ଭ ହେଲା ତାହାରି ପରେହିଁ ସାମାଜିକ ନ୍ୟାୟର କଥା ରାଜନୀତିରେ ଦାନା ବାନ୍ଧିଲା। ସାମାଜିକ ନ୍ୟାୟର ମୂଳ ଆଧାର ହେଉଛି 'ଯାହାର ଯେତେ ସଂଖ୍ୟା ତାହାର ସେତେ ଭାଗ'। ଏହାର ଅର୍ଥ ହେଉଛି ଦେଶରେ ଯେଉଁ ସାମ୍ବିଧାନିକ ଜାତିଗୋଷ୍ଠୀ ରହିଛି ସେମାନଙ୍କୁ ଚାକିରୀ, ଶିକ୍ଷା, ରାଜନୀତି ଓ ବାଣିଜ୍ୟ ବ୍ୟବସାୟରେ ସମାନ ଭାଗୀଦାରୀ କରାଇବା। ଆବଶ୍ୟକ ହେଲେ ଏଥିପାଇଁ ସାମ୍ବିଧାନିକ ବ୍ୟବସ୍ଥା ତିଆରି କରିବା। ଏ ସମସ୍ତ ଦୃଷ୍ଟିରୁ ସାମାଜିକ ବିଷମତା ଥିଲେ ଦେଶରେ ସାମାଜିକ ନ୍ୟାୟ ରହିଛି ବୋଲି କୁହାଯାଇ ପାରିବ ନାହିଁ। ସାମ୍ବିଧାନ ସମ୍ମତଭାବେ ଯେଉଁ ଜାତିଗୋଷ୍ଠୀ ରହିଛି ସେଗୁଡିକ ହେଉଛି ଅନୁସୂଚିତ ଜାତି(ଏସସି), ଅନୁସୂଚିତ ଜନଜାତି(ଏସଟି) ଓ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)। ଏମାନେ ଯେଉଁଦିନ ନିଜର ସଂଖ୍ୟାନୁପାତରେ ଚାକିରି, ଶିକ୍ଷା, ରାଜନୀତି ଓ ବ୍ୟବସାୟ କ୍ଷେତ୍ରରେ ସମାନ ଭାଗୀଦାରୀ ହେବେ ସେହିଦିନ ଦେଶରେ ସାମାଜିକ ନ୍ୟାୟ ସ୍ଥାପିତ ହୋଇଛି ବୋଲି ଧରାଯିବ।

ସାମାଜିକ ଚରିତ୍ରକୁ ନେଇ ସମ୍ବିଧାନ ରଚନା କରାଯାଇଛି। ସମାଜରେ ଥିବା ଜାତିଗତ ତାରତମ୍ୟକୁ ଲକ୍ଷ୍ୟ କରାଯାଇଛି। ଏହି ତାରତମ୍ୟକୁ ହଟାଇବା ପାଇଁ ସାମାଜିକ ସାମ୍ୟତା ଉପରେ ଗୁରୁତ୍ୱ ଦିଆଯାଇଛି। ରାଜନୀତିର ଭାଷାରେ ଏହାକୁ ସାମାଜିକ ନ୍ୟାୟ କୁହାଯାଇଛି। ଦେଶରେ ସାମାଜିକ ସାମ୍ୟତା ସେତିକି ବେଳେ ପ୍ରତିଷ୍ଠିତ ହେବ ଯେତେବେଳେ ସମସ୍ତ ଜାତିଗୋଷ୍ଠୀ ନିଜ ସଂଖ୍ୟାର ଅନୁପାତରେ ସମସ୍ତ କ୍ଷେତ୍ରରେ ସମାନ ଭାଗ ପାଇପାରିବେ। ଏସସି ମାନେ ତାଙ୍କର ସଂଖ୍ୟା ଅନୁପାତରେ ସମସ୍ତ କ୍ଷେତ୍ରରେ କେନ୍ଦ୍ରପାଇଁ ୧୫% ଓ ଓଡ଼ିଶା ରାଜ୍ୟପାଇଁ ୧୬.୫% ଭାଗ ପାଇପାରିବେ। ଏସଟି ମାନେ କେନ୍ଦ୍ରପାଇଁ ୭.୫% ଓ ଆମ ରାଜ୍ୟପାଇଁ ୨୨.୫% ଭାଗ ସମସ୍ତ କ୍ଷେତ୍ରରେ ପାଇପାରିବେ। ଓବିସି ମାନେ ନିଜର ସଂଖ୍ୟା ଅନୁପାତରେ ସମସ୍ତ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ୫୨% ଭାଗ ପାଇପାରିବେ। ମନେ ରଖିବାକୁ ହେବ ଯେ ସାମ୍ବିଧାନ ସାମାଜିକ ସ୍ଥିତି ଅନୁଯାୟୀ ଜାତିବ୍ୟବସ୍ଥାକୁ ସ୍ୱୀକୃତି ଦେଇଛି। ଏହା ସହିତ ସମାନ ଭାଗୀଦାରୀ ହେବା କଥା ମଧ୍ୟ କହିଛି। ଏହା ନହେଲେ ଜାତିବ୍ୟବସ୍ଥାକୁ ହଟାଇବା ସମ୍ଭବପର ନୁହେଁ।

ସାମ୍ପ୍ରତିକ ଅବସ୍ଥାରେ ଭାରତବର୍ଷର ବିଭିନ୍ନ ଅଞ୍ଚଳରୁ ଏହି ସ୍ଲୋଗାନ ଉଠୁଛି। ବିଶେଷକରି ଓବିସି ଓ ଅନୁସୂଚୀତ ବର୍ଗ ପ୍ରଭାବିତ ରାଜନୈତିକ ଦଳମାନେ ଏପରି ସ୍ଲୋଗାନ ଦେଉଛନ୍ତି। ଏମାନଙ୍କ ସହିତ ସମତାକାମୀ ପ୍ରଗତିଶୀଳ ସାମାଜିକ କର୍ମୀମାନେ ମଧ୍ୟ ସାମିଲ ଅଛନ୍ତି। ରାଜନୀତିରେ ଅନଗ୍ରସର ଜନସମୁଦାୟର ନେତାମାନେ ଭାବୁଛନ୍ତି ଏହା ଏକ ପ୍ରଭାବଶାଳୀ ରାଜନୈତିକ ଇସ୍ୟୁ। ଏହି ବର୍ଗର ଲୋକମାନଙ୍କୁ ଏକଜୁଟ କରିପାରିଲେ ସହଜରେ କ୍ଷମତା ଦଖଲ କରାଯାଇ ପାରିବ। ଉଲ୍ଲେଖିତ ବର୍ଗମାନେ ମଧ୍ୟ ଅନୁଭବ କରୁଛନ୍ତି ଯେ ସେମାନେ ସମାନ ଭାଗିଦାରୀରୁ ବଞ୍ଚିତ। ତାଙ୍କୁ ତାଙ୍କ ପ୍ରାପ୍ୟରୁ ବଞ୍ଚିତ କରାଯାଉଛି। ତେଣୁ ସେମାନଙ୍କୁ ମଧ୍ୟ ଏହି ସ୍ଲୋଗାନ ପ୍ରଭାବିତ କରୁଛି। ବଞ୍ଚିତ ଗୋଷ୍ଠୀ ଏଥିରେ ସାମିଲ ନହେବେ କାହିଁକି ? ବର୍ଣ୍ଣବ୍ୟବସ୍ଥା ବା ଜାତିକୁ ନେଇ ଗୋଟିଏ ବିଭାଜିତ ସମାଜକୁ ଯୋଡ଼ିବା ପାଇଁ ଓ ସମତାଭିତ୍ତିକ ସମାଜରେ ପରିଣତ କରିବା ପାଇଁ ଏହା ସଠିକ ଉପାଦେୟ ମାଧ୍ୟମ। କାରଣ ଯେତେଦିନ ପର୍ଯ୍ୟନ୍ତ ଅନଗ୍ରସର ଜାତି ସମୂହ ସମସ୍ତ ବିଭାଗରେ ସମାନ ଭାଗୀଦାରୀ ହୋଇନାହାଁନ୍ତି, ସେତେଦିନ ପର୍ଯ୍ୟନ୍ତ ଜାତିବିହୀନ ସମାଜ ଗଠିତ ହୋଇ ପାରିବ ନାହିଁ। ଶ୍ରୀ ଶ୍ରୀକାନ୍ତ ଜେନା ସାମାଜିକ ନ୍ୟାୟର ଏ ମୂଳମନ୍ତ୍ରକୁ ଠିକଭାବେ ବୁଝିଛନ୍ତି ଓ ସେହି ଅନୁସାରେ ଗୋଟିଚାଳନା କରୁଛନ୍ତି।

ବର୍ତ୍ତମାନର ପରିପ୍ରେକ୍ଷୀରେ ଓଡ଼ିଶାର ରାଜନୀତିକୁ ଏହାରି ମାଧ୍ୟମରେ ସେ ବଦଳାଇ ପାରିବେ ବୋଲି ବୋଧହୁଏ ଭାବୁଛନ୍ତି। ତାଙ୍କ ସାମାଜିକ ନ୍ୟାୟ ଭାବମୂର୍ତ୍ତୀ ଏଦିଗରେ ସହାୟକ ହେବ ବୋଲି ସେ ବିଶ୍ୱାସ କରୁଛନ୍ତି। ରାଜ୍ୟ ରାଜନୀତିର ଜଣେ ପୁରୁଣା ଖେଳାଳି ଭାବେ ପ୍ରାୟ ସମସ୍ତ ଅଞ୍ଚଳରେ ତାଙ୍କ ସମର୍ଥକ ରହିଛନ୍ତି। ଜଣେ ନିର୍ଭୀକ ଓ ସାଲିସ୍ ବିହୀନ ନେତାର ଭାବମୂର୍ତ୍ତୀ ତାଙ୍କ ନିକଟରେ ରହିଛି। ୨୦୨୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ରାଜ୍ୟରେ ପଛୁଆବର୍ଗ ସମସ୍ୟା ଓ ସାମାଜିକ ନ୍ୟାୟର ଏ ସ୍ଲୋଗାନକୁ ଏକ ଉଚ୍ଚ ଶିଖରକୁ ନେଇ ପାରିବେ ବୋଲି ତାଙ୍କ ବିଶ୍ୱାସ। ନିର୍ବାଚନ ଯେତେ ପାଖେଇବ ତାଙ୍କ ସ୍ୱର ଆହୁରି ଶାଣିତ ହେବ। କାରଣ ଏହି ସ୍ଲୋଗାନର ବିପରୀତରେ କାର୍ଯ୍ୟ କରୁଥିବା ପ୍ରତିକ୍ରିୟାଶୀଳ ରାଜନୀତିଜ୍ଞମାନେ ତାଙ୍କୁ ଘୋର ବିରୋଧ କରିବେ। ସାମାଜିକ ନ୍ୟାୟର ବିରୋଧି ରାଜନୈତିକ ଦଳର ଆଖିରେ ସେ କଣ୍ଟା ସାଜିଛନ୍ତି। ତେଣୁ ତାଙ୍କ ପାଖରେ ଏକମାତ୍ର ବିକଳ୍ପ ସାମାଜିକ ନ୍ୟାୟ ଆନ୍ଦୋଳନକୁ ଏକ ନିର୍ଣ୍ଣାୟକ ସ୍ତରକୁ ନେଇ ରାଜ୍ୟର ରାଜନୀତିକୁ ବଦଳାଇବାକୁ ଚେଷ୍ଟା କରିବେ ଅଥବା ରାଜନୀତିଠାରୁ ଦୁରେଇ ନୀରବ ରହିବେ।

+ବାରିପଦା, ମୟୂରଭଞ୍ଜ
ମୋ. ୭୦୦୮୯୭୬୧୮୦

## ମାଆ ମାଟିର ଭାଷା

### ଧ୍ରୁବ ଚରଣ ଘିବେଲା

ମାଟି କେବେ ବି ନୁହଁଇ ତୁଚ୍ଛ
ଅମୂଲମୂଲ ସିଏ
ମାଟି ଆମର ମାଆ ପରିକା
କୋଳେଇ ଧରିଥାଏ ।
ମାଟିରେ ଆମ ସକଳ କର୍ମ
ଜୀବନ ଥିବା ଯାଏ
ଜନମି ଏଠି ସେବାରେ ତାର
ରହିବା ମୃତ୍ୟୁ ଯାଏ ।
ମାଟି ଉପରେ ମାଟିର ତଳେ
ଯାର ଯେଉଁଠି ଘର
ମାଟି ଉପର ଜଳ ଉତ୍ସରେ
ଜଳଚରଙ୍କ ଘର ।
ଗଛ ବି ବଢ଼େ ମାଟି ଉପରେ
ଗଛ ଉପରେ ଘର
କେତେ ଯେ ପଶୁ ପକ୍ଷୀ ରହନ୍ତି
କଳନା ନାହିଁ ତାର ।
ମାଟିରେ ଖେଳା ମାଟିରେ ବୁଲା
କରନ୍ତି କେତେ ଜୀବ
ମାଟିକୁ ଛାଡ଼ି ବଂଚିବା ଭିଡ଼
ଯଦିଚ ସେ ନିର୍ଜୀବ ।
ଜୀବ ଜୀବନ ହୁଏ ଧାରଣ
ମାଟିର ଅବଦାନ
ବିନା ମାଟିରେ କେ ବଞ୍ଚିପାରେ
ମାଟିଗଢ଼ା ଜୀବନ ।
ମାଟି ମାଆ ଯେ ସର୍ବଂସହା ସେ
ସହେ ଅଳି ଅର୍ଦ୍ଦଳି
ସେଇଥିପାଇଁ ଅନୁଶୋଚନା
ନଥାଏ ମାଆ ଭଳି ।
ମାଆ ମାଟିକୁ ମାଟି ଭାଷାକୁ
ଭଲ ପାଇବା ଆମେ
ଭାଷା ଆଧାରେ ମାଟି ପାଇଛେ
ଓଡ଼ିଶା ପ୍ରାନ୍ତ ନାମେ ।
ଆମେ ଓଡ଼ିଆ ଭାଷା ଓଡ଼ିଆ
ଆମେ ଓଡ଼ିଆ ଜାତି
ଭାଷା ବଢ଼ିଆ ଜାତି ବଢ଼ିଆ
ଜାତି ଭାଷାରେ ପ୍ରୀତି ।
ଭାଷା ଭାବନା ଆମ ସଭିଙ୍କ
ସଦା ରହିବା ଚାହି
ମାଟି ଭାଷାକୁ କଲେ ଆଦର
ତହିଁ ପ୍ରତିଷ୍ଠା ପାଇ ।

+ବଉଦରାଜ, ଜି. ବୌଦ୍ଧ
ପିନ -୭୬୨୦୧୪
ମୋ.୯୪୩୭୪୭୮୪୬୬

## ମିଳିଥାଏ ଯା'କୁ ପ୍ରକୃତ ପ୍ରେମ

### ନୂତନ କୁମାର ବେହେରା



ମିଳିଥାଏ ଯା'କୁ ପ୍ରକୃତ ପ୍ରେମ
ଜନମ ହୁଏ ସାର୍ଥକ ଜୀବନ ତାର ଧନ୍ୟ
ଦୁନିଆଁରେ ସେ ସବୁଠୁ ଭାଗ୍ୟବାନ
ଜନମରୁ ପାଇଥାଏ ମା'ଠୁ ସ୍ନେହ ମମତା
ବାପାଙ୍କଠାରୁ ଶ୍ରଦ୍ଧା ଆଦର
ଭାଇ ଭଉଣୀ ଆତ୍ମୀୟଙ୍କର ଆନ୍ତରିକତା
ବନ୍ଧୁ ବାନ୍ଧବଙ୍କଠାରୁ ଆପଣାର ଭାବ
ନିଶ୍ଚିତ ରୂପେ ସେ ପୁଣ୍ୟବନ୍ତ
ମଧୁମୟ ହୋଇଥାଏ
ତା' ପାଇଁ ଧରାଧାମ
ମିଳିଥାଏ ଯା'କୁ ପ୍ରକୃତ ପ୍ରେମ
ମନ ଲାଖି ମନଟିଏ ହୋଇଥିବ ତାର
ପବିତ୍ର ହୃଦୟରେ ଭଲ ପାଉଥିବ
ନଥିବ କିଛି ଦ୍ୱିଧା ଆଶଙ୍କା କି ସନ୍ଦେହ
ଧର୍ମପତ୍ନୀ ତାର ହୋଇ ସତୀସ୍ୱାଧ୍ୱୀ
ସାଥେ ରହିଥିବ ଚିର ଅନୁଗାମିନୀ
ଜୀବନର ପଥେ ଚାଲିଥିବ ହାତ ଧରି
ପରସ୍ପର ମଧ୍ୟରେ ଥିବ ଅଗାଧ ଅନୁରାଗ
ଦୁଇ କାୟା ଏକ ଆତ୍ମା ହୋଇ
ଯୁଝୁଥିବେ ଲୁହରେ ଲହୁରେ ଏକ ସାଥେ
ବୁଝାମଣା ଥିବ ସର୍ବଦା ଦୃଢ଼ ଅତୁଟ
କାୟା ଛାୟା ପରି ରହିଥିବେ ଅଭିନ୍ନ
ଘରକୁ ତାଙ୍କର ଗଢ଼ି ମନ୍ଦିର ସମ
ପାଳୁଥିବେ ଦୁହେଁ ମିଶି ସତ୍ୟ ଧରମ
ସେ ଜୀବନଠାରୁ ଆଉ କିଛି ନାହିଁ ଉତ୍ତମ
ମିଳିଥାଏ ଯା'କୁ ପ୍ରକୃତ ପ୍ରେମ
ସୀତା ପରି ସ୍ତ୍ରୀ ପାଇବାକୁ ରାମ
ସାବିତ୍ରୀ ଭଳି ଭାର୍ଯ୍ୟା ପାଇଁ ସତ୍ୟବାନ
ଯୁଗେ ଯୁଗେ ହୋଇଥାନ୍ତି ଜନମ
ସୃଷ୍ଟିକର୍ତ୍ତାଙ୍କ ଆଶିଷର ଏ ବରଦାନ
ଥିଲେ ବି ଅଜଣା ଅଚିହ୍ନା ଯେତେ ଦୂରେ
ସଂଯୋଗ ବଶତଃ ହୁଏ ତାଙ୍କର ମିଳନ
କୌଣସି ଶକ୍ତି ପାରେନା ତାଙ୍କୁ ରୋକି
ପ୍ରାରବ୍ଧର ପୁଣ୍ୟ ନେଇ
ପାନ୍ତି ସୁଖ ଶାନ୍ତି ତୃପ୍ତି
ଚିରନ୍ତନ ଶାଶ୍ୱତ ପ୍ରେମର ଏ ପ୍ରମାଣ
ପରଂବ୍ରହ୍ମଙ୍କର ଚରଣେ ଲଭିଥାନ୍ତି ଶରଣ
ସମୂହ କଲ୍ୟାଣ ଲାଗି କରୁଥାନ୍ତି କରମ
ଆଦର୍ଶ ଜୀବନସାଥୀ
ରୂପେ ବିତାନ୍ତି ଜୀବନ
ତାଙ୍କୁ ସଦୟ ହୋଇ ରହିଥାନ୍ତି ପରମ
ମିଳିଥାଏ ଯା'କୁ ପ୍ରକୃତ ପ୍ରେମ।

+ କୋହି,ବାରିପଦା,ମୟୂରଭଞ୍ଜ।
ମୋ.ନଂ.--୮୦୧୮୩୫୩୩୨୨

## ପ୍ରେମିକ


### ଶରତ କୁମାର ଦାସ




ଯେତେ ଥର ଯାଇଛି
ଶୁଣିଛି ନିରାଶାର ବାଣୀ

ଫେରିଛି
ଶୀତ ସକାଳକୁ ସାଙ୍ଗରେ ଧରି
ଡହ ଡହ ଖରାରେ
ଭିଜେଇଛି ନିଜକୁ
ପଙ୍ଗାପଙ୍ଗା ଝାଉଁଗଛ ତଳେ ଦେଖିଛି
ଯୋଡି ଯୋଡି ବଣିଙ୍କର ଥେଇ ଥେଇ
ନାଚ
ପ୍ରମତ୍ତ ପାଗଳ ପରି
ଫୁଟପାଥର ନିୟନ ଆଲୁଅ ତଳେ
ଷଣ୍ଡ ଭାବି
ନିଜ ଛାଇକୁ ଘଉଡ଼େଇବାର ଦୃଶ୍ୟ
ଏବେ ବି ଖୁବ ସତେଜ ଅଛି

ଜାଣିବି
ତମେ ଆସିବ ନାହିଁ ବୋଲି
ସମୟକୁ ନିର୍ଦ୍ଦେଶ ଦେଇଛି
ଅଟକି ଯିବାକୁ
ଚେନାଚୁର ବାଲାକୁ ପଚାରିଛି
ତମ ପରି ଡେଙ୍ଗୀ ପାତଳୀ ଝିଅଟିଏ

ତା ପାଖକୁ କେବେ ଆସିବାର
ଦେଖିଛି କି ବୋଲି
ସିଗାରେଟ ଧୂଆଁରେ ଶେଷ ଚୁମା ଦେଇ
ପବନ ସହ ମଇତ୍ର ବସିଛି
ତମେ ଛାଡିଯାଇ ଥିବା ପାଦ ଚିହ୍ନରେ
ପାଦ ଥାପି ଥାପି
ଆନୁମାନିକ ଠଉରେଇଛି
ଷ୍ଟେସନରୁ ତମ ହଷ୍ଟେଲର ଦୂରତ୍ୱ

ତଥାପି
ନିରବି ନ ଯାଇ
ତମ ସ୍ୱାଗତ ପାଇଁ ତୋଳିଛି
ଦେବଦାରୁ ପତ୍ରର ତୋରଣ
ତମ ପ୍ରତିଛବିର ସ୍ୱପ୍ନକୁ ନେଇ ଆଙ୍କିଛି
ପୁଞ୍ଜ ପୁଞ୍ଜ ମେଘଙ୍କର ନିରବ
କୋଳାହଳ
ଫୁଲଙ୍କ ଦେହରୁ କଣ୍ଟା କାଢି
ନିଜ ଦେହରେ ଗୁଞ୍ଜିଛି
ରକ୍ତାକ୍ତ ହୋଇଛି ସତ
ରକ୍ତରେ ଭିଜିଛି ବୋଲି କେବେ୍ବି
କହିନି
କାଳେ ମୋ ମନର କଷ୍ଟ
ତମ ଦେହରେ ସଞ୍ଚରି ଯିବ ବୋଲି

ଶେଷରେ ଦେଖିଛି
ସବୁ କିଛି ବଦଳିଲା ପରେ୍ବି
ତମେ ନିରବ ନିଶ୍ଚଳ
ନିଜ ପ୍ରେମର ଅହଂକାରକୁ ନେଇ

ମୁଁ
ଅସହାୟ ପ୍ରେମିକଟିଏ
ଶୂନ୍ୟତାର ନୀଳମେଘ ପିନ୍ଧି
ଏବେ ବିଆପେକ୍ଷିଛି
କାଳେ ତମ
ପାହାନ୍ତି ଆକାଶରେ
ସ୍ୱପ୍ନିଳ ଜହ୍ନ ଟିଏ
କଅଁଳିବ ବୋଲି ।


❤ପାଲୁର ବଙ୍ଗଳା
ଘର ନମ୍ବର...୨୬, ବ୍ରହ୍ମପୁର
ମୋ: ୯୪୩୭୪୨୩୯୮୫


## ଜୀବନ ଗୋଟେ ଫାଟକ


### ରତ୍ନାକର ରାଉତ




ଜୀବନ ଗୋଟେ ଫାଟକ
ଫାଟକ ଖୋଲିଗଲେ ଲାଗିଯାଏ
ଗହଳଚହଳ ଓ କୋଳାହଳ
ଫାଟକ ବଂଦ ଥିଲାବେଳେ
ରୁଦ୍ଧ କୋଠରି ମଧ୍ୟରେ ଥିବା ଆବଦ୍ଧ ଜୀବନ
ଆଲୁଅର ଅପେକ୍ଷାରେ ଉତ୍ସୁକ ହୋଇ ରହିଥାଏ
ଏବଂ ଅନ୍ଧାରୀ ଗହ୍ୱର ଭିତରେ
ଜୀବନ ମୁକ୍ତିର ଦିନ ଗଣୁଥାଏ ।

ନିୟତିର ନିର୍ଦ୍ଦେଶରେ ଫାଟକ ଖୋଲିଗଲେ
ଆସି ପହଂଚନ୍ତି ବଂଧୁ ପରିଜନ, ଆତ୍ମୀୟ ସୋଦର
ଓ ଶଂଖୋଳନ୍ତି
ବେଳେବେଳେ ଭଅଁର, ମହୁମାଛି
ଓ ପ୍ରଜାପତିଙ୍କ ଭିଡ଼ ଜମେ
କିଏ କିଏ ସବୁ ଆକଟକୁ ହଟେଇ
ଫାଟକ ଖୋଲି ପଶି ଯାଆନ୍ତି
ଏବଂ ଆଉ କିଏ କିଏ ରହିଗଲେ ଯାଇ ଭିତରେ
ବାହାରନ୍ତି ନାହିଁ ସହଜରେ
ଅନ୍ୟ କେତେକ ଏସବୁ ଦୃଶ୍ୟ
ଅନେଇ ଦେଖୁଥାନ୍ତି ଦୂରରୁ
ସେମାନେ ଫାଟକ ଭିତରକୁ ପଶି ପାରନ୍ତି ନାହିଁ।

ସେ ସମୟରେ କ୍ଷେତରେ ଅଳସୀ ଫୁଲର ସମ୍ଭାର ପରି
ଜୀବନ ଖୁବ୍ ମଧୁମୟ ଲାଗେ
ଦିନ ଗଡ଼ିଚାଲେ ତା ବାଟରେ କିଛି କାଳ ସୁଖରେ

ଏମିତି ସମୟ ଆସି ପହଂଚେ
ଯେତେବେଳେ ଦେଖାଯାଏ
ଫାଟକ ଖୋଲାଥିଲେ ବି ପାଖରେ ନଥାନ୍ତି କେହିଜଣେ
ଚଉପାଖ ଖାଁ ଖାଁ ଶୂନ୍‌ଶାନ୍ ଲାଗୁଥାଏ
ଆସିଥିବା ଅତିଥି ଅଭ୍ୟାଗତ
ଓ ଅସ୍ଥାନ ଜମେଇଥିବା ସକଳ ଆଗନ୍ତୁକ
ସେ ଜାଗାରୁ କିଏ କେଉଁ ବାଟେ ପ୍ରସ୍ଥାନ କରିଥାନ୍ତି
ତାର ସାମାନ୍ୟ ସୂଚନା ମଧ୍ୟ ମିଳେ ନାହିଁ
ନିଃସଂଗତାରେ ଭିଜା ଏକଲାପଣ
ଜୀବନକୁ ଖାଇ ଗୋଡ଼ାଏ ।

ସମୟ ବିତୁ ନଥାଏ
ଅନ୍ୟଥା ପ୍ରଲମ୍ବିତ ହୋଇଯାଉଥାଏ ବେଳକୁ ବେଳ
ଫାଟକ ସେମିତି ଖୋଲାଥାଏ
ଗହୀର ମଝିରେ ଥୁଣ୍ଟାଗଛ ଆକାଶକୁ ଅନିଷା କଲାପରି
ଜୀବନ ନାମ ଅଜଣା କେଉଁ ପରିଚୟହୀନ
ଅପରିଚିତ ନାୟକର ଅପେକ୍ଷାରେ ଥାଏ ।

ଆଉ ଲଢ଼ିବାକୁ ବାକି ଯୁଦ୍ଧ ନଥାଏ
ଯୁଦ୍ଧ ବାକି ଥିଲେ ବି ଇଚ୍ଛା ନଥାଏ
ଅସ୍ତ୍ର ତ୍ୟାଗ ସରିଥାଏ
ଏବଂ ଏହା ଭିତରେ ନିଷ୍ଠୁର ଭୂତାଣୁ ମାନଙ୍କ ଦ୍ୱାରା
ସଂକ୍ରମିତ ହୋଇ ସାରିଥାଏ ନିଧୁବନ
ନିଷ୍ପ୍ରଭ ଆଲୁଅରେ ଦିଶୁନଥାଏ ଆକାଶର ଇନ୍ଦ୍ରଧନୁ
ଶୀତ ସକାଳରେ କାଲୁଆ ବାଆର ଛୁଆଁ ପରି
ଜୀବନକୁ ଜଡ଼େଇ ରଖିଥାଏ ଅହେତୁକ ଜଡ଼ ।

ମଧୁକୋଷରୁ ନିଃଶେଷ ହେଲା ପରେ
ଅମୃତ ତୁଲ୍ୟ ମଧୁ
ଜନ୍ଦା, ପିମ୍ପୁଡ଼ି ବି ସେଠାରୁ ଅଦୃଶ୍ୟ ହୋଇ ଯାଆନ୍ତି
ଯେପରି ସବୁ ବାକ୍ୟର ପୂର୍ଣ୍ଣଚ୍ଛେଦ ପଡ଼ିସାରିଛି
କେବଳ ବାକିଅଛି ଆଙ୍କିବାକୁ ଉପସଂହାର ।

ଫାଟକକୁ କେହି କେବେ ବନ୍ଦ କରନ୍ତିନି
ଫାଟକ ସେମିତି ଖୋଲ ରହିଥାଏ
ସେ ଆପେ ଆପେ ବଂଦ ହୋଇ ନଯିବା ଯାଏ
କେବେ ଦିନେ ମନକୁ ମନ ଫାଟକ ବନ୍ଦ
ହୋଇଯିବା ସହିତ
ଫାଟକ ପର୍ବର ଯବନିକା ପାତହୁଏ ।

ତା ପରେ କେଉଁ ନିରନ୍ଧ୍ର ଗହ୍ୱର ମଧ୍ୟରେ
କେଉଁଠି ଅବିଲୁପ୍ତ ହୋଇଯାଏ ଜୀବନ
ଯେଉଁଠୁ ଦିନେ ସେ ଏଠାରେ ଉଦ୍‌ଭବ
ହୋଇଥାଏ ।
ଜୀବନ ଚକ୍ରର ଆରମ୍ଭ ଓ ଶେଷ
ଗୋଟେ ଫାଟକର ଅନୁଶୀଳନରୁ ହିଁ ଜଣାପଡ଼େ ।


❤ଭୁବନେଶ୍ୱର


## ଚିଠିର ଠିକଣା....


### ପ୍ରଫେସର ଶାନ୍ତନୁ କୁମାର ସର




ମୁଁ ହଠାତ୍ ଦେଖିଲି
ମୋର ଅନ୍ତରଙ୍ଗ ଚିଠିସବୁ
ଖିନଭିନ ହୋଇ ପଡିଛନ୍ତି
ବିପର୍ଯ୍ୟସ୍ତ ଫୁଲ ବଗିଚାରେ
ରକ୍ତର ଉଷ୍ମତା ଯେବେ ଶବ୍ଦଖୋଜେ
ମନର ଅଗଣାରେ ଅପ୍ରାପ୍ତିର ଦୀର୍ଘଶ୍ୱାସ
ଯେବେ ହଜିଯାଏ ଆବେଗର ନୀଳ ଆବର୍ତ୍ତରେ
ଯେତେବେଳେ ପ୍ରାପ୍ତିର ପୁଲକରେ ଭିଜିଯାଏ ସମଗ୍ର
ଶରୀର
ସ୍ୱପ୍ନମୟ ଆକାଶରେ ଦିଶେ ଖାଲି ଇନ୍ଦ୍ରଧନୁ
ସୁରଭିତ କାମନାର ନୀଳ ଇସ୍ତାହାର
ସେତେବେଳେ ଚିଠି ମୋର ଭରିଯାଏ ଏହିପରି
କମନୀୟ ଶବ୍ଦର ଧାଡ଼ିରେ
ମୁଁ ଯେତେବେଳେ ତୋଳିବାକୁ ଚେଷ୍ଟାକରେ
ପାରିଜାତ
କମନୀୟ ରୂପଶ୍ରୀର ଦିବ୍ୟ ରୂପାନ୍ତର
ସେତେବେଳେ ଚିଠି ମୋର ସ୍ୱପ୍ନିଳ ପୃଷ୍ଠାରେ
ବୋହିଯାଏ ଏହିପରି ଶବ୍ଦ ଶବ୍ଦାନ୍ତର
ଯେତେବେଳେ ଚାଲୁଥାଏ ଜୀବନ କେନ୍ଦ୍ରରୁ
ପ୍ରାପ୍ତିର ପ୍ରଲମ୍ବିତ ପରିଧି ପର୍ଯ୍ୟନ୍ତ
ସେତେବେଳେ କେଉଁ ଦୂର ଗହନବନରୁ
ପୁଲକିତ ଶବ୍ଦମାନେ ଭାସିଯାନ୍ତି ମୋ ଚିଠି ପୃଷ୍ଠାରେ

କୁହୁକ ରୁମାଲ ପରି ଚିଠି ମୋର
ଖୋଜିବୁଲେ ପ୍ରାପକ ଠିକଣା
ଡେଇଁ ଡେଇଁ କାଶତଣ୍ଡି ବଣ, ପ୍ରୀତିର ଆକାଶ
ଓ ଯେତେସବୁ ଲକ୍ଷ୍ମଣର ଗାର
ମୁଁ ଜାଣେନା ଯା ପାଇଁ ଚିଠି ସବୁ
ସେ ଏବେ ସୂକ୍ଷ୍ମ ଅବା ସ୍ଥୁଳ ଶରୀରରେ
ଚିଠିର ସେ ପ୍ରାଣକେନ୍ଦ୍ର
ସୁରଭିତ ବାସନାର ରୋମାଞ୍ଚିତ ସ୍ୱର
ଚିଠିର ଅକ୍ଷର ସବୁ କମ୍ପିତ ଅଧର
ପରି ଛଟପଟ ଅବ୍ୟକ୍ତ ମୋହରେ
ବିପର୍ଯ୍ୟସ୍ତ ବଗିଚାରୁ ଚିଠିର ଶବ୍ଦସବୁ
ବାଷ୍ପୀଭୂତ ହୋଇଯିବେ ଆକାଶର
ଅନନ୍ତ ବ୍ୟାପ୍ତିରେ ବର୍ଷିଯିବେ
ଗାଇ ଗାଇ ଚିରନ୍ତନ ପ୍ରେମର ବିଜୟ...


❤ପ୍ରାକ୍ତନ ଅଧ୍ୟକ୍ଷ,
ସରକାରୀ ମହାବିଦ୍ୟାଳୟ (ସ୍ୱୟଂଶାସିତ), ଅନଗୁଳ


## ପାଂଥଶାଳା


### ହରିଶ୍ଚନ୍ଦ୍ର ବେହେରା




ଆଦିମ ବନାନୀ ସବୁଜ ଉଲ୍ଲାସ
ବୁଝେ ଏକା ପାଂଥଶାଳା
ମୃଗୟା ବିନୋଦେ କେତେ କେ
ଆସନ୍ତି
ପୂରେ କି ତା' ଶୁନ୍ୟ ଥାଳା !

ଜହ୍ନ ଧୋଇଦିଏ ଅନ୍ଧାରକୁ ତା'ର
ଫୁଲର ମହକ ଦେଇ
ଗେଲ୍‌ହେଇ ଝରଣା କୁଳୁକୁଳୁ ସ୍ୱରେ
କେତେ ଗୀତ ଯାଏ ଗାଇ
କେବେ ଇନ୍ଦ୍ରଧନୁ ପାଂଥଶାଳାକୁ
କରିଦିଏ ମତୁଆଲା ।

ସେସେଂୟା ରାତିର ଅନ୍ଧାର ଭିତରେ
ନିଶା ଡାକେ ସାଇଁ ସାଇଁ
କେତେ ନିସଙ୍ଗତା ନ ଭୋଗିଛି ସିଏ
ନିଜ ଲୁହ ନିଜେ ପିଇ
ବନବାସୀଙ୍କର ନିରାପଦ ନିଦ
କିଏ ଆଜି ଭାଙ୍ଗି ଦେଲା ।

ପାଂଥଶାଳା କେବେ ପଚାରି ବୁଝିନି
ଜାତି ଗୋତ୍ର ଧର୍ମ ନାଆଁ
ଯିଏ ବି ଆସିଛି କୋଳେଇ ନେଇଛି
ସତେକି ରଙ୍କୁଣୀ ମାଆ
ଶତ୍ରୁ ମିତ୍ର କିଛି ବିଭେଦ ନ ରଖି
ରଖିଛି ଅନ୍ତର ଖୋଲା ।


❤କଲ୍ୟାଣ ନଗର,
ବାଲେଶ୍ୱର -୧
ମୋ-୯୪୩୭୮୧୩୭୦୮


## ଦୂର ପରବତ


### ରତ୍ନପ୍ରଭା ବାଇ




ତୁ କହୁଥିଲୁ ନା ମାଆ
ସଂସାର ଭିତରେ ଘର କରିଥିଲେ
ପଥର ପଡ଼ିଲେ ସହି,
ପଥର ହେଲେ ଚଳିଯିବୁ
ପତର ହେଲେ ଉଡିଯିବୁ ।

ଦୁଃଖ ଭିତରେ ସୁଖ ଅଛି
ସୁଖ ଭିତରେ ଦୁଃଖ ଅଛି,
ଏ ଦୁଇଟିରୁ ଯେଉଁଟି ହେଲେ ନେଇଯା, ତୁ ବାଛି ।

ତୋ ବୋଲି ମାନି ପତର ନହୋଇ
ପରବତ ହେଲି
ଦୁଇଟି ଭିତରୁ ଦୁଃଖକୁ ବାଛିଲି ବୋଲି,
କେତେବେଳେ କାହାର
ମର୍ମଭେଦୀ ବାକ୍ୟର ବୋମାରେ
ନିଶବ୍ଦରେ ଭାଙ୍ଗି ପଡୁଛି ହୃଦୟ ତ,
କେବେ ଜଞ୍ଜାଳର ଜାଳ ଲାଗି
ପୋଡି ଯାଉଛି ମନର ମୂଳକ।

ଆଶା ତରୁମାନେ ଶାଖା ମେଲି
ଫଳବତୀ ହେବା ଆଗରୁ
ଟଳି ପଡୁଛନ୍ତି, ସମସ୍ୟାର କୁରାଢ଼ି ଚୋଟରେ ,
ସବୁ ଭାବନା ଦିଗହରା ହୋଇ ଚାଲି ଯାଆନ୍ତି
ଅଜଣା ବାଟରେ ।

ସ୍ୱପ୍ନ ସବୁ ଆସିବା ଆଗରୁ
ଅମାନିଆ ଲୁହରେ ଓଦା ହୋଇଯାଏ ଆଖି,
କଷଣ ଯେତେକ କରଜ କରିଛି ବୋଲି
ମନର ସାଦା କାଗଜରେ ଦେଇଛି ମୁଁ ଲେଖି ।

ତଥାପି, ସାରା ବେଦନାକୁ
ବୁକୁରେ ସାଇତି, ଅବିରତ ଅନ୍ତରରୁ
ଝରାଇ ଚାଲିଛି ଶୀତଳ ଝରଣା,
କୁଁ କୁଁ ପରବତ ପରି
ଦୂରୁ ଖାଲି ଦିଶୁଛି ସୁନ୍ଦର
ଯାହା ହେଉ ପଛେ ମୋର ଜୀବନ ଅଗଣା ।।


❤ ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର ଟାଉନ, ଅନୁଗୁଳ।
ମୋ - ୯୩୩୭୯୭୨୭୪୯


## କିଛି ସ୍ୱପ୍ନ ମୋ ଟିକି ମନର


### ବର୍ଷାରାଣୀ ମହାମଲ୍ଲିକ




କେତେ ସ୍ୱପ୍ନ ଅଛି ମୋର
ଏ କୁନି ମନରେ
ଭାବୁଛି କରିବି ସଫଳ
ତାକୁ ଏ ଜୀବନ ରେ।

ବଡ ହେଲେ ହେବି ମୁହିଁ
ସମାଜ ସେବିକା,
ଏ ସମାଜ ହିତ ସାଧି
କରିବି ମୁଁ ସେବା।

ଆଉ ଅଛି ସ୍ୱପ୍ନ ମୋର
ବହୁତ ଦିନ ରୁ
ବାପା ମା ପାଦ ତଳେ
ସଦା ପ୍ରାଣ ଥାଉ ।

ଖୋଲିଦେବି ଅନାଥ ଆଶ୍ରମ
ରହିବେ ପିଲା ସେଠି
ଖୁସି ମନେ ସେଇମାନେ
ବଢ଼ିବେ ସେଇଠି।

ଦୁରେଇବି ସମାଜରୁ
ଦୁର୍ନୀତି ଭ୍ରଷ୍ଟାଚାର,
ଏକତା ଆଣିବି ଫେରେଇ
ଏଇ ଲୋକମାନଙ୍କର।

ସମାଜରେ ରହିବନି ଅନ୍ୟାୟ ଅନୀତି
ରହିବନି ଜମା ଏଠି ଅଧର୍ମର ସ୍ଥିତି,
ଲଗାଇବି ନିଜକୁ ମୁଁ ସମାଜ ହିତ
ପାଇଁ
ଦୁଃଖ, କଷ୍ଟ, ଗ୍ଲାନି ଯେତେ ଯିବ
ରେ ଦୁରେଇ।

ଦୂର ହୋଇଯିବ ଅଛି ଯେତେ
ଅସୁବିଧା
ରହିବନି ଅଭାବ କୌଣସି ଥିରେ
ସଫଳ କରିବି ମୁହିଁ ଅଛି ଯାହା ସତେ
ସ୍ୱପ୍ନ ସବୁ ଏ କୁନି ମନରେ ।


❤ଜିଲ୍ଲା : ବରଗଡ଼
ମୋ : ୮୨୬୦୬୫୯୩୩୨


## ଫେରିଆସ ପ୍ରିୟା ମୋର


### ତାରାପ୍ରସାଦ ଜେନା




ମରଣକୁ ମୋର ଭାବନାକୁ ବେଶି ହୋଇଗଲା ଅଧିକାର
ଭଲପାଇ ମୋତେ ଭୁଲିଗଲ ପ୍ରିୟା କରିଦେଲ ହତାଦର
.....ମରଣକୁ ମୋର ଭାବନାକୁ ବେଶି...... !

ଗୋଲାପର ଫୁଲ ହାତେ ମୋର ଥାଇ ମଉଳୁଛି ବାସହୀନ
ଆଶାଘର ଆଜି ତାସ୍ ଘର ପ୍ରାୟ ଭାଙ୍ଗିଦିଏ ସବୁ ଧ୍ୟାନ,
ବାହାରକୁ ହସ ଭିତରଟା କାନ୍ଦ, ପ୍ରେମ ଲାଗେ ଅଭିସାର
.....ମରଣକୁ ମୋର ଭାବନାକୁ ବେଶି...... !

ଅନ୍ଧାରକୁ ଗୀତ ମଦ ବସେ ମିତ, ସହିବାର ଶେଷ ସୀମା
ଅନ୍ଧପଣ ଭାବ ଶେଷ ହେବ ବେଳ, ମିଳିବନି ଛୋଟ ଚୁମା
ବଞ୍ଚିବାର ରାଣ ଅଯଥାରେ ସିନା ମନେହୁଏ ପାଣିଗାର
....ମରଣକୁ ମୋର ଭାବନାକୁ ବେଶି...... !

ଚାଲିଗଲା ପରେ ଆସିବକି ବୁଲି ଲୁହ ଟୋପା ଦେବ ଭେଟି
ଆଞ୍ଜୁଳାଏ ଫୁଲ ସମାଧିରେ ରଖି ଅନୁରାଗେ ଯିବ ଲୋଟି,
ଏମିତିକା ଦୟା ଚାହୁଁନାହିଁ ମାୟା, ଫେରିଆସ ପ୍ରିୟା ମୋର
.....ମରଣକୁ ମୋର ଭାବନାକୁ ବେଶି...... !


❤ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ମୋ: ୯୩୪୮୦୫୪୩୦୦


## ହାତେ ମାପି ଚାଖଣ୍ଡେ ଚାଲିବା


### ଭାରତୀ ସରିତା ମହାନ୍ତି




ସ୍ରୋତସ୍ୱିନୀ ସମୟ
ସ୍ରୋତର ପଥରେ
ଏ ଜୀବନଟା
ଭାସୁ ଭାସୁ
କେତେବେଳେ
ନିଜକୁ ହାଜାଇଦିଏ
ନିଜତ୍ୱର ଗଭୀର ଗଣ୍ଡରେ
ଆଉ ଭୁଲିଯାଏ ଆପଣା ଓ ପର
ସେତିକି ବେଳେ ଚିହ୍ନା ମୁହଁ ବି
ଅଚିହ୍ନା ଲାଗେ....।

ଭୁଲିଯାଏ ଯେତେ ପ୍ରତିଶ୍ରୁତି,
ଥିଲା ଯାହା ଯେତେ ଅନୁଭୂତି
ଆଉ କେତେ ଆପଣାର ପଣ
ଭେଟିଥିବା ମଧୁର ଲଗନ
ଲିଭିଯାଏ ମନ ଆକାଶରୁ
ଉଇଁଥିବା ସେଦିନର ଜହ୍ନ,
ଅଚିହ୍ନା ବି ଚିହ୍ନା ପରି ଲାଗେ
ହୋଇଯାଏ ହୃଦୟାଲିଙ୍ଗନ..... ।

ଧୋକା ଆଉ ଛଳନା ବହ୍ନିରେ
ଜଳିଯାଏ ବିଶ୍ୱାସ ଭରସା
ସ୍ୱାଭିମାନୀ କଳିକାଳ ଧ୍ୱଜା
ଉଡୁଅଛି ଫର ଫର ହୋଇ
ଦୁନିଆର ମନ୍ଦିର ଚୂଡ଼ାରେ,
କେ' କରିବ ୟାର ପ୍ରତ୍ୟାଖ୍ୟାନ
ବଞ୍ଚିବାକୁ ହେବ ଯଦି ଏଠି
ଅଭିନୟେ କାଟିବାକୁ ହେବ
ଜୀବନର ଯେତେ ବାକି ଦିନ... ।

ମୁଖେ ବୋଲି ସଶ୍ରଦ୍ଧେୟ ବାଣୀ
ମିଛେ କହି ଦକ୍ଷତା କାହାଣୀ
ଜିତିନେବା ସରଳ ହୃଦୟ
ତୋଷି ନେବା ସ୍ୱାର୍ଥପର ମନ,
ଲକ୍ଷ୍ୟ ସିଦ୍ଧ ହେବା ଅବିଳମ୍ବେ
ହେଇଯିବା ଚତୁରେ ଉଭାନ.... ।

ଆଜିର ଏ ମଣିଷ ଚରିତ୍ର
ବାକ୍ୟରେ ନଥାଏ ମହତ୍ତ୍ୱ,
ହାତେ ମାପି ଚାଖଣ୍ଡେ ଚାଖଣ୍ଡେ
ଚାଲିବାକୁ ହେବ ନିଜ ପଥ... ।


❤ବାଲିଆପାଳ, ବାଲେଶ୍ୱର


## ଝାଟିମାଟି ଘର


### ଜଗଦୀଶ ପଣ୍ଡା


ଝାଟିମାଟି ଘର ଆହା କି ସୁନ୍ଦର
ଗଢା ହୁଏ ସ୍ନେହରେ,
ମାଟି କୁଡ଼ିଆରେ ଥାଏ ଯେଉଁ କଥା
ଅଛି କି ରାଜ ମହଲେ।

ମାଟିର କୁଡ଼ିଆ ଦିଶେ ମନୋହର
ଥାଏ ତାର ଐଶ୍ୱର୍ଯ୍ୟ,
ପୁଆଳ ନଟାରେ ହେଉ ପଛେ ଗଢା
ଦିଶେ ଭାରି ସେ ସୌନ୍ଦର୍ଯ୍ୟ।

ମାଟି କାନଛ ବସି ପଖାଳ ଭାତକୁ
ଖାଉ ଆମେ ଆନନ୍ଦେ,
ସେଠି ଯେଉଁ ମଜା ଅଛିରେ ସଙ୍ଗାତ
ନାହିଁରେ ଆଉ କେଉଁଠେ।

ଗାଆଁ ଗହଳିର ସବୁଠୁ ସୁନ୍ଦର
ଆମରି କାନ୍ଥ ଘର,
ଦେଖି ନାହିଁ ମୁହିଁ ଏମିତିକା ଘର
ଦିଶେ କେଡ଼େ ମନୋହର।


❤ ଗ୍ରାମ:- ଅଲାଡିଗାଁ, ଗଂଜାମ
(ମୋ)- ୬୩୭୧୨୭୮୧୬୩


## ନବବଧୂର ଶବ


### ବିକାଶ ନାୟକ




ଦିନେ ନଦୀ ତଟରେ
ଛିଡା ହୋଇଥିଲି
ନଦୀର ବାରିଧାର ବି ସତେ ଅବା
କଇଁ କଇଁ ହୋଇ କାନ୍ଦୁଥିଲା
ପ୍ରଖର ସ୍ରୋତରେ ।
କାହିଁକି ବା କାନ୍ଦି ନଥାନ୍ତା !
ସେଇଠି ଅଛି ପରା
ନବ ବିବାହିତା ବଧୂର
ଭାସମାନ ଶବ ।
ଆକାଶ ବି ମେଘାଛନ୍ନ ଥାଏ,
ମୋତେ ସତେ ଅବା ପାଗଳ
କରିଦେଉଥାଏ ।
ମୁଁ ହଠାତ ଶବକୁ ପଚାରିଲି କିଏ
ତୁମେ,
କାହା ଘରର ଝିଅ, କିଏ ତୁମ
ଆପଣାର,
କିଏ ତୁମ ସହ ଛଳନା କରିଛି,
କାହିଁକି ତୁମେ ଦୁନିଆ ଛାଡିଛ,
ଏଇପରି ଅନେକ ପ୍ରଶ୍ନ ।

କୁହ ତୁମେ କାହା ପାଇଁ ମେହେନ୍ଦି,
ଅଳତା, ସିନ୍ଦୁର ନାଇଛ ?
କେଉଁ ଅଗଣାର ପାରିଜାତ ଫୁଲ ଟିଏ।
ଦେଖିଲେ ଲାଗୁଛି ରାଜକୁମାରୀ ଟିଏ ।

ଏସବୁ କଥା ଶୁଣି ଶବଟି କହିଲା
ଗରିବ ବାପାର ଝିଅଟିଏ ମୁଁ ।
ବାପାଙ୍କ ଖୁସିରେ ଖୁସି ହେଉଥିଲି
ବାପାଙ୍କ ଦୁଃଖିରେ ଦୁଃଖୀ ।
ସ୍ୱାମୀଙ୍କ ଖୁସିରେ ଖୁସି ହେଉଥିଲି
ସ୍ୱାମୀଙ୍କ ଦୁଃଖରେ ଦୁଃଖୀ ।

ସ୍ୱାମୀକୁ ମାନିଥିଲି ମୋ
ଜୀବନର ଦୀପଟିଏ ।
ହେଲେ ସ୍ୱାମୀ ଥିଲେ
ଛଳନାର ସୌଦାଗର ।
ଲୁଚକାଳି ଓ ଇନ୍ଦ୍ରଜାଲ ପରି
ତାଙ୍କ ଜୀବନରେ ଥିଲେ
ଅନେକ ନାରୀ ।
ଜିଅନ୍ତା ଶବ ହୋଇ ବଂଚିବା
ଅପେକ୍ଷା ଏମିତି ମୃତ୍ୟୁକୁ
ଶ୍ରେୟ ମଣିଲି ।


❤କଇଁପୁର, ଜାମଦା, ମୟୂରଭଞ୍ଜ
ମୋ: ୬୩୭୨୬୪୬୭୧୦

# ନିଜ ନିଷ୍ଠା, ଉଦ୍ୟାନ କୃଷି ବିଭାଗର ସମର୍ଥନ ଏବଂ ଆମ ଜଙ୍ଗଲ ଯୋଜନା ଟିମ୍ ପ୍ରେରଣାରେ ସଫଳ ଛତୁ ଚାଷୀ ଜାଇଫୁଲ ବରିହା

ବଲାଙ୍ଗିର, ୨୨/୦୫ (ନି.ପ୍ର): ଶ୍ରୀମତୀ ଜାଇଫୁଲ ବରିହା, ଜଣେ କୃଷକ ଭାବରେ ଏକ ଅବିଶ୍ୱସନୀୟ ଯାତ୍ରା ଆରମ୍ଭ କରିଛନ୍ତି। ତାଙ୍କର ନିଷ୍ଠା ଏବଂ ଉଦ୍ୟାନ କୃଷି ବିଭାଗର ସମର୍ଥନ ଏବଂ ଆମ ଜଙ୍ଗଲ ଯୋଜନା ଟିମ୍ ସଦସ୍ୟଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛନ୍ତି, ଯାହା ଆମର ହୃଦୟସ୍ପର୍ଶୀ ଯୋଗ୍ୟ। ଉଦ୍ୟାନ ବିଭାଗରୁ ବୃତିଗତ ତାଲିମ ଗ୍ରହଣ କରିବା ପରେ ଶ୍ରୀମତୀ ଜାଇଫୁଲ ବରିହାଙ୍କୁ ୧୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ତାଙ୍କ ଦକ୍ଷତା ଏବଂ ସମ୍ବଳରେ ଏହି ବିନିଯୋଗ ତାଙ୍କ ଚାଷ ପ୍ରତି ଆଗ୍ରହକୁ ବଢାଇ ଦେଇଥିଲା ଏବଂ ତାଙ୍କ ଭିତରେ ଉଦ୍ୟୋଗର ଏକ ସ୍ପାର୍କ ଆଣି ଦେଇଥିଲା। ତାଙ୍କର ନୂତନ ଚାଷ ପ୍ରଣାଳୀ ଏବଂ ନିଷ୍ଠା ଦ୍ୱାରା ସେ ଛତୁ ଚାଷ ପାଇଁ ଉଦ୍ୟମ କଲେ। ସେ ସଫଳତାର ସହିତ ଏକ ୧୫୦ ଶଯ୍ୟା ବିଶିଷ୍ଟ ଛତୁ ଚାଷ ୟୁନିଟ୍ ସ୍ଥାପନ କରିଛନ୍ତି। ବାସ୍ତବରେ ଚମତ୍କାର ବିଷୟ ହେଉଛି ଯେ, ତାଙ୍କର କଠିନ ପରିଶ୍ରମ ଏବଂ ନିଷ୍ଠା ବହୁ ପରିମାଣରେ ଫଳ ଦେଇଛି। ପ୍ରାରମ୍ଭିକ ବିନିଯୋଗରୁ ମାତ୍ର ୧୦ ହଜାର ଟଙ୍କାର ମଞ୍ଜି ଏବଂ ନଡ଼ାରେ, ସେ ପ୍ରଚୁର ଅମଳ କରି ୭୦ ହଜାର ଟଙ୍କା ରୋଜଗାର କରିଥିଲେ ମାତ୍ର ତିନି ମାସରେ। ତାଙ୍କର ଉଲ୍ଲେଖନୀୟ ସଫଳତାର କାହାଣୀ ଯେତେବେଳେ ଆମର ସୁଯୋଗ ଏବଂ ସମର୍ଥନ ଦିଆଯାଏ ସେତେବେଳେ ଆମର ସୀମାବଦ୍ଧ କୃଷକଙ୍କ ଅପାର ସମ୍ଭାବନା ଏବଂ ସାମର୍ଥ୍ୟ ପ୍ରଦର୍ଶନ କରେ। ତାଙ୍କର ଏହି ସଫଳତା ଆମ ସମ୍ପ୍ରଦାୟର ସମସ୍ତ ଆଶାକର୍ମୀ କୃଷକ ଏବଂ ଉଦ୍ୟୋଗୀମାନଙ୍କ ପାଇଁ ଏକ ପ୍ରେରଣା ଭାବରେ କାର୍ଯ୍ୟ କରେ। ଆମେ ଶ୍ରୀମତୀ ଜାଇଫୁଲ ବରିହାଙ୍କୁ ଆମର ହୃଦୟରୁ ଅଭିନନ୍ଦନ ଜଣାଉଛୁ। ଜଣେ ମାର୍ଜିତ କୃଷକ ଠାରୁ ଜଣେ ସଫଳ ଉଦ୍ୟୋଗୀ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ହେଉଛି ଦକ୍ଷତା ବିକାଶର ପରିବର୍ତ୍ତନଶୀଳ ଶକ୍ତି ଏବଂ ଏହାର ପ୍ରଭାବ ବ୍ୟକ୍ତିବିଶେଷ ତଥା ସେମାନଙ୍କ ସମ୍ପ୍ରଦାୟ ଉପରେ ପଡିପାରେ।

# ମିଳିତ ଅମଲା ମଂଚ କୋରାପୁଟର ସାମ୍ବାଦିକ ସମ୍ମିଳନୀ: ଜୁନ୍ ୧ରୁ ସମୂହ ଛୁଟି ନିଷ୍ପତ୍ତି

ଜୟପୁର, ୨୨/୦୫ (ନି.ପ୍ର): ଦୀର୍ଘ ଦିନର ଅମଲା ମାନଙ୍କ ଏକ ମାତ୍ର ଦାବି କନିଷ୍ଠ ସହାୟକ ମାନଙ୍କ ପ୍ରବେଶିକା ଦରମା ହାର ୪୨୦୦/ ଗ୍ରେଡ ପେ ଦାବିରେ ଜିଲ୍ଲା ସଂଘ ଓ ରାଜ୍ୟ ସଂଘ ପକ୍ଷରୁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଥିଲେ ସୁଦ୍ଧା ସରକାର ଏଥିନେଇ କୌଣସି ପଦକ୍ଷେପ ଗ୍ରହଣ କରି ନଥିବାରୁ ସମସ୍ତ ସମଭାବାପନ୍ନ ସଂଘକୁ ନେଇ ରାଜ୍ୟରେ ମିଳିତ ଅମଲା ମଂଚ ଗଠନ କରାଯାଇଥିଲା। ସମସ୍ତ ଜିଲ୍ଲାରେ ମିଳିତ ଅମଲା ମଂଚ ଗଠନ କରାଯିବା ସହିତ ମୁଖ୍ୟମନ୍ତ୍ରୀ ଓଡିଶାଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ କୋରାପୁଟଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ସେହିପରି କୋରାପୁଟ ଜିଲ୍ଲାର ସମସ୍ତ ବିଭାଗର ଅମଲା ଭାଇ ଭଉଣୀ ମାନେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ରହି ସେଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦୀର୍ଘ ଏକ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନଥିବାରୁ ରାଜ୍ୟ ମିଳିତ ଅମଲା ମଂଚଙ୍କ ନିର୍ଦ୍ଦେଶନାରେ ଆଜି ଏକ ସାମ୍ବାଦିକ ସମ୍ମିଳନୀ କୋରାପୁଟ ଦକ୍ଷତା ବିକାଶ କେନ୍ଦ୍ର ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ମିଳିତ ଅମଲା ମଂଚ ସଭାପତି କୋରାପୁଟ ଜିଲ୍ଲା ଶାଖା ଶଶୀଭୂଷଣ ଦାଶଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ସମସ୍ତ ଅମଲା ଭାଇ ଭଉଣୀ ମାନେ ଯୋଗଦାନ କରିବା ସହିତ ବିଭିନ୍ନ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ମାନେ ଯୋଗଦାନ କରିଥିଲେ। ଏହି ସମ୍ମିଳନୀରେ ମୁଖ୍ୟତଃ ସୁନାକର ରାଉତ ମୁଖ୍ୟ ଉପଦେଷ୍ଟା, ମନୋଜ କୁମାର ବାରିକ୍ ଉପଦେଷ୍ଟା, ନିତ୍ୟାନନ୍ଦ ଭତ୍ରାଙ୍କ ସମେତ ବରିଷ୍ଠ ସଦସ୍ୟ ମାନେ ଯୋଗଦାନ କରିଥିଲେ। ଏଥିରେ ସର୍ବସମ୍ମତି କ୍ରମେ ଆସନ୍ତା ୨୨.୦୫.୨୦୨୩ ରିଖ ଠାରୁ ୩୧.୦୫.୨୦୨୩ ପର୍ଯ୍ୟନ୍ତ କଳା ବ୍ୟାଚ ପରିଧାନ କରିବା ସହିତ ଜୁନ ୧ ତାରିଖ ଠାରୁ ସମୁହ ଛୁଟି ନିଷ୍ପତି ନେବା ନେଇ ଚୂଡ଼ାନ୍ତ ନିଷ୍ପତି ନିଆଯାଇଛି।

## ଉଦ୍ଧାର ପାଇଁ ଦାଦନ ଶ୍ରମିକଙ୍କ ନିବେଦନ

ନୂଆପଡ଼ା, ୨୨/୦୫ (ନି.ପ୍ର): ନୂଆପଡ଼ା ଜିଲାରେ ପୁଣି ଦାଦନ ଯନ୍ତ୍ରଣା, ଉଦ୍ଧାର ପାଇଁ ଭିଡ଼ିଓ ମାଧ୍ୟମରେ ଆକୁଳ ନିବେଦନ କରିଛନ୍ତି ଶ୍ରମିକ। ଜବରଦସ୍ତି କାମ କରାଇବା ସହ ମନା କଲେ ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ ହୋଇଛିକ୍ଷ ଆଜି ହରି ମାଝୀ ନାମକ ଜଣେ ବୟସ୍କ ଶ୍ରମିକଙ୍କୁ ପ୍ରବଳ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏକ ଭିଡିଓ ମାଧମରେ ସରକାରଙ୍କୁ ଅନୁରୋଧ କରି ସେମାନଙ୍କୁ ଉଦ୍ଧାର ପାଇଁ ନିବେଦନ କରିଛନ୍ତି ହରି ମାଝୀ। ନୂଆପଡା ଜିଲା ବୋଡ଼େନ ଓ କୋମନା ବ୍ଲକର ୪୫ ଜଣ ଶ୍ରମିକ ଆନ୍ଧ୍ରପ୍ରଦେଶର ବିଜେଓ୍ୱାଡା ଗୁଣ୍ଟୁର ନିକଟସ୍ଥ ମାଛରଲାରେ ଆଜିକୁ ୬ମାସ ହେଲା ଇଟା ଭାଟିରେ କାମ କରୁଛନ୍ତି। କୋମନା ବ୍ଲକ କାମକେଡା ଗାଁ ର ଦାଦନ ଦଲାଲ ଭଗବାନ ତାଣ୍ଡି ପ୍ରତି ଶ୍ରମିକଙ୍କୁ ଚାଳିଶ ହଜାର ଟଙ୍କା ଦେଇ କାମ କରିବାକୁ ନେଇଥିଲେ। ଛଅ ମାସ ପୁରି ଯାଇଥିବାରୁ ସେମାନଙ୍କୁ ଛାଡି ଦେବାକୁ ଶ୍ରମିକ ମାନେ କହିବାରୁ ଟଙ୍କା ଅନୁସାରେ କାମ ସରିନାହିଁ ଓ ଆହୁରି ଅନେକ ଦିନ କାମ କର, ନତୁବା ଟଙ୍କା ଦେଇ ଦିଅ ବୋଲି ସର୍ଦ୍ଦାର କହୁଛନ୍ତି ବୋଲି ଶ୍ରମିକ ମାନେ କହୁଛନ୍ତି। ଏନେଇ ଦଲାଲ ଭଗବାନଙ୍କୁ ଶ୍ରମିକ ମାନେ ଯୋଗାଯୋଗ କରିବାରୁ ଟଙ୍କା ଫେରାଇ ଦିଅ ବୋଲି କହୁଥିବା ଶ୍ରମିକ ମାନେ କହିଛନ୍ତି। ସେମାନଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯ୍ୟାତନା ଦେଉଥିବା ଭିଡିଓ ମାଧମରେ ଉଲ୍ଲେଖ କରିବା ସହ ସେମାନଙ୍କୁ ଶୀଘ୍ର ଉଦ୍ଧାର ପାଇଁ ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି।

# ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣା : ମୁଖ୍ୟ ଶାସନ ସଚିବ ଓ ଡିଜିଙ୍କୁ ଏନଏଚଆରସିଙ୍କ ନୋଟିସ୍

ଖୋର୍ଦ୍ଧା, ୨୨/୦୫ (ନି.ପ୍ର): ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ନେଇ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାର ଶୁଣାଣି କରି ଜାତୀୟ ମାନବାଧିକାର କମିଶନ ଓଡ଼ିଶା ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ଆସନ୍ତା ଜୁନ୍ ୨୪ ସୁଦ୍ଧା କମିଶନଙ୍କ ନିକଟରେ ରିପୋର୍ଟ ଦାଖଲ କରିବା ନେଇ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି କମିଶନ ଖୋର୍ଦ୍ଧା ଜିଲାପାଳ, ଏସପି ଏବଂ ମୁଖ୍ୟ ବନ ସଂରକ୍ଷକଙ୍କ ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟ ଉପରେ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, ୪ ସପ୍ତାହ ମଧ୍ୟରେ ସବିଶେଷ ରିପୋର୍ଟ କମିଶନଙ୍କ ନିକଟରେ ଦାଖଲ କରିବେ। ରିପୋର୍ଟ ପ୍ରଦାନରେ ବିଳମ୍ବ ହେଲେ ମାନବାଧିକାର ସୁରକ୍ଷା ଆଇନ ୧୯୯୩ ଅନୁସାରେ କମିଶନଙ୍କ ନିକଟରେ ବ୍ୟକ୍ତିଗତ ହାଜର ଲାଗି ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି। ଅନୁରୂପ ଭାବେ ମୃତକଙ୍କ ପରିବାରକୁ ଉପଯୁକ୍ତ ସୁରକ୍ଷା, ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମାନବାଧିକାର କର୍ମୀ ଜୟନ୍ତ ଦାଶ। ପ୍ରକାଶ ଥାଉକି, ୨୦୨୦ ଅକ୍ଟୋବର ୧୩ ସନ୍ଧ୍ୟାରେ ବାଲୁଗାଁ ବନାଚଂଳ ଅଧିନସ୍ଥ ଟାମଣା ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ମଇଁଷିଗୋଠ ନିକଟରେ ନୟାଗଡ଼ ଜିଲା ଶରଣକୁଳ ଥାନା ଅଧୀନ ଗୋଳଗାଁର ବଳଭଦ୍ର ବେହେରା ଓରଫ ଟିକିଙ୍କ ସହ କେତେଜଣ ବ୍ୟକ୍ତି ଗଛ କାଟୁଥିବା ନେଇ ସ୍ଥାନୀୟ ବନ କର୍ମଚାରୀ ସୂଚନା ପାଇଥିଲେ। ଧୂଆଁନଳି ଫରେଷ୍ଟ ବିଟ୍ ହାଉସ୍ ର କର୍ମଚାରୀମାନେ ପହଂଚି ଚଢ଼ଉ କରିଥିଲେ। ବନ କର୍ମଚାରୀଙ୍କୁ ଦେଖି ଅନ୍ୟମାନେ ସେଠାରୁ ଦୌଡ଼ି ପଳାଇଥିଲେ। ତେବେ ବଳଭଦ୍ର ଗଛ ଉପରେ ଚଢ଼ି ଗଛ କାଟୁଥିବା ବେଳେ ବନ କର୍ମଚାରୀ ତାଙ୍କୁ କାବୁକରି କାର୍ଯ୍ୟାଳୟକୁ ନେଇଥିଲେ। ବିଳମ୍ବିତ ରାତିରେ ବଳଭଦ୍ର ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ନିକଟସ୍ଥ ନୀଳାଦ୍ରିପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ହେଲେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଣପୁର ପୋଲିସ ମେଡ଼ିକାଲରେ ପହଂଚି ମୃତଦେହ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲା। ପରଦିନ ଅପରାହ୍ନରେ ମୃତକଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ଡାକ୍ତରଖାନାରେ ପହଂଚି ଥିଲେ। ମୃତ ବଳଭଦ୍ରଙ୍କ ଶରୀରରେ କ୍ଷତଚିହ୍ନ ଥିବା ଦେଖି ବନ କର୍ମଚାରୀମାନେ ତାଙ୍କୁ ମାଡ଼ମାରି ହତ୍ୟା କରିଥିବା ସ୍ତ୍ରୀ ପ୍ରତିମା ବାଣପୁର ଥାନାରେ ଅଭିଯୋଗ କରିଥିଲେ। ଘଟଣାର ନିରପେକ୍ଷ ତଦନ୍ତ ସହ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପ୍ରତିମାଙ୍କ ଅଭିଯୋଗ କ୍ରମେ ବାଣପୁର ପୋଲିସ ଦଫା ୩୦୨/୩୪ ଆଇପିସିରେ ଏକ ମାମଲା (ନଂ.୩୧୯/୨୦) ରୁଜୁ କରିଥିଲା। ଏ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ତଦନ୍ତ ଆଳରେ ଯୁବକଙ୍କୁ ବନ କାର୍ଯ୍ୟାଳୟ ପରିସରରେ ଅକଥନୀୟ ମାଡ ମାରିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଏହା ଏକ ହାଜତ ମୃତ୍ୟୁ ବୋଲି ସେ ଉଲ୍ଲେଖ କରିଥିଲେ। ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

# ସାହିତ୍ୟ ସମାଜକୁ ଗଢ଼ିବା ସହିତ ନୂଆ ଜାଗରଣ ସୃଷ୍ଟି କରେ: କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦ

କେନ୍ଦ୍ରାପଡ଼ା, ୨୨/୦୫ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦର ଦ୍ୱାଦଶ ବାର୍ଷିକ ସାରସ୍ୱତ ସମାରୋହ ରେ ବେଦବ୍ୟାସ, ବାଲ୍ମିକୀଙ୍କ ଠାରୁ ଆରମ୍ଭ କରି ରବିନ୍ଦ୍ରନାଥ, ଫକିର ମୋହନଙ୍କ ଯାଏ ମୂଲ୍ୟବୋଧ ଭିତିକ ସାହିତ୍ୟ ସଂସ୍କୃତି ଭିତରେ ବଂଚି ରହିଛି। ଭାରତୀୟ ଓ ଉତ୍କଳୀୟ ସାହିତ୍ୟ ସଂସ୍କୃତି ସାହିତ୍ୟ ସମାଜକୁ ଗଢେ। ସମୟକୁ ପରିବର୍ତନ କରି ନୂତନ ଜାଗରଣ ସୃଷ୍ଟି କରେ ବୋଲି ଏହି ସମାରୋହ ରେ ଉପସ୍ଥିତ ଥିବା ବିଶିଷ୍ଟ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ବିଶିଷ୍ଟ କଥାକାର ଡ଼ଃ ରାମଚନ୍ଦ୍ର ବେହେରା ଉଦ୍‌ଘାଟକ ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ନ୍ୟାୟମୂର୍ତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, କଥାକାର ବିଜୟ ନାୟକ ପ୍ରମୁଖ ଏହି ସାରସ୍ୱର ସମାରୋହ ରେ ଯୋଗ ଦେଇ ନିଜେ ନଜର ମତ ରଖିଥିଲେ। ଏହି ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ ଜିଲ୍ଲାର ବର୍ଷିଆନ ସାରସ୍ୱତ ସାଧକ କଥାକାର କାଳନ୍ଦୀ ଚରଣ ଜେନା, ରବି ସ୍ୱାଇଁ, ଲିଙ୍ଗରାଜ ରଥ, ସୁବାଷ ଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ପରିଷଦର ସମ୍ବର୍ଦ୍ଧନା ସମାରୋହରେ କଥାକାର ବିଜୟ ନାୟକଙ୍କୁ ଶ୍ରୀ ବଳଦେବଜୀଉ ସମ୍ମାନରେ ସମ୍ମାନିତ କରାଯାଇ ଥିବା ବେଳେ ସ୍ତମ୍ଭକାର ହିରଣ୍ୟ ମହାନ୍ତିଙ୍କୁ ତୁଳସୀ ସମ୍ମାନ, ଗାଳ୍ପିକ ସରୋଜ ବଳଙ୍କୁ ଆଦିତ୍ୟ କଥାକାର ପୁରସ୍କାର, କବି ଇପସୀତା ଷଡଙ୍ଗୀଙ୍କୁ ଦିପକ କବିତା ପୁରସ୍କାର, ବ୍ୟଙ୍ଗଚାର୍ଯ୍ୟ ରାଧୁ ମିଶ୍ରଙ୍କୁ ବ୍ରହ୍ମାନନ୍ଦ ଅନୁଦାନ ପୁରସ୍କାର, ଗବେଷକ ଡ଼ଃ ରଞ୍ଜନ ପ୍ରଧାନଙ୍କୁ ଆର୍ତ ବଲ୍ଲଭ ଗବେଷଣା ପୁରସ୍କାର ପ୍ରଦାନ କରାଯିବା ସହିତ ତାମ୍ର ଫଳକ, ଉତରୀୟ, ପୁଷ୍ପଗୁଚ୍ଛ ଦିଆଯାଇ ସଂଗଠିତ କରାଯାଇ ଥିଲା। ପରିଷଦର ସଭାନେତ୍ରୀ ଅପର୍ଣ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତା ଓ ନବଜ୍ୟୋତି ରାୟଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ଉତ୍ସବରେ ସଂପାଦକ ସରୋଜ କୁମାର ମହାନ୍ତି ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ଡ଼ଃ ଦିଲିପ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ, ପ୍ରଫେସର ଅତୁଲ ବଳ, ଅଧ୍ୟାପକ ତପନ ପତି, ନିଳାଦ୍ରି ଭୁଷଣ ମହାପାତ୍ର, ପବିତ୍ର ବ୍ରହ୍ମପୁତ୍ର ନାୟକ, ପ୍ରମୋଦ ମଲିକ ମାନପତ୍ର ପାଠ ଓ ଗାଳ୍ପିକ ପ୍ରଦିପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ବହୁ କବି, ସାହିତ୍ୟିକ, ଶତାଧିକ ସାରସ୍ୱତ ସାଧକ ଯୋଗ ଦେଇଥିଲେ।

# ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ମାଲକାନଗିରି, ୨୨/୦୫ (ନି.ପ୍ର): ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖା ପକ୍ଷରୁ ଚଳିତ ଶିକ୍ଷାବର୍ଷ ୨୦୨୨-୨୦୨୩ ର ସି.ବି.ଏସ.ଇ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ମାଲକାନଗିରି ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ହିମେଶ ରଞ୍ଜନ ସିକଦାର, ଜବାହର ନବୋଦୟ ବିଦ୍ୟାଳୟ ମାଲକାନଗିରି-୦୧ ଏବଂ ସତ୍ୟଜିତ ମିଶ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ ମାଲକାନଗିରି ଉଭୟଙ୍କୁ ଆଜି ମାଲକାନଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖା ତରଫରୁ ଉପଢୌକନ ଏବଂ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଅଛି। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଉପସ୍ଥିତ ରହି ମେଧାବୀ ଛାତ୍ର ମାନଙ୍କୁ ସମ୍ବର୍ଦ୍ଧନା କରିବା ସହିତ ସେମାନଙ୍କର ଭବିଷ୍ୟତ ପାଇଁ ମଙ୍ଗଳ କାମନା କରିଥିଲେ। ସ୍ୱତନ୍ତ୍ର ମୁଖ୍ୟ ଅତିଥି ଭାବେ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଧନେଶ୍ୱର ମହାପାତ୍ର ଯୋଗଦେଇ ଶିକ୍ଷା କିପରି ଭାବରେ ମାଲକାନଗିରି ଜିଲ୍ଲା ବିକାଶର ମାନଦଣ୍ଡ ହୋଇପାରିଛି ସେ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ରୂପେ ମାଲକାନଗିରି ଜିଲ୍ଲାର ଯୋଜନା ଏବଂ ସମନ୍ୱୟ ବିଭାଗର ଉପମହାନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ରୂପେ ସି. ଶିବରାମ, ଅଧ୍ୟକ୍ଷ ଜବାହର ନବୋଦୟ ବିଦ୍ୟାଳୟ, ମାଲକାନଗିରି -୦୧ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖାର ସଭାପତି ଡଃ. ରଞ୍ଜନ କୁମାର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିବା ବେଳେ ପ୍ରାୟତଃ ୫୦ରୁ ଉର୍ଦ୍ଧ ବୁଦ୍ଧିଜୀବି ଉପସ୍ଥିତ ରହି ଏଭଳି କାର୍ଯ୍ୟକ୍ରମ ମାଲକାନଗିରି ଜିଲ୍ଲାରେ ପ୍ରଥମ ଥର ପାଇଁ ହେଉଥିବାରୁ ପ୍ରଶଂସା କରିଥିଲେ। କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ ଚାଲାଣଗୁଡ଼ାର ପ୍ରଧାନ ଶିକ୍ଷୟିତ୍ରୀ ଆଭାରାଣୀ ବିଶ୍ୱାଳ ମଂଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ସରୋଜ କୁମାର ଦାଶ, ଦୁଷ୍ମନ୍ତ କୁମାର ଜେନା, ରବୀନ୍ଦ୍ର କୁମାର ମହାରଣା ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ପଣ୍ଡା ଏବଂ ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଅଭିଭାବକ, ବୁଦ୍ଧିଜୀବି, ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହିଥିଲେ। ସଭା ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଥିଲା। ସଭାଶେଷରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖାର ସମ୍ପାଦକ ପ୍ରମିୟ କୁମାର୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଦୀର୍ଘ ଦିନର ଦାବି ପୂରଣ ହେଲା : ବରଗଡ଼ରୁ ନୂଆପଡ଼ାକୁ ନୂତନ ରେଳପଥରେ ରେଳ ଗଡିବ

ବରଗଡ଼, ୨୨/୦୫ (ନି.ପ୍ର): ବରଗଡ଼ ଜିଲ୍ଲାବାସୀଙ୍କ ଦୀର୍ଘ ଦିନର ଦାବୀ ବରଗଡ଼-ନୂଆପଡ଼ା ଭାୟା ପଦ୍ମପୁର ନୂତନ ରେଳପଥ ଏବେ ପୂରଣ ହେବାକୁ ଯାଉଛି। ଏହାଦ୍ୱାରା ଚିର ଅବହେଳିତ ପଦ୍ମପୁର ଉପଖଣ୍ଡରେ ବିକାଶର ମାର୍ଗ ପ୍ରଶସ୍ତ ହୋଇପାରିଛି। ଆମ ଜିଲ୍ଲାର ମୁଖ୍ୟ ପର୍ଯ୍ୟଟନସ୍ଥଳୀ ନୃସିଂହନାଥ ରେଳଲାଇନ ଦ୍ୱାରା ଯୋଡ଼ି ହୋଇଯିବ। କିନ୍ତୁ, ଏହି ରେଳ ପ୍ରକଳ୍ପର ସ୍ୱୀକୃତି ପାଇବା ସେତେ ସହଜ ନ ଥିଲା। ଏଥିପାଇଁ ବିଭିନ୍ନ ସମୟରେ ଆମର ସାଂସଦ, ବିଭିନ୍ନ ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷ ପ୍ରୟାସ କରିଛନ୍ତି। ଏଥିପାଇଁ ତତ୍କାଳୀନ ସାଂସଦ ସ୍ୱର୍ଗତ କୃପାସିନ୍ଧୁ ଭୋଇ, ପ୍ରସନ୍ନ ଆଚାର୍ଯ୍ୟ, ପ୍ରଭାସ ସିଂହ ତଥା ବର୍ତମାନ ସାଂସଦ ସୁରେଶ ପୂଜାରୀ ଓ ବସନ୍ତ ପଣ୍ଡାଙ୍କ ଯଥେଷ୍ଟ ଭୂମିକା ରହିଛି। ତେବେ, ଏହି ରେଳ ଲାଇନ ସ୍ୱୀକୃତି ପାଇବା ଖୁସି ଅବସରରେ ଏହି କଂଟକିତ ପଥକୁ ସୁଗମ କରିବା ପ୍ରୟାସରେ ହାତ ବଢେଇଥିବା ବ୍ୟକ୍ତିମାନଙ୍କ ବିଷୟରେ ସମସ୍ତଙ୍କୁ ଜଣାଇବାକୁ ଏକ ପ୍ରୟାସ କରାଯାଇଛି।

ଚାରି ଦଶକରୁ ଉର୍ଦ୍ଧ୍ୱ ସମୟରୁ ତତ୍କାଳୀନ ସାଂସଦ ସ୍ୱର୍ଗତ କୃପାସିନ୍ଧୁ ଭୋଇଙ୍କ ଦ୍ୱାରା ଉତଥାପିତ ଏହି ଦାବୀକୁ ରେଳବାଇ ଦ୍ୱାରା ସର୍ଭେ କରାଯାଇ ଆବଶ୍ୟକ ପ୍ରତିଫଳ ଦର ଅଭାବରୁ ସ୍ୱୀକୃତ ହୋଇ ପାରିନଥିଲା। ପରେ ଏହି ରେଳ ଲାଇନ୍ ପାଇଁ ଆହୁରି ଦୁଇଥର ସର୍ଭେ କରାଯାଇଥିଲା; କିନ୍ତୁ ଫଳ ସେଇ ସମାନ। ପ୍ରତିଫଳ ଦର ସର୍ବଦା ୩ ପ୍ରତିଶତରୁ କମ୍। ପରେ ସାଂସଦ ପ୍ରଭାସ ସିଂହଙ୍କ ଉଦ୍ୟମରେ ଚତୁର୍ଥ ଥର ସର୍ଭେ କରାଯାଇଥିଲା। ଏହାର ମଧ୍ୟ ପୂର୍ବଭଳି ସମଦଶା ହୋଇଥାନ୍ତା; କିନ୍ତୁ ତତ୍କାଳୀନ ଜିଲ୍ଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଆନ୍ତରିକ ଉଦ୍ୟମ ଯୋଗୁଁ ଆଜି ଆମକୁ ରେଳବାଇ ତରଫରୁ ଏହି ଉପହାର ମିଳିଛି। ଶ୍ରୀ ତ୍ରିପାଠୀ ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘକୁ ବିଶ୍ୱାସକୁ ନେଇ କରିଥିବା ପ୍ରୟାସ ପାଇଁ ଏହାର ପ୍ରତିଫଳ ଦର ପ୍ରାୟ ୧୮ ପ୍ରତିଶତ ହୋଇପାରିଲା। ଦ୍ୱିତୀୟତଃ, ତାହାର ଅନେକ ଦିନପରେ ରାଜ୍ୟସଭାରେ ବିଜେଡି ସାଂସଦ ଅମର ପଟ୍ଟନାୟକ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବରଗଡ଼-ନୂଆପଡ଼ା ରେଳପଥ ସମ୍ବନ୍ଧରେ ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଥିଲେ, ଏହି ପ୍ରସ୍ତାବ ଉପରେ ରେଳ ମନ୍ତ୍ରାଳୟରୁ ରାଜ୍ୟ ସରକାରଙ୍କୁ ପତ୍ର ପଠାଯାଇଛି, ଯଦି ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ ମାଗଣା ଜମି ତଥା ବିସ୍ଥାପନ ଖର୍ଚ୍ଚ ବହନ କରିବେ, ତେବେ ରେଳବାଇ ଏହା ଉପରେ ବିଚାର କରିବ। ଏହି ଖବରକୁ ଆଧାର କରି ବରଗଡ ରେଳ ଉପଭୋକ୍ତା ସଂଘ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସହ ସମ୍ପର୍କ କରିଥିଲା ଏବଂ ତତ୍କାଳୀନ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଭେଟିବାର ଇଚ୍ଛା ପ୍ରକାଶ କରିଥିଲା। ସୌଭାଗ୍ୟବଶତଃ, ମନ୍ତ୍ରୀ ଶ୍ରୀ ବେହେରାଙ୍କ ତା.୪/୪/୨୦୨୧ ଦିନ ବରଗଡ଼ କୋର୍ଟ ସମ୍ମୁଖରେ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତି ଅନାବରଣ କରିବାର କାର୍ଯ୍ୟକ୍ରମ ଥିଲା। ରେଳ ଉପଭୋକ୍ତା ସଂଘର ସଦସ୍ୟମାନେ ବିଧାୟକ ଶ୍ରୀ ଆଚାର୍ଯ୍ୟଙ୍କ ସହ ଯାଇ ମନ୍ତ୍ରୀଙ୍କୁ ଭେଟି ଏହି ରେଳ ଲାଇନ ସମ୍ପର୍କୀତ ଚିଠି କଥା କହିଥିଲେ। ମନ୍ତ୍ରୀ ଶ୍ରୀ ବେହେରା ପ୍ରତିଶ୍ରୁତି ଦେଇଥିଲେ ଯେ, ସେ ଭୁବନେଶ୍ୱର ଫେରିବା ପରେ ସଂଗେ ସଂଗେ ଉକ୍ତ ଚିଠିର ଉତର ପଠାଇବେ ଏବଂ ପ୍ରତିଶ୍ରୁତି ରକ୍ଷା କରି ରାଜ୍ୟ ସରକାରଙ୍କ ତରଫରୁ ତା.୨୧/୪/୨୦୨୧ ରେ ରେଳ ମନ୍ତ୍ରାଳୟକୁ ମାଗଣା ଜମିପ୍ରଦାନ ଓ ବିସ୍ଥାପନ ଖର୍ଚ୍ଚ ବହନ ପ୍ରସ୍ତାବରେ ସମ୍ମତି ପ୍ରକାଶ ସମ୍ବନ୍ଧିତ ଚିଠି ପଠାଯାଇଥିଲା। ରେଳବିଭାଗ ଏହାକୁ ଅନୁଧ୍ୟାନ କରି ତା.୩୧/୧୨/୨୦୨୧ ଦିନ ନୀତିଗତ ସ୍ୱୀକୃତି ପ୍ରଦାନ କରିଥିଲା। ପୁଣି, ତା.୨୦/୩/୨୦୨୩ ରେ ରେଳ ଉପଭୋକ୍ତା ସଂଘ ଭୁବନେଶ୍ୱର ଯାଇ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁଙ୍କ ବାସଭବନରେ ସାକ୍ଷାତ କରି ଏହି ରେଳପଥ ପାଇଁ ଆବଶ୍ୟକ ପ୍ରାଥମିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଥିଲା। ମନ୍ତ୍ରୀ ଶ୍ରୀମତୀ ସାହୁ ଏହା ଉପରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଏହାକୁ ଓରିଡ଼ିଲକୁ (ଓଡ଼ିଶା ରେଳ ଇନଫ୍ରାଷ୍ଟ୍ରକଚର ଡେଭଲପମେଂଟ ଲିମିଟେଡ), ଯାହାକି ୫୧ ପ୍ରତିଶତ ରାଜ୍ୟ ସରକାର ଓ ୪୯ ପ୍ରତିଶତ ରେଳ ବିଭାଗର ସେଆରକୁ ନେଇ ଗଠିତ, ଉକ୍ତ କାମକୁ ଆଗେଇ ନେବା ପାଇଁ ଦାୟିତ୍ୱ ଦିଆଯାଇଛି। ଏବେ ଏହି ପ୍ରକଳ୍ପକୁ ଭାରତ ସରକାରଙ୍କ ଗେଜେଟ ମାଧ୍ୟମରେ ସମ୍ପୂର୍ଣ୍ଣ ସ୍ୱୀକୃତି ପ୍ରଦାନ କରାଯାଇଥିବାରୁ ଲୋକଙ୍କ ମନରେ ରହିଥିବା ସମସ୍ତ ପ୍ରକାରର ଦ୍ୱନ୍ଦ ଦୂର ହୋଇଛି।

ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘର ସଭାପତି ପ୍ରଦୀପ ଦେବତା ବରଗଡ ଜିଲ୍ଲାବାସୀଙ୍କୁ ଏଥିପାଇଁ ଅଭିନନ୍ଦନ ଜଣାଇବା ସହ ଏଥିପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ତଥା ଏଥିରେ ଜଡିତ ସମସ୍ତ ମନ୍ତ୍ରୀ ଓ ଜନ ପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅଜିତ ଶତପଥୀଙ୍କ ଆବାହକତ୍ୱରେ ପଦ୍ମପୁର, ପାଇକମାଳ ଓ ବିଜେପୁର ବାସୀଙ୍କ ଦ୍ୱାରା ଗଠିତ ରେଲଓ୍ୱେ ମିଳିତ କ୍ରିୟାନୁଷ୍ଠାନ କମିଟିକୁ ମଧ୍ୟ ଧନ୍ୟବାଦ ଜ୍ଞାପନ କରିଛନ୍ତି। ବରଗଡର ପୂର୍ବତନ ଜିଲ୍ଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଭୂମିକା ଏହି ପ୍ରକଳ୍ପରେ ସର୍ବୋପରି ହୋଇଥିବାରୁ ଶ୍ରୀ ଦେବତା ତାଙ୍କୁ ବିଶେଷ କୃତଜ୍ଞତା ଜଣାଇଛନ୍ତି।

# ରାମଜୀ ନାଟକ ସଂସଦ ଦ୍ୱାରା ନାଟକ 'ସାବିତ୍ରୀ' ମଂଚସ୍ଥ

ବଲାଙ୍ଗୀର, ୨୨/୦୫ (ନି.ପ୍ର): ବଲାଙ୍ଗିର ଜଗନ୍ନାଥ ପଡା ରାମଜୀ ନାଟକ ସଂସ୍ଥା ଦ୍ୱାରା ପୌରାଣିକ ଗିତ ନାଟକ ସାବତ୍ରୀ ସତ୍ୟବାନ ନାଟକ ମଂଚାସିତ ହୋଇଯାଇଛି। ଶନିବାର ଦିନ ରାତି ପୌରାଣିକ ଗୀତ ନାଟକ ରାମଜୀ ନାଟକ କଳାକାରଙ୍କ ଦ୍ୱାରା ବଲାଙ୍ଗିର ସହରର ମଂଚ ନାଟକ ପୌରାଣିକ ନୂତନ ଅଧ୍ୟାୟ ଭାବେ ଆରମ୍ଭ ହୋଇଯାଇଛି। ଗୁରୁଶ୍ରୀ ବାଳମୁକୁନ୍ଦ ବେହେରା ପ୍ରତ୍ୟକ୍ଷ ତତ୍ୱାବଧାନରେ ଏବଂ ନିର୍ଦ୍ଦେଶନାରେ ପରିବେଶିତ ସାବିତ୍ରି ସତ୍ୟବାନ ଗୀତ ନାଟକ ଦର୍ଶକଙ୍କୁ ମନ ମୋହିଥିଲା। ସାବିତ୍ରୀ ଭୂମିକାରେ ମାନସ ରଂଜନ ସାହୁ, ସତ୍ୟବାନ ଭୂମିକାରେ ଆନନ୍ଦ ଚନ୍ଦ୍ର ମିଶ୍ର ଅଭିନୟ କରିଥିବା ବେଳେ ରାଜା ଅଶ୍ୱପତି ଭୂମିକାରେ କୁମୁନ୍ଦ ରଂଜନ ନାଏକ, ମନ୍ତ୍ରୀ ଭୂମିକାରେ ଗୁଣ୍ଡୁଗୋପାଳ ମିଶ୍ର, ନାରଦ ଭୂମିକାରେ ରାମ ଦାଶ, ରାଜା ଦ୍ୟୁମତ ସେନ ଭୁମିକାରେ ଅରୁଣ କୁମାର ରାଉତ, ରାଣୀ ମାଳିବାକା ଭୂମିକାରେ ଚୈତନ୍ୟ ମଟାରି, ଯମ ଭୂମିକାର ଡା. ରୁଦ୍ର ନାରାୟଣ ପଟେଲ, ଚିତ୍ର ଗୁପ୍ତ ଭୂମିକାରେ ଚିଦାନନ୍ଦ ବେହେରା, ବିକାଳ ଓ କାଳ ଭୂମିକାରେ ସତ୍ୟ ନାରାୟଣ ମାଝି ଓ ବିଜୁ ନାଏକ, ଦୂତ ଲଳିତ ପୁଝାରୀ, ସଖି ଦୁଷ୍ମନ୍ତ ପଟେଲ, ରାମ ପ୍ରସାଦ ସାହୁ, ଝସକେତନ ବେହେରା, ହିମାଂଶୁ ଯୋଷୀ, ରାଜାଙ୍କ ବୃତ୍ୟ ଭୂମିକାରେ ଘନ ସାଏ ଓ ଶ୍ରୀତମ ପଟେଲ, ପୁଜାରୀ ସନାତନ ଦେବତା, ବାଦ୍ୟଯନ୍ତ୍ର ରେ ଜୟ ପ୍ରକାଶ ପୂଜାରୀ, ଦିପକ ଷଡଙ୍ଗି, ପିତାମ୍ବର ମେହେର, ଦିଲିପ କୁମାର ସିଂଦେଓ, ଡୋଲାମଣି ପଧାନ, ସଞ୍ଜିବ କୁମାର ସାହାଣି, ଶ୍ରୀକାନ୍ତ ଦାଶ, ଗାୟକରେ ଶ୍ରୀୟା ପଟେଲ, ପ୍ରିୟଙ୍କ ରଥ, ଜ୍ୟୋତିକା ମିଶ୍ର, ପ୍ରହଲ୍ଲାଦ ଦର୍ଜି, ବାସୁଦେବ ବେହେରା, ସୁଶାନ୍ତ ଚୋପଦାର, ଚରିତ୍ର ଚିତ୍ରଣ ମନୋରଞ୍ଜନ ବେହେରା, ଚୈତନ୍ୟ ମଟାରୀ, ମଂଚ ସଜ୍ଜାରେ ରବିଚନ୍ଦ୍ର ମେହେର ଓ ସାଥୀ, ଜିବନ୍ତ ଛାୟାଚିତ୍ର ସଂଗ୍ରାମ କେଶରି ନାଏକ, ପ୍ରଶାନ୍ତ ବେହେରା। ଯମ ଭୂମିକାରେ ଡା. ରୁଦ୍ର ପଟେଲ ଅଭିନୟ କରି, ସାବିତ୍ରୀଙ୍କୁ ଯମ ମତବିନିମୟ ଏବଂ ସତ୍ୟବାନ ଓ ସାବିତ୍ରୀ ମିଳନ ଦୃଶ୍ୟ ଦର୍ଶକମାନେ ଉପଭୋଗ କରିଥିଲେ। ରାମଲିଳାରେ ରାବଣ ଭୂମିକାରେ ଅଭିନୟ କରି ଚର୍ଚ୍ଚିତ ହୋଇଥିବା ଭୀମ ଭୋଇ ମେଡିକାଲ କଲେଜର ହସପିଟାଲର ସ୍ତ୍ରୀ ରୋଗ ଓ ପ୍ରସୁତି ବିଭାଗ ବିଶେଷଜ୍ଞ ଡାକ୍ତର ରୁଦ୍ରନାରାୟଣ ପଟେଲ ସାବିତ୍ରୀ ଗିତିନାଟକରେ ଯମ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ।

# ଢେଙ୍କାନାଳ ଜିଲ୍ଲାରେ ଡାକ୍ତର ମରୁଡ଼ି

ଢେଙ୍କାନାଳ, ୨୨/୦୫ (ନି.ପ୍ର): ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବାକୁ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଥିବା କହୁଛନ୍ତି। ହେଲେ ଢେଙ୍କାନାଳ ଜିଲ୍ଲାରେ ବହୁ ସଂଖ୍ୟାରେ ଡାକ୍ତର ପଦ ଫାଙ୍କା ପଡ଼ିଥିବା ବେଳେ ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। ଫଳରେ ରୋଗୀସେବା ବ୍ୟାହତ ହେଉଥିବା ବେଳେ ଜିଲ୍ଲାବାସୀ ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରି ଅଜଥା ଖର୍ଚ୍ଚାନ୍ତ ହୋଇ ହଇରାଣ ହେଉଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦୨ଟି ଡାକ୍ତର ପଦ ରହିଛି। ସେଥିରୁ ମାତ୍ର ୩୧ଟି ପଦରେ ଡାକ୍ତର ରହିଥିବା ବେଳେ ଅନ୍ୟଗୁଡିକ ଫାଙ୍କା ପଡ଼ିଛି। ମୁଖ୍ୟ ଚିକିତ୍ସାଳୟର ପରିବାର କଲ୍ୟାଣ ବିଭାଗ, ଯକ୍ଷ୍ମା ଓ କୁଷ୍ଠ ନିରାକରଣ ବିଭାଗରେ ଆଦୌ ଡାକ୍ତର ନଥିବା ଜଣାପଡ଼ିଛି। ଏଫ୍‌ଏମ୍‌ଟି ବିଭାଗ ଡାକ୍ତର ଉମାକାନ୍ତ ଖେଜୁରିଆ ଭିଜିଲାନ୍ସ ହାତରେ ଧରାପଡ଼ିବାରୁ ୨୦୨୨ ଜୁଲାଇ ମାସରୁ ନିଲମ୍ବିତ ହୋଇଛନ୍ତି। ଛାତି ଓ ଯକ୍ଷ୍ମା ବିଭାଗ ଡାକ୍ତର ଆଦିତ୍ୟ କୁମାର ରାୟ ୨୦୧୬ରୁ ଲମ୍ବା ଛୁଟିରେ ଯାଇଛନ୍ତି ଯେ ଆଉ ଫେରିନାହାନ୍ତି।

# ରାମାନନ୍ଦ ମହାପାତ୍ରଙ୍କ ସ୍ମୃତିରେ ଶ୍ରୀରାମ ମହାଯଜ୍ଞ ସମିତିର ଶ୍ରଦ୍ଧାଞ୍ଜଳି ସଭା




ଭଦ୍ରକ, ୨୨/୦୫ (ନି.ପ୍ର): ଭଦ୍ରକ ଜିଲ୍ଲାର ବରିଷ୍ଠ ଆଇନଜୀବୀ, ନାଟ୍ୟ ନିର୍ଦ୍ଦେଶକ, ଭଦ୍ରକ ଜିଲ୍ଲାର ବିଜେପି ଦଳର ପ୍ରଥମ ସଭାପତି, ବିଶିଷ୍ଟ କଳାକାର ଏବଂ ସର୍ବୋପରି ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ କମିଟି 'ଶ୍ରୀରାମ ମହାଯଜ୍ଞ ସମିତି'ର ପ୍ରତିଷ୍ଠାତା ସଦସ୍ୟ ତଥା ସଭାପତି ରାଏ ରାମାନନ୍ଦ ମହାପାତ୍ରଙ୍କ ଅକାଳ ବିୟୋଗରେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ସହରର ଏକ କଲ୍ୟାଣ ମଣ୍ଡପ ପରିସରରେ ସମିତିର ସମ୍ପାଦକ ଶରତ ପଡ଼ିଆରୀଙ୍କ ସଂଯୋଜନାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ୧୯୯୧ ମସିହାରୁ ହୋଇ ଆସୁଥିବା ଭଦ୍ରକର ଶ୍ରୀରାମ ନବମୀ ଆଜି ଗଣପର୍ବରେ ପରିଣତ ହୋଇଛି । ଆରମ୍ଭରୁ ଘର ଘର ବୁଲି ଜିଲ୍ଲା ତମାମ ପ୍ରବାସ କରି, ଅନେକ ସମୟରେ ପ୍ରଶାସନ ସରକାରଙ୍କ ସହ ଲଢ଼େଇ କରି, ନ୍ୟାୟାଳୟ ପର୍ଯ୍ୟନ୍ତ ରାମ ନବମୀକୁ ନେବା ପର୍ଯ୍ୟନ୍ତ କ୍ଷେତ୍ରରେ ସ୍ୱର୍ଗତ ମହାପାତ୍ରଙ୍କ ଅବଦାନ ସର୍ବଦା ମନେ ରହିବ ବୋଲି ମଞ୍ଚାସୀନ ଅତିଥି ସମିତିର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସଂଯୋଜକ ଗୋବିନ୍ଦ ରାଉତ, ବରିଷ୍ଠ ସଦସ୍ୟ ଦୀନବନ୍ଧୁ ପତି ପ୍ରମୁଖ ନିଜ ନିଜର ସ୍ମୃତି ଚାରଣରେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ସ୍ୱର୍ଗତ ମହାପାତ୍ରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ଶ୍ରୀରାମ ମହାଯଜ୍ଞ ସମିତିର ପୂର୍ବତନ ସମ୍ପାଦକ ଆଇନଜୀବୀ ଦୁର୍ଗା ରାୟ ମହାପାତ୍ର, ସୂର୍ଯ୍ୟକାନ୍ତ ମହାନ୍ତି, ବରିଷ୍ଠ ଉପଦେଷ୍ଟା ଅଭିମନ୍ୟୁ ସେଠୀ, ବରିଷ୍ଠ ଆଇନଜୀବୀ ସନ୍ତୋଷ ଦାସ, ଅନ୍ୟତମ ଉପଦେଷ୍ଟା ହେମନ୍ତ ପାଢ଼ୀ, ଗୋପାଳ ମୈକାପ, କଂଗ୍ରେସ ନେତା ନଳିନୀ ମହାନ୍ତି, ଓକିଲ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ନାଟ୍ୟଶ୍ରୀ ନିର୍ମଳ ରାଉତ, ସାମ୍ବାଦିକ ଜ୍ଞାନ ପାଣି, ସମିତିର ଉପ ସଭାପତି ଅମ୍ବିକା ଦାସ, ଜଗନ୍ନାଥ ଦାଶ, ରଘୁନାଥ ସାହୁ, ମନସ୍ମିତା ଖୁଣ୍ଟିଆ, ବିପ୍ଳବ ହୋତା, ସଞ୍ଜୀବ ଦାସ ପ୍ରମୁଖ ସ୍ମୃତି ଚାରଣ କରିଥିବା ବେଳେ ସମିତିର କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ଉପସଭାପତି ପ୍ରଦୀପ୍ତ ବିଶ୍ୱାଳ, ଭଗବାନ ପଣ୍ଡା, ସ୍ୱାଧୀନ ସୁନ୍ଦର ଦାସ, ପ୍ରେମାନନ୍ଦ ବେହେରା, ଶିବ ଶଙ୍କର ଦାସ, ତୁଷାର ଦାସ, ସନ୍ତୋଷ ସାହୁ, ବସନ୍ତ ରାଉତ, କଳ୍ପନା ଜେନା, ରମିତା ପାଢ଼ୀ, ନବନିତା ନାୟକ, ଜ୍ୟୋତି ପ୍ରକାଶ ସାହୁ, ପ୍ରଶାନ୍ତ ସିଂ, ବିଶ୍ୱନାଥ ଲାହା, ସରୋଜ ରାଉତ, ମିଳନ ବଳ, ହୃଷିକେଶ ନାଥ, ରାହୁଲ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ମଞ୍ଚରେ ସ୍ୱର୍ଗତ ମହାପାତ୍ରଙ୍କ କନିଷ୍ଠ ପୁତ୍ର ଟୁବୁଲା ମହାପାତ୍ର ଉପସ୍ଥିତ ରହିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ବିକ୍ରମ, ସୁଦାମ....

ପାଇଁ ବାଙ୍ଗିରିପୋଷିର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସେ ୫ଥର ବିଧାନସଭାକୁ ନିର୍ବାଚିତ ହୋଇଥିବାବେଳେ ଗୋଟିଏ ଥର ଲୋକସଭା ସଦସ୍ୟ ମଧ୍ୟ ଥିଲେ । ସେ ୨୦୧୯ରେ ନବୀନଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଦାୟିତ୍ୱରେ ରହିଥିଲେ । ତେବେ ତାଙ୍କୁ ୨୦୨୨ ଜୁନ୍ ୩ତାରିଖରେ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ପୁଣିଥରେ ପ୍ରାୟ ଏକ ବର୍ଷ ବ୍ୟବଧାନରେ ଆଜି ତାଙ୍କୁ ନବୀନ ନିଜ ମନ୍ତ୍ରିମଣ୍ଡଳକୁ ଫେରାଇ ନେଇଛନ୍ତି । ମୟୂରଭଞ୍ଜ ଜିଲ୍ଲା ରାଜନୀତିକ ସମୀକରଣ ଦୃଷ୍ଟିରୁ ସୁଦାମଙ୍କୁ ନବୀନ ପୁଣିଥରେ ମନ୍ତ୍ରୀ ପଦ ଦେଇଛନ୍ତି । ସେହିପରି ରାଉରକେଲାର ୩ଥର ବିଧାୟକ ସାରଦା ପ୍ରସାଦ ନାୟକ ପୁଣିଥରେ ନବୀନଙ୍କ ମନ୍ତ୍ରିମଣ୍ଡଳକୁ ଫେରିଛନ୍ତି । ଶ୍ରୀ ନାୟକ ୨୦୦୯-୧୨ ପର୍ଯ୍ୟନ୍ତ ନବୀନଙ୍କ ମନ୍ତ୍ରିମଣ୍ଡଳରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ତେବେ ପ୍ୟାରୀ ମହାପାତ୍ରଙ୍କ ମେ' ୨୯ ମିଡନାଇଟ୍ ଅପରେସନ୍ ପରେ ତାଙ୍କୁ କୋଣଠେସା ହେବାକୁ ପଡ଼ିଥିଲା । ଏପରିକି ୨୦୧୪-୧୯ ପର୍ଯ୍ୟନ୍ତ ସେ ରାଉରକେଲା ବିଧାୟକ ପ୍ରାର୍ଥୀ ଭାବେ ପରାଜିତ ହେଇଥିଲେ । ଝାରସୁଗୁଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ନେଇ ସେ ଝାରସୁଗୁଡ଼ା ଉପନିର୍ବାଚନକୁ ସଠିକ୍ ଭାବେ ତୁଲାଇବାରେ ସକ୍ଷମ ହୋଇଥିବାରୁ ତାଙ୍କୁ ନବୀନ ପୁଣିଥରେ ମନ୍ତ୍ରିମଣ୍ଡଳରେ ସାମିଲ କରିଥିବା କୁହାଯାଉଛି । ସୂଚନାଯୋଗ୍ୟ, ବିଜେଡି ନିଜର ୩ବରିଷ୍ଠ ନେତା ବିକ୍ରମ, ସୁଦାମ ଓ ଶାରଦାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପଦରେ ନିଯୁକ୍ତି ଦେଇ ଦଳର ଅନ୍ୟତମ ପ୍ରଭାବଶାଳୀ ଗୋଷ୍ଠୀର ପ୍ରଭାବ ଉପରେ ଲଗାମ ଦେବାକୁ ପ୍ରୟାସ କରିଛି । ସାଧାରଣ ନିର୍ବାଚନ ପୂର୍ବରୁ ଦଳ ପୁଣିଥରେ ବରିଷ୍ଠ ନେତାମାନଙ୍କୁ ଗୁରୁତ୍ୱ ଦେଇ ବିଜେଡି ନେତୃତ୍ୱ ଦଳରେ ସମନ୍ୱୟ ରକ୍ଷା ପାଇଁ ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି । କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଏବଂ ରାଷ୍ଟ୍ରମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଶ୍ରୀକାନ୍ତ ସାହୁଙ୍କ ଇସ୍ତଫା ଯୋଗୁ ନବୀନଙ୍କ ମନ୍ତ୍ରିମଣ୍ଡଳରେ ୩ଟି ମନ୍ତ୍ରୀ ପଦ ଖାଲି ପଡ଼ିଥିଲା ।

## ଆଗୁଆ ନିର୍ବାଚନକୁ ...

ନିର୍ବାଚନ ପାଇଁ ନବୀନ ସଜବାଜ ହେଉଥିବା ନେଇ ଗଣମାଧ୍ୟମରେ ବୟାନ ଦେଇସାରିଛନ୍ତି । ଉଲ୍ଲେଖଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନରେ ୧୪୭ ଆସନ ବିଶିଷ୍ଟ ବିଧାନସଭାରେ ବିଜେଡି କୁ ୧୧୨ଟି ସିଟ୍ ମିଳିଥିଲା । କିନ୍ତୁ ସମାନୁପାତରେ ଲୋକସଭା ଆସନ ଜିତିବାରେ ବିଜେଡି ସକ୍ଷମ ହୋଇନଥିଲା । ଦଳକୁ ମାତ୍ର ୧୨ଟି ଲୋକସଭା ଆସନରେ ସୀମିତ ହେବାକୁ ପଡ଼ିଥିଲା । ଯଦିଓ ବିଜେପିକୁ ମାତ୍ର ୨୩ଟି ବିଧାନସଭା ଆସନ ମିଳିଥିଲା, କିନ୍ତୁ ବିଜେପି ୮ଟି ଲୋକସଭା ଆସନ ଜିଣିବାରେ ସଫଳ ହୋଇଥିଲା । କଂଗ୍ରେସ ୯ଟି ବିଧାନସଭା ଓ ୧ଟି ଲୋକସଭା ସିଟ୍ ଜିତିଥିଲା । ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ନବୀନ ଆଗୁଆ ବିଧାନସଭା ନିର୍ବାଚନ କରାଇ ରାଜ୍ୟରେ ଉଭୟ ବିଧାନସଭା ଓ ଲୋକସଭା ସିଟଗୁଡ଼ିକ ଉପରେ ନିଜର ଏକଚାଟିଆ ପ୍ରଭାବ ବିସ୍ତାର କରିବାକୁ ଯୋଜନା କରିଛନ୍ତି । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ଅବସରେ ବିଜେଡି ଆଗାମୀ ନିର୍ବାଚନରେ ଏକାକୀ ଲଢ଼ିବ ଓ ତୃତୀୟ ସାମ୍ମୁଖ୍ୟରେ ସାମିଲ ହେବନି ବୋଲି କହି ଆଭିମୁଖ୍ୟ ସ୍ପଷ୍ଟ କରିସାରିଛନ୍ତି । ବିଜେଡିର ଏଭଳି ଆଭିମୁଖ୍ୟ ପରୋକ୍ଷରେ ବିଜେପି ପାଇଁ ସହାୟକ ହେଉଥିବାରୁ ନବୀନଙ୍କ ଆଗୁଆ ନିର୍ବାଚନ ଯୋଜନାରେ କେନ୍ଦ୍ର ସରକାର ବିଶେଷ ସମସ୍ୟା ସୃଷ୍ଟି କରିବେ ନାହିଁ ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି ।

## ମଣିପୁର ରାଜଧାନୀ....

ଏଥିପାଇଁ ଗୋଟିଏ ସପ୍ତାହରୁ ଅଧିକ ସମୟ ଜାରି ରହିଥିବା ହିଂସା କାଣ୍ଡରେ ୭୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ହିଂସା ପ୍ରଭାବିତ ଅଞ୍ଚଳରେ ଆନ୍ଦୋଳନକାରୀମାନେ କୋଟିଏ ଟଙ୍କାର ସରକାରୀ ସମ୍ପତ୍ତିରେ ନିଆଁ ଲଗାଇ ଦେଇଥିଲେ । ଏହି ହିଂସା କାରଣରୁ ହଜାର ହଜାର ଲୋକ ସେମାନଙ୍କ ଘର ଛାଡ଼ିବା ପାଇଁ ବାଧ୍ୟ ହୋଇଥିଲେ । ସେଠାରେ ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ସେନା ଓ ଅର୍ଦ୍ଧ ସୈନିକ ବଳର ୧୦ ହଜାର କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା । ସଂରକ୍ଷିତ ବନ ଭୂମିରେ କୁକି ଗାଁ ଲୋକମାନଙ୍କୁ ବେଦଖଲ କରିବା ପରେ କିଛି ଛୋଟ ଆନ୍ଦୋଳନ ହୋଇଥିଲା ଓ ପରେ ଏହା ଉଗ୍ରରୂପ ନେଇଥିଲା । ମଣିପୁରରେ ମୈତେଇ ସମ୍ପ୍ରଦାୟର ଜନସଂଖ୍ୟା ପାଖାପାଖି ୫୩ ପ୍ରତିଶତ ଓ ସେମାନେ ଅଧିକାଂଶ ଇମ୍ଫାଲ ଘାଟିରେ ରହନ୍ତି । ଜନଜାତି ସମ୍ପ୍ରଦାୟ ନଗା ଓ କୁକି ସହିତ ଅନ୍ୟମାନଙ୍କ ଜନସଂଖ୍ୟା ପାଖାପାଖି ୪୦ ପ୍ରତିଶତ ଓ ସେମାନେ ପାହାଡ଼ି ଜିଲ୍ଲାର ବାସିନ୍ଦା ।

# ସାବିତ୍ରୀ ଯୋଗୁ ସତ୍ୟବାନ ମୃତ

ଖୋର୍ଦ୍ଧାତା , ୨୨/୦୫ (ନି.ପ୍ର): ସାବିତ୍ରୀ ବ୍ରତ ପୂର୍ବ ଦୀନ ହଳଦିପଦା ଗ୍ରାମ ଖୋର୍ଦ୍ଧା ବ୍ଲକ ,ଖୋର୍ଦ୍ଧା ଜିଲ୍ଲାର, ଚତୃଭୂଜ ସାହୁ, ନିଜର ସ୍ତ୍ରୀ ସାବିତ୍ରୀ ବ୍ରତ ପାଇଁ ସଂଘା, ସିନ୍ଦୂର , ଶାଢୀ, ଓ ଅନ୍ୟାନ୍ୟ ପୁଜା ସାମଗ୍ରୀ କିଣିବାକୁ ଆସିଥିଲେ । ଖୋର୍ଦ୍ଧା ବଜାର ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ପାଖ ଭାଲିଆବାଡ଼ି ହାଟ ଭିତର କୁ ଅନ୍ଧାର ଜାଗାକୁ ପରିସ୍ରା କରିବା ପାଇଁ ଆସି, ଏକ ଖୋଲା କୂଅରେ ପଡ଼ି ଗଲେ ।ସ୍ଥାନୀୟ ଦୋକାନୀମାନେ ଶବ୍ଦ ଶୁଣି ଦେଖି, ଅଗ୍ନି ସମ୍ ବହାନିକୁ ଡ଼ାକି ତାକୁ କୂଅ ଭିତରୁ ଉଦ୍ଧାର କରି ଖୋର୍ଦ୍ଧା ଡାକ୍ତରଖାନା ପଠାଇଥିଲେ । ମାତ୍ର ସେଠାରେ ତାଙ୍କର ମୃତ ଘୋଷଣା କଲେ ଡାକ୍ତର । କୂଅ ରେ ୭/୮ ଫୁଟ ପାଣି ଥିଲେ ମଧ୍ୟ, ଅନ୍ଧାର ଓ କୂଅ ଚାରିପାଖ ଆବଦ୍ଧ କି ଘୋଡ଼ଣି ନ ଥିବାରୁ ଏହାର ମଙ୍ଗରେ ମୁଣ୍ଡ ମାଡ଼ ହେବାରୁ ମୃତୁ ହୋଇ ଥିଲା । ଏହାର ସବ ବେବଛେଦ କରାଇ ଜାଇ, ଏହି ସାବିତ୍ରୀ ଓଷା ଦିନ ଶବ ଗ୍ରାମକୁ ଯାଇ ଥିବାରୁ ଗ୍ରାମବାସି ଓ ପରିବାରର ଶୋକର ଛାୟା ଖେଳି ଯାଇଥିଲା । ମୃତୁ କାହାର କେତେ ବେଳ ହେବ ବିଦ୍ଧି ର ବିଧାନ । ପ୍ରକାଶ ଥାଉକି ଏହି ହାଟ ଭିତର କୂଅ ବହୁ ଅମଳର । , ହାଟ ଥବା ବେଲୁ ଅଛି ସରକାରୀ ଜାଗାରେ ।ଖୋର୍ଦ୍ଧା ପୌରପରିଷଦ ୫ ନମ୍ବର୍ ୱାର୍ଡ ମଧ୍ୟରେ ଥିଲେ ମଧ୍ଯ ପୌରଅଧିକାରିମାନଂକ ବେପରୁଆ ଭାବ, ତାର ରକ୍ଷଣା ବେଖ୍ୟାଣ ଅଭାବ ଯୋଗୁ ଅମୂଲ୍ୟ ଜୀବନ ଏକ ପବିତ୍ର ଦିନରେ ଚାଲିଗଲା । ସାବିତ୍ରୀ ବ୍ରତ କରିବା ମହିଳା ତାର ସ୍ୱାମୀ ହରାଇଲା । ଲୋକେ କହୁଛନ୍ତି ସାବିତ୍ରୀ ବ୍ରତ ଜୋଗୁ ସତ୍ୟ ବାନ ଜୀବନ ଗଲା । ଏହାପରେ ଏହି ହାତ ଭିତରେ ଦୋକାନୀ ଚାନ୍ଦା ଆଦାୟ କରି କୂଅ ଚାରିପାଖେ ପଥର ବସାଇ ଆବଦ୍ଧ କରିଚନ୍ତି ।କିନ୍ତୁ ଉପରେ ଘୋଡାଣି ପକାଇ ନାହାଁନ୍ତି । ଖୋର୍ଦ୍ଧା ପୌର ପରିଷଦ ଅଧିକାରୀ ଓ ନିର୍ବାଚିତ ସଭ୍ୟ ଓ ସଭ୍ୟା ଆଜ ପର୍ଯ୍ୟନ୍ତ କଣ୍ କରିବାକୁ ଅଛନ୍ତି । ଆସା ଶୀଘ୍ର ଖୋର୍ଦ୍ଧା ପ୍ରଶାସନ ଓ ଖୋର୍ଦ୍ଧା ମୁନ୍ସିପାଲ ନିର୍ବାହୀ ଅଧିକାରୀ ଆସି ଏହି କୂଅ ଓ ହାଟ ଭିତର କିପରି ପରିବେଶ ଅଛି ଦେଖନ୍ତୁ । ଏହା ଉପରେ ଏକ ଘୋଡଣୀ ପକାଇବା ପାଇଁ ହାଟ ବେବସ୍ୟାଇ ସଂଘ ଦିପୁ ସାହୁ ଅନନ୍ତ ସାହୁ, ଭିକାରୀ ଦାସ , ଲକ୍ଷ୍ମୀଧର ସାହୁ ଓଗେର ୫୦ ଦୋକାନୀ ଦାବୀ କରୁଛନ୍ତି । ଯଦି ଭାଲିଆବାଡି ହାଟ ଭିତର ଉର୍ଣୀତି ନ କରନ୍ତି ଏହି ବେବଶାଇ ସଙ୍ଘ ପୌର ପରିଷଦ ଘେରାଉ କରିବେ ବୋଲି ଶୁଣିବାକୁ ମିଳେ ।

# ଚମ୍ପୁଆରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଚମ୍ପୁଆ, ୨୨/୦୫ (ନି.ପ୍ର): ଚମ୍ପୁଆ ବ୍ଲକ୍ ସଭା ଗୃହ ଠାରେ ଆଜି ଜିଲ୍ଲାପାଳ ଆଶିଷ ଠାକରେ ଙ୍କ ଦ୍ୱାରା ବ୍ଲକ୍ ସ୍ତରୀୟ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମୁଦାୟ ୩୦୪ ଟି ଅଭିଯୋଗରେ ଜିଲ୍ଲାପାଳ ଶୁଣାଣୀ କରିଥିବା ଜଣାପଡିଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟତଃ ଭତା, ଆବାସ, ରାସନ୍ କାର୍ଡ ଆଦି ପ୍ରସଙ୍ଗ ଉପରେ ଅଭିଯୋଗ ହୋଇଥିବା ବେଳେ ଅନ୍ୟ ଅଭିଯୋଗ ମଧ୍ୟରେ ଚମ୍ପୁଆ ବ୍ଲକ୍ ସହକାରୀ ଯନ୍ତ୍ରୀଙ୍କ ବଦଳି ସହିତ ଚମ୍ପୁଆ ବ୍ଲକ୍ ର ବିଭିନ୍ନ ପଂଚାୟତ ର ଜିଆରଏସ ମାନଙ୍କ ବଦଳି ପାଇଁ ଚମ୍ପୁଆ ବ୍ଲକର ୨୨ ଜଣ ସରପଂଚ ଓ ସମିତି ସଭ୍ୟ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିସହିତ ରିମୁଳି ପଂଚାୟତ ରେ ଚୋରା ମଦ କାରବାର ଉପରେ ଅବକାରୀ ବିଭାଗର ନିରବତାକୁ ନେଇ ଗ୍ରାମ ର ମହିଳା ମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ରାଉତରାପୁର ପ୍ରାଥମିକ ବିଦ୍ୟାଳୟ ରୁ ଜବର ଦଖଲ ଉଚ୍ଛେଦ ପାଇଁ ବାରମ୍ବାର ତହସିଲ ର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ତହସିଲ କର୍ତ୍ତୃପକ୍ଷଙ୍କ ନିରବତା, ଟାଙ୍ଗରନାଳି ଗ୍ରାମରେ ଗ୍ରାମ୍ୟ ରାସ୍ତା ଜବରଦଖଲ, ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାଳିକା ହଷ୍ଟେଲ କାର୍ଯ୍ୟକ୍ଷମ ନ ହେବା, ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ନିଯୁକ୍ତି ଓ ଫିଜିଓଥେରାପି ବିଭାଗ ଖୋଲିବା ସମେତ ଚମ୍ପୁଆ ଦେଇ କୋଲକାତାକୁ ସରକାରୀ ବସ ଚଳାଚଳ ପାଇଁ ଦାବୀ କରିଥିଲେ ।

# ସଫେଇ କର୍ମଚାରୀଙ୍କ ଦାବି ପୂରଣ ନେଇ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି



ବାଲେଶ୍ୱର, ୨୨/୦୫ (ନି.ପ୍ର): ବିଭିନ୍ନ ଦାବି ନେଇ ଗତ ୧୨ ତାରିଖରୁ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ଅଫିସ, ପୌରାଧକ୍ଷା, ପୌର ଉପାଧ୍ୟକ୍ଷ ଏବଂ ବିଧାୟକଙ୍କ ଘର ଆଗରେ ଧାରଣା ଦେବା ପରେ ସଫେଇ କର୍ମଚାରୀମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଆରମ୍ଭ କରିଛନ୍ତି । ସେମାନଙ୍କ ସମସ୍ୟା ସମାଧାନ ସହ ସରକାରୀ ନିୟମ ଭିତ୍ତିରେ କାର୍ଯ୍ୟ କରିବା ଦାବିରେ ସେମାନେ ପୂର୍ବରୁ ଜିଲାପାଳଙ୍କୁ ଗୁହାରୀ କରିବାକୁ ଯାଇଥିଲେ । ମାତ୍ର ଦୁଇଘଣ୍ଟା ଧାରଣାରେ ବସିବା ପରେ ଜିଲାପାଳଙ୍କ ସାକ୍ଷାତ ନ ପାଇ ସେମାନେ ପଳାଇ ଯାଇଥିଲେ । ପୌର କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖୁଥିବା ସଫେଇ କର୍ମଚାରୀଙ୍କୁ ଏବେ ବାରଦ୍ୱାର ହେବାକୁ ପଡୁଛି ବୋଲି ସେମାନେ ଆରୋପ ଉଠାଇଛନ୍ତି । ସହରର ବର୍ଜ୍ୟବସ୍ତୁ ପରିଚାଳନାରେ ସରକାରୀ ନିୟମ ପାଳନ କରିବା ପରିବର୍ତ୍ତେ ପୌର କର୍ତ୍ତୃପକ୍ଷ ସେମାନଙ୍କୁ ଠକି ଚାଲିଥିବା ସଫେଇ କର୍ମଚାରୀ ନେତା ଲକ୍ଷ୍ମଣ ବେହେରା ଅଭିଯୋଗ ଉଠାଇଛନ୍ତି । ଜିଲାପାଳ ଯଦି ଉଚିତ ପଦକ୍ଷେପ ନ ନିଅନ୍ତି ତାହେଲେ ଆଗାମୀ ଦିନରେ ବାଲେଶ୍ୱର ସହରରେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ସହ ଅହୋରାତ୍ର ଧାରଣା ଭଳି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ତେବେ ଜିଲାପାଳ ସଂଧ୍ୟାରେ ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି । ସେମାନଙ୍କ ଏକାଧିକ ଦାବି ମଧ୍ୟରୁ ଜିଲାପାଳ କିଛି ପୂରଣ କରିଥିବା ସଫେଇ କର୍ମଚାରୀ ନେତା ଶ୍ରୀ ବେହେରା ସୂଚନା ଦେଇଛନ୍ତି । ସଫେଇ କର୍ମଚାରୀମାନେ ଉଭୟ ଦିନ ଓ ରାତିରେ କାମ କରିବା ପରିବର୍ତ୍ତେ କେବଳ ଦିନରେ ୭ ଘଣ୍ଟା କାର୍ଯ୍ୟ ସାଙ୍ଗକୁ ୧ ଘଣ୍ଟା ବିଶ୍ରାମ ନେବେ, ୩୧ ଦିନିଆ ମାସରେ ଠିକାଦାର ୨୬ ଦିନ ବଦଳରେ ୨୭ ଦିନର ମଜୁରି ପ୍ରଦାନ କରିବ, ସରକାରୀ ଛୁଟିରେ କାର୍ଯ୍ୟ କଲେ ଦୁଇଗୁଣ ମଜୁରି ପ୍ରଦାନ ପାଇଁ ଜିଲାପାଳ ସମ୍ମତି ଜଣାଇଛନ୍ତି । ତେବେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଅନୁସାରେ ୭୫୦ ଜଣ ଜନସଂଖ୍ୟା ପାଇଁ ଜଣେ ସଫେଇ କର୍ମଚାରୀ ନିଯୁକ୍ତି ଦାବିକୁ ଜିଲାପାଳ ବର୍ତ୍ତମାନ ସ୍ଥଗିତ ରଖିଛନ୍ତି । ବାଲେଶ୍ୱର ଯେତେବେଳେ ପୌରପାଳିକାରୁ ମହାନଗର ନିଗମକୁ ପରିବର୍ତ୍ତନ ହେବ ସେତେବେଳ ଏହି ନିୟମ କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ସରକାରୀ ଅନୁମୋଦନ ପରେ ମଜୁରୀ ବୃଦ୍ଧି ବାବଦରେ ଉଚିତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସଫେଇ କର୍ମଚାରୀମାନେ ସୂଚନା ଦେଇଛନ୍ତି । ସେହିଭଳି ସମ୍ପ୍ରତି ନିଯୁକ୍ତି ପାଇ କାର୍ଯ୍ୟ କରୁଥିବା ଅଣସଫେଇ କର୍ମଚାରୀଙ୍କ ବଦଳରେ ବୃତ୍ତିଗତ ସଫେଇ କର୍ମଚାରୀ ନିଯୁକ୍ତି ନେଇ ଜିଲାପାଳ ଠିକାଦାରଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି । ବିଭିନ୍ନ ଦାବି ପୂରଣ ବାବଦରେ ଜିଲାପାଳଙ୍କ ସହ ଆଲୋଚନା ଓ ପ୍ରତିଶ୍ରୁତି ପରେ ସଫେଇ କର୍ମଚାରୀଙ୍କ କାର୍ଯ୍ୟରେ ଯୋଗଦାନ ପାଇଁ ଉପ-ଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି । ଠିକାଦାରଙ୍କ ସହ ଆଲୋଚନାନ୍ତେ ଉପ-ଜିଲାପାଳ ସୂଚିତ କଲେ ମଙ୍ଗଳବାରରୁ ସେମାନେ କାର୍ଯ୍ୟରେ ଯୋଗ ଦେବେ ବୋଲି ସଫେଇ କର୍ମଚାରୀ ନେତା ଶ୍ରୀ ବେହେରା ପ୍ରକାଶ କରିଛନ୍ତି ।

# ଏମ.ସି.ଏ.ଏମ. କଲେଜରେ ପ୍ରାଣୀ ବିଜ୍ଞାନ ବିଭାଗର ବିଦାୟୀ ସମ୍ବର୍ଦ୍ଧନା

ବାରିପଦା , ୨୨/୦୫ (ନି.ପ୍ର): ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଟେନସି ଆଣ୍ଡ ମ୍ୟାନେଜମେଂଟର ପ୍ରାଣୀ ବିଜ୍ଞାନ ବିଭାଗରେ ବିଦାୟୀ ସମ୍ବର୍ଦ୍ଧନା ବିଭାଗୀୟ ମୁଖ୍ୟା ଅଭିପ୍ସା ନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଅଛି. ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶେଷବର୍ଷର ଛାତ୍ର ଛାତ୍ରୀ ମାନଙ୍କୁ ଆତ୍ମନିର୍ଭରଶୀଳ ହୋଇ ଆଗକୁ ବଢିବା ସହିତ ପିଜି ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି ଉପରେ ବୁଝାଇଥିଲେ. ସଭାରେ ଏଲ.କେ ମହାବିଦ୍ୟାଳୟର ଅଧକ୍ଷା ଡ଼କ୍ଟର ପୁଷ୍ପାରାଣୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଜୀବନର ମହତ୍ୱ ବିଷୟରେ ବୁଝାଇବା ସହିତ ସବୁ ପରିସ୍ଥିତିକୁ ସମ୍ମୁଖୀନ କରି ଲକ୍ଷ୍ୟ ହାସଲ କରିବାକୁ ପରାମର୍ଶ ଦେଇଥିଲେ । ଅଧ୍ୟାପିକା ଅଙ୍କିତା ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ, ପ୍ରଥମ ବର୍ଷ ଏବଂ ଦ୍ୱିତୀୟ ବର୍ଷର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଶେଷ ବର୍ଷର ଛାତ୍ର ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବିଦାୟ ସମ୍ବର୍ଦ୍ଧନା ଜଣାଇବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ. କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ର ଅନ୍ୟାନ ଅଧ୍ୟାପକ ଏବଂ ଅଧ୍ୟାପିକା ଯୋଗ ଦାନ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

# ସମାଜର ହିତ ପାଇଁ ସାହିତ୍ୟ : ଜମ୍ବୀରାଇ ଶାନ୍ତିଧାମରେ ସାହିତ୍ୟ ସଭା




ଲଙ୍ଗଳେଶ୍ୱର , ୨୧/୦୫ (ନି.ପ୍ର): ସମାଜର ହିତ ପାଇଁ ସାହିତ୍ୟ , ସାହିତ୍ୟ ବିନା ମଣିଷ ଜୀବନ ଅଧୁରା , ସାହିତ୍ୟରେ ନବରସ ଅନିବାର୍ଯ୍ୟ , ସାହିତ୍ୟ ହିଁ ଅସ୍ଥିର ମନକୁ ଶାନ୍ତି ପ୍ରଦାନ କରି ପାରିବ ବୋଲି ରବିବାର ଜମ୍ବୀରାଇ ଶାନ୍ତିଧାମ ଠାରେ ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ପକ୍ଷରୁ ଆୟୋଜିତ ଭ୍ରାମ୍ୟମାନ ପଥପ୍ରାନ୍ତ ସାହିତ୍ୟ ସଭାରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତ ବ୍ୟକ୍ତ କରିଛନ୍ତି ।କମିଟିର ସଭାପତି ପୂର୍ବତନ ଡ଼ି ଆଇ ସୁବାସ ଚୌଧୁରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଆବାହକ ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି ଅତିଥି ପରିଚୟ ସ୍ୱାଗତ ଭାଷଣ ,ସମ୍ପାଦକ ଗୋପାଳ କୃଷ୍ଣ ବିଶ୍ୱାଳ ବିବରଣୀ ପ୍ରଦାନ କରିଥିଲେ ।ଶିଶୁ ସାହିତ୍ୟିକ କାଳିକିଙ୍କର ଦାଶ ମୁଖ୍ୟ ଅତିଥି ,ଲତାଯୋଡି ସଂସ୍କୃତ କଲେଜର ଅଧକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା ମୁଖ୍ୟ ବକ୍ତା ,ସମ୍ମାନୀତ ଅତିଥି ଭାବରେ ଅପରାହ୍ନ ଏଡିଟର ବଂଶୀଧର ଜେନା ,ପ୍ରକାଶିକା ଲକ୍ଷ୍ମୀ ପ୍ରିୟା ଦାସ , ଅଭିନନ୍ଦନ ସାପ୍ତାହିକ ଖବର କାଗଜ ସମ୍ପାଦକ ଇଂ ଜଗଦୀଶ ମିଶ୍ର,ଜମ୍ବୀରାଇ ବି ଏ ନ ହାଇ ସ୍କୁଲର ପ୍ରଧାନ ଶିକ୍ଷକ ବାବାଜୀ ଚରଣ ବିଶ୍ୱାଳ , ପ୍ରମୁଖ ଉଦବୋଧନ ପ୍ରଦାନ କରିଥିଲେ ।ଏହି ଅବସରରେ ଗଣ କବି ହରେକୃଷ୍ଣ ମଲ୍ଲିକ, ଭୀଷ୍ମ ଚରଣ ମଲ୍ଲିକ, ସେକ ନିମାଜୀ ,ବିଜୟ କୁମାର ପାତ୍ର, ଯୁବକବି ନବ କୁମାର ଦାସ ,ଭୀମ ଚରଣ ବେହେରା, ରାମ ରଞ୍ଜନ ରାଉତ,ବିଷ୍ଣୁ ପ୍ରିୟା ମହାପାତ୍ର, ମାହେଶ୍ୱରୀ ଗିରି, ସୁରେନ୍ଦ୍ରନାଥ ପରିଡ଼ା,ରବୀନ୍ଦ୍ର ଦତ୍ତ,ଛାୟା ରାଣୀ ଘୋଷାଳ ,ସୌଭାଗିନୀ ମିଶ୍ର ପ୍ରମୁଖ ସ୍ୱ ରଚିତ କବିତା ପାଠ କରିଥିଲେ ।ଡାକ୍ତର ଅଜୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କଳାବ୍ୟାଜ ପିନ୍ଧି ଅମଲାଙ୍କ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆରମ୍ଭ



ବାଲେଶ୍ୱର, ୨୨/୦୫ (ନି.ପ୍ର): ବାରମ୍ବାର ଦାବି ସତ୍ତ୍ୱେ ବେତନ ଅସଙ୍ଗତି ଦୂର ନେଇ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ଶାନ୍ତିପୂର୍ଣ୍ଣ ବିରୋଧ କରିଛି ୪ ଗୋଟି ଅମଲା ସଂଘକୁ ନେଇ ଗଠିତ ମିଳିତ ମଞ୍ଚ । ମଞ୍ଚର ଆହ୍ୱାନ କ୍ରମେ ସୋମବାର ଠାରୁ ଅମଲାମାନେ କଳାବ୍ୟାଜ ପିନ୍ଧି ରାଜ୍ୟ ବ୍ୟାପୀ ପ୍ରତିବାଦ ଜଣାଇବା ଆରମ୍ଭ କରିଛନ୍ତି । ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଅମଲାମାନେ କଳାବ୍ୟାଜ ପିନ୍ଧ କାର୍ଯ୍ୟ କରୁଥିବା ଲକ୍ଷ୍ୟ କରାଯାଇଛି । ଏହି ପ୍ରତିବାଦ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଦାବି ପୂରଣ ନେଇ ଯଦି ସରକାର କିଛି ନିଷ୍ପତ୍ତି ନ ନିଅନ୍ତି ତାହାଲେ ୧ ତାରିଖରୁ ଅମଲାମାନେ ଏକକାଳୀନ ସମୂହ ଛୁଟିରେ ଯିବେ ବୋଲି ଓଡ଼ିଶା ଅମଲା ସଂଘ ସମ୍ପାଦକ ରାଜେନ୍ଦ୍ର କୁମାର ମହାନ୍ତି ଓ ଓଡ଼ିଶା ରାଜସ୍ୱ ଅମଲା ସଂଘ ସମ୍ପାଦକ ସ୍ୱସ୍ତିକ ଦାସ ସୂଚନା ଦେଇଛନ୍ତି । ଅମଲା ନେତାଙ୍କ ଆପତ୍ତି ଅନୁସାରେ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକରୁ ସ୍ନାତକକୁ ବୃଦ୍ଧି ସାଙ୍ଗକୁ କମ୍ପ୍ୟୁଟର ଶିକ୍ଷାକୁ ବି ବାଧ୍ୟତାମୂଳକ କରାଯାଇଛି । ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ସରକାର ଉଚ୍ଚଶିକ୍ଷା ଗତ ଯୋଗ୍ୟତା ସ୍ଥିର କଲେ । ମାତ୍ର ୫୦ ବର୍ଷ ପୂର୍ବର ମେଟ୍ରିକ ଯୋଗ୍ୟତା ଭିତ୍ତିକ ବେତନ ହାର ପରିବର୍ତ୍ତନ ନେଇ ଅଦ୍ୟାବଧି କୌଣସି ପଦକ୍ଷେପ ନିଆ ନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ ଆରୋପ କରିଛନ୍ତି । ବିଶେଷ କରି ପ୍ରବେଶିକା ସ୍ତରରେ ୪୨୦୦ ଗ୍ରେଡ ପେ ବା ଲେଭଲ-୯ ଲାଗୁ ପାଇଁ ସଂଗଠନ ପକ୍ଷରୁ ବାରମ୍ବାର ଦାବି କରାଯାଇଛି । ମାତ୍ର ଏ ବାବଦରେ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନଥିବା ଅମଲା ନେତାମାନେ ସୂଚନା ଦେଇଛନ୍ତି ।

# ପଦ୍ମଲୋଚନ ବେହେରାଙ୍କ ପୁସ୍ତକ 'ଜୀବନ ଦର୍ପଣ' ଲୋକାର୍ପିତ

ବାଲେଶ୍ୱର, ୨୨/୦୫ (ନି.ପ୍ର): ରବିବାର ଶାନ୍ତିକାନନରେ ଫକୀରମୋହନ ସାହିତ୍ୟ ପରିଷଦର ଆନୁକୂଲ୍ୟରେ ସାହିତ୍ୟିକ ପଦ୍ମଲୋଚନ ବେହେରାଙ୍କ ଜୀବନଧର୍ମୀ ପୁସ୍ତକ 'ଜୀବନ ଦର୍ପଣ' ଲୋକାର୍ପିତ ହୋଇଯାଇଛି । ପରିଷଦର ଉପସଭାପତି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସାରସ୍ୱତ ଉତ୍ସବରେ 'ପରିଚୟ' ସଂପାଦିକା ସୁଶ୍ରୀ ଅରୁଣା ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଲେ ଯେ ଦୁର୍ଲ୍ଲଭ ମଣିଷ ଜୀବନ ପାଇ କେବଳ ସ୍ୱାର୍ଥକୈନ୍ଦ୍ରିକ ହୋଇ ବଞ୍ଚିବାଟା ମରଣ ସହ ସମାନ । ବିଶ୍ୱକଲ୍ୟାଣ ପାଇଁ ସମସ୍ତ ମଣିଷଙ୍କ ଯତ୍‌କିଞ୍ଚିତ ଯୋଗଦାନ ରହିଲେ ଆମେ ଏକ ମଙ୍ଗଳମୟ ବିଶ୍ୱ ପାଇବାରେ ସମର୍ଥ ହେବୁ । ଆଲୋଚକ ଡ. ସାରଙ୍ଗଧର ତ୍ରିପାଠୀ ପୁସ୍ତକଟିକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ଏହା ଅତ୍ୟନ୍ତ ଉପାଦେୟ ପୁସ୍ତକ ବୋଲି ମତ ରଖିଥିବାବେଳେ ଅନ୍ୟତମ ଆଲୋଚିକା କଲ୍ୟାଣୀ ନନ୍ଦ ଗ୍ରନ୍ଥଟିର ଆତ୍ମିକ ଦିଗ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପିକା ଜ୍ୟୋତ୍ସ୍ନା ରାୟ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ । ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିବାବେଳେ ଲେଖକ ପଦ୍ମଲୋଚନ ବେହେରା ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




# ଜଳେଶ୍ୱର ସହରର ଦୁଇ ସ୍ଥାନରେ ଚୋରି : ପୁଲିସ୍ ନିଷ୍କ୍ରିୟ



ଜଳେଶ୍ୱର , ୨୨/୦୫ (ନି.ପ୍ର): ଜଳେଶ୍ୱର ଅଂଚଳରେ ଦିନକୁଦିନ ଚୋରୀ ବଢିବାରେ ଲାଗିଛି । ସହରର ବଡବଜାର ଅଂଚଳରେ ଥାନ ଠାରୁ ମାତ୍ର ୧୦୦ ମିଟର ଦୂରରେ ଦୁଇଟି ସ୍ଥାନରୁ ଚୋରୀ ହୋଇଥିବା ଜଣାଯାଇଛି । ଜଳେଶ୍ୱର ଟାଉନ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ଆଜି ବିଦ୍ୟାଳୟରେ ପହଞ୍ଚି ସବୁ ଶ୍ରେଣୀଗୃହର ତାଲା ଭଂଗାଯାଇଥିବା ଦେଖିବାକୁ ପାଇଥିଲେ । ପରେ ବିଭିନ୍ନ ଆଲମାରୀର ତାଲା ଭାଂଗି କେତେକ କାଗଜପତ୍ର ସହିତ ଆସବାପତ୍ର ଓ ନଗତ ୧୫ହଜାର ଟଙ୍କା ଚୋରୀ ହୋଇଥିବା ଥାନାରେ ଲିଖିତଭାବେ ଜଣାଇଛନ୍ତି । ସେହିପରି ଜଳେଶ୍ୱର ସବ୍‌ରେଜିଷ୍ଟାର ତାଲା ଭାଂଗି ଦୃବୃତ୍ତମାନେ କାର୍ଯ୍ୟାଳୟକୁ ପଶିଥିବା ବେଳେ ବିଶେଷ କିଛି ଚୋରୀ ହୋଇନଥିବା ଜଣାଯାଇଛି । ପ୍ରକାଶଯୋଗ୍ୟ ଶନିବାରଦିନ ସବ୍‌ରେଜିଷ୍ଟାର କାର୍ଯ୍ୟାଳୟର ରାଜସ୍ୱ ବ୍ୟାଙ୍କରେ ଜମା ହୋଇନଥାଏ । ଦୃବୃତ୍ତ ଏହାଜାଣି ଚୋରୀ କରିବାକୁ ଚେଷ୍ଟା କରି ବିଫଳ ହୋଇଛି । ସୂଚନାଯୋଗ୍ୟ ଗତ କିଛିଦିନ ପୂର୍ବେ ଅଲାଲପୁରର ଜନୈକ ମହିଳାଙ୍କ ଠାରୁ ଦେଢଲକ୍ଷର ସୁନାହାର ଟଙ୍କା ଛିନ୍‌ତାଇ କରିଥିବା ବେଳେ ମା ଗାଜିଆଣୀ ମନ୍ଦିରରୁ ବହୁ ଅଳଙ୍କାର ଓ ମୂର୍ତ୍ତି ଚୋରୀ ହୋଇଥିଲେ ମଧ୍ୟ ଅଦ୍ୟାବଧି କୋଣସି ଦୁର୍ବୃତ୍ତଙ୍କୁ ଚିହ୍ନଟ ହୋଇପାରିନାହିଁ । ସୂଚନାଯୋଗ୍ୟ ଜଳେଶ୍ୱର ପୁଲିସ୍ କେବଳ ଛୋଟମୋଟ ଧରଣର ଘଟଣାକୁ ପ୍ରାଧାନ୍ୟ ଦେଉଥିବା ବେଳେ ବଡ ବଡ ଘଟଣାରେ ନିଷ୍କ୍ରିୟ ଥିବା ସାଧାରଣରେ ଆଲୋଚନା ହେଉଛି ।

## କଳାବ୍ୟାଚ ପରିଧାନ କରି ପ୍ରତିବାଦ

ଖଇରା, ୨୨/୦୫ (ନି.ପ୍ର): ଜିଲା ମିଳିତ ଅମଲା ମଞ୍ଚର ଡାକରାରେ ବାଲେଶ୍ୱର ଜିଲା ଖଇରା ବ୍ଲକରେ କାର୍ଯ୍ୟରତ ସମସ୍ତ କନିଷ୍ଠ ଓ ବରିଷ୍ଠ ସହାୟକ ମାନେ ଦାବୀ ପୁରଣ କରାନଯିବା ପ୍ରତିବାଦ ସ୍ୱରୁପ ସୋମବାର ଠାରୁ କଳାବ୍ୟାଚ ପରିଧାନ କରିଛନ୍ତି । ଯଦି ସରକାର ସ୍ନାତକ ଯୋଗ୍ୟତା ଭିତ୍ତିରେ ଦରମା ପ୍ରଦାନ ନକରନ୍ତି ତେବେ ସମସ୍ତ ଅମଲା ଆସନ୍ତା ଜୁନ ମାସ ୧ତାରିଖରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । କାର୍ଯରତ ଅମଲା ଦୁଷ୍ମନ୍ତ କୁମାର ଦଳେଇ, ବିଜୟ କୁମାର ସାହୁ, ଦେବାଶିଷ ସାହୁ, ବ୍ରହ୍ମାନନ୍ଦ ଦାସ, ଅମିୟ କୁମାର ବେହେରା, ହରିହର ଶିଅଳ , ରାକେଶ କୁମାର ବେଜ, ଗଗନ କୁମାର ଜେନା, ଶୁଭଶ୍ରୀ ପଣ୍ଡା, ଆନନ୍ଦ ପ୍ରସାଦ ବାରିକ ଓ ଅନ୍ୟମାନେ କଳାବ୍ୟାଚ ପରିଧାନ ପୁର୍ବକ ଖଇରା ବ୍ଲକ ସମ୍ମୁଖରେ ସକାଳ ୬ଟାରୁ ୬ଟା୩୦ ପର୍ଯନ୍ତ ଏକତ୍ର ହୋଇ ପ୍ରତିବାଦ ଜଣାଇଥିଲେ ।

# ଯୁବତୀ ସହିତ ଶାରୀରିକ ସଂପର୍କ ରଖି ଅନ୍ୟତ୍ର ବିବାହକୁ ବିରୋଧ : ବିଜେପିର ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର ୨୨/୫(ନି.ପ୍ର): ଜଳେଶ୍ୱରର ଝାଡପିମ୍ପଳ ଗ୍ରାମର ରାଜକିଶୋର ଅଣ୍ଡିଆଙ୍କ ପୁତ୍ର ଧିରେନ୍ ଅଣ୍ଡିଆ ରାୟଗଡାରେ ଥିବା ବେଳେ ସେଠାରେ ଜନୈକ ଯୁବତୀ ସହିତ ଶାରିରୀକ ସମ୍ପର୍କ ରଖି ଏବେ ଅନ୍ୟତ୍ର ବିବାହ କରିଥିବାର ଜାଣି ଯୁବତୀ ଜଣକ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି । କିନ୍ତୁ ଦୀର୍ଘ ୫ଦିନ ଧରି ଜଳେଶ୍ୱର ଥାନାରେ ମାମଲା ରୁଜୁ ନ ହେବାରୁ ମହିଳା ଜଣକ ଜଳେଶ୍ୱର ଏସ୍‌ଡିପିଓଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଗତ ୨୦-୫-୨୩ରେ ମାମଲା ରୁଜୁ ହୋଇଥିଲା । ଯୁବକଙ୍କ ବାପା ଗ୍ରାମରକ୍ଷୀ ହୋଇଥିବାରୁ ମାମଲା ରୁଜୁରେ ଅହେତୁକ ବିଳମ୍ବ ହେବା, ମାମଲାକୁ ଦଫାରଫା କରି ମାମଲାକୁ ଚପେଇଦେବା, ୧୯ତାରିଖ ମଧ୍ୟରାତ୍ରରେ ଜଣେ ପୁରୁଷ କନେଷ୍ଟବଲଙ୍କ ସାଥିରେ ଯୁବତୀଙ୍କୁ ଜଳେଶ୍ୱର ରେଳ ଷ୍ଟେସନକୁ ଛାଡିବା ଲାଗି ପଠାଇବା ଅଭିଯୋଗରେ ବିଜେପି ମହିଳାମୋର୍ଚ୍ଚ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି । ଏପରିକି ଜଳେଶ୍ୱର ଥାନା ପୁଲିସ୍ ମହିଳାଙ୍କୁ ନ୍ୟାୟ ଦେବାରେ ଟାଳଟୁଳ ନିତୀ ଅବଲମ୍ବନ କରୁଥିବାର ମଧ୍ୟ କରାଯାଇଛି । ଆଜି ଏହି ସାମ୍ବାଦିକ ସମ୍ମିଳନୀରେ ମହିଳାମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ସୁମତି ଦେ, ଜିଲା ଉପସଭାପତି ସବିତ୍ରୀ ଜେନା, ସାଧାରଣ ସଂପାଦିକା ସୁମତି ରଣା, ନଗର ସଭାପତି ଦେବଯାନୀ ଅଣ୍ଡିଆ, ମଳତୀଲତା ଦତ୍ତ, ରଶ୍ମିରେଖା ଜେନା, ଚନ୍ଦନା ଦାସ, ପଦ୍ମାବତୀ ବେହେରା, ଓ ସରେସ୍ୱରୀ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

# ଭଦ୍ରକ ସାହିତ୍ୟ ପରିଷଦର ଏକାଡେମୀ ସମ୍ବର୍ଦ୍ଧିତ ଦୁଇ ପ୍ରତିଭାଙ୍କୁ ଅଭିନନ୍ଦନ



ଭଦ୍ରକ, ୨୨/୦୫ (ନି.ପ୍ର): ଭଦ୍ରକ ସାହିତ୍ୟ ପରିଷଦର ଦୁଇଜଣ ବରିଷ୍ଠ ସଦସ୍ୟ/ସଦସ୍ୟା ଡ.ଅବନୀ ପ୍ରଧାନ,ଡ.ପ୍ରଭାତ ନଳିନୀ ମହାପାତ୍ର,ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ନିକଟ ଅତୀତରେ ସମ୍ବର୍ଦ୍ଧିତ ହୋଇଥିବାରୁ ପରିଷଦ ତର'ରୁ ଡ.ଗୋଲକ ବିହାରୀ ସାହୁଙ୍କ ସାବିତ୍ରୀ ସଦନରେ ସେମାନଙ୍କୁ ଶୁଭେଛା ଓ ଅଭିନନ୍ଦନ ଜଣାଇବାକୁ ପରିଷଦର ସଭାପତି ଡ. ରାଧାରାଣୀ ମହାପାତ୍ରଙ୍କ ପୌରହିତ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା । ସୁଶ୍ରୀ ପ୍ରୀତିଲତା ପଣ୍ଡାଙ୍କ ଅତିଥିମାନଙ୍କୁ ମଂଚ ଆମନ୍ତ୍ରଣ ପରେ ସାହିତ୍ୟିକା ଗୀତାରାଣୀ ଆଇଚ ଅତିଥି ପରିଚୟ ଦେଇଥିଲେ । ଅନୁଷ୍ଠାନର ସଂପାଦକ କବି ବିଜୟ ବହଳୀ ସମ୍ବର୍ଦ୍ଧନା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିବାପରେ ଡ.ରାଧାରାଣୀ ମହାପାତ୍ରଙ୍କ ସମେତ ଡ.ରାମଚନ୍ଦ୍ର ପଣ୍ଡା, ଡ.ଗୋଲକ ବିହାରୀ ସାହୁ,ସମାଜସେବୀ ଅଜୟ ନାୟକ, ଶ୍ରୀଯୁକ୍ତ ଶାନ୍ତନୁ ରାଉତ, ଶ୍ରୀଯୁକ୍ତ ନିହାର ରଞ୍ଜନ କର ପ୍ରମୁଖ ଅତିଥିଗଣ ଦୁଇ ସମ୍ବର୍ଦ୍ଧିତ ପ୍ରତିଭାକୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ମଂଚାସୀନ ଅତିଥିମାନେ ଦୁଇ ଏକାଡେମୀ ସମ୍ବର୍ଦ୍ଧିତ ପ୍ରତିଭା ଡ.ଅବନୀ ପ୍ରଧାନ ଓ ଡ.ପ୍ରଭାତ ନଳିନୀ ମହାପାତ୍ରଙ୍କ ସାହିତ୍ୟ ପ୍ରତି ଥିବା ନିଷ୍ଠା ସଂପର୍କରେ ଆଲୋକପାତ କରିବା ସହିତ ସେମାନେ ନୂତନ ପୀଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ । ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ବାରିକ ଓ ବିପ୍ଳବୀ କବି ବିପ୍ଳବ ହୋତାଙ୍କ ସଂଚାଳନରେ ଏହି ସଭାରେ ଶ୍ରୀଯୁକ୍ତ ରମେଶ ଦାସ,କବି ମୁକ୍ତିକାନ୍ତ ମଲ୍ଲିକ, ନାଟ୍ୟଶ୍ରୀ ନିର୍ମଳ ରାଉତ, କବି ଗୌତମ ମହାରଣା ,ଶ୍ରୀମତୀ ସୁଜାତା ନାୟାକ,ଶ୍ରୀମତୀ ଜାନକୀ ପାଢ଼ୀ,କବି ଶରତ ନାୟକ ପ୍ରମୁଖ ଦୁଇ ସମ୍ବର୍ଦ୍ଧିତ ପ୍ରତିଭା ଭଦ୍ରକ ପାଇଁ ଗର୍ବ,ଗୌରବ ବୋଲି କହିବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।ଶେଷରେ ଅବସର ପ୍ରାପ୍ତ ପ୍ରାଧ୍ୟାପିକା ଶ୍ରୀମତୀ ଭାନୁମତୀ ମାଟିଆ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ବିଦ୍ୟାଳୟ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲେ ସରପଂଚ

ଖଇରା, ୨୨/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ହାଇସ୍କୁଲରେ ସର୍ବାଧିକ ନମ୍ବର(ଏ-୧) ରଖିଥିବା ଛାତ୍ର ଦିବ୍ୟାଂଶୁ ମହାପାତ୍ରଙ୍କୁ ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକ ଓ ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପ୍ରସାଦ ପରିଡା ସମ୍ବର୍ଦ୍ଧିତ କରିଛନ୍ତି । ଶନିବାର ଦିନ ଉଭୟ ଲୋକପ୍ରତିନିଧି ଦିବ୍ୟାଂଶୁଙ୍କୁ ତାଙ୍କ କେନ୍ଦୁଭଦଳୀ ବାସଭବନରେ ଭେଟି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ । ବାପା ପ୍ରହଲ୍ଲାଦ ମହାପାତ୍ର ଓ ମା ସୁବାଶିନୀ ମହାପାତ୍ର ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଅମଲା ସହାୟକଙ୍କ କଳାବ୍ୟାଚ ପିନ୍ଧି ଆନ୍ଦୋଳନ
## ଦାବିପୂରଣ ନହେଲେ ଆଗାମୀ ଜୁନ ୧ରୁ ସମୂହ ଛୁଟି

ନୀଳଗିରି , ୨୨/୦୫ (ନି.ପ୍ର): ସମଗ୍ର ରାଜ୍ୟର ଜିଲ୍ଲାସ୍ତରରେ ଅମଲାତନ୍ତ୍ର ର କନିଷ୍ଠ ସହାୟକ ମାନେ ୨୨ତାରିଖ ସୋମବାରଠାରୁ କଳାବ୍ୟାଚ ପିନ୍ଧି ଆନ୍ଦୋଳନକୁ ଉଲ୍ଲାଇଛନ୍ତି । ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି କନିଷ୍ଠ ସହାୟକ ମାନେ ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଛି । ସେମାନଙ୍କର ଏକମାତ୍ର ପ୍ରମୁଖ ଦାବୀ ସେମାନଙ୍କୁ ଲେବୁଲ ୪ରୁ ଲେବୁଲ ୯କୁ ବୃଦ୍ଧିକରିବା । ଏଥିସହିତ ସମସ୍ତ ଗ୍ରାଜୁଏଟ




ଲେବୁଲ ସରକାରୀ କର୍ମଚାରୀଙ୍କ ସହିତ ସମକ୍ଷକ କରି ଗ୍ରେଡ୍ ପେ ୧୯୦୦ଟଙ୍କାରୁ ବୃଦ୍ଧିକରି ୪୨୦୦ଟଙ୍କା କରିବା । ଯଦି ସରକାର ଏଥିପ୍ରତି ଯତ୍‌ବାନ ନହୁଅନ୍ତି ତାହେଲେ ଆଗାମୀ ଜୁନ ୧ତାରିଖରୁ ଉପସ୍ଥିତ ଅମଲାତନ୍ତ୍ର ର କନିଷ୍ଠ ସହାୟକ ମାନେ ସମୂହ ଛୁଟିରେ ଯିବେ ବୋଲି ଦୃଢ ଚେତାବନୀ ଦେଇଛନ୍ତି ।

# ମୟୂରଭଂଜରେ ଏକାକି ରାଜ କରିବେ 'ବାଥୁଡ଼ି'

ଉଦଳା, ୨୨/୦୫ (ନି.ପ୍ର):- ଚଳିତ ମଇ ୨୦ ତାରିଖ ଶନିବାର ଓ ୨୧ ତାରିଖ ରବିବାର ଦୁଇଦିନ ଧରି ଉଦଳା ନିକଟସ୍ଥ ପାଟପୁର ଠାରେ ରାଜ୍ୟ ସ୍ତରୀୟ ବାଥୁଡ଼ି ସାଂସ୍କୃତିକ ସମାଜର ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଭାରେ ମୟୂରଭ ସମେତ ବାଲେଶ୍ୱର, କେନ୍ଦୁଝର ଓ ଝାଡ଼ଖଣ୍ଡ ରାଜ୍ୟର ପ୍ରାୟ ୧୦ ହଜାର ଲୋକଙ୍କ ସମାବେଶ ଦେଖିବାକୁ ମିଳିଥିଲା । ସାଂସ୍କୃତିକ ସମାଜର ସଭାପତି ଦିବାକର ପରିହାଳ ବାଥୁଡ଼ି ଜନଜାତିର ବିଗତ ଇତିହାସ, ପରମ୍ପରା ଓ ବିଧିବିଧାନ ଠାରେ ବର୍ତ୍ତମାନର ପିଢ଼ି ଧିରେ ଧିରେ ଦୁରେଇ ଯାଉଥିବାରୁ ଏହାକୁ ବଂଚାଇ ରଖିବା ପାଇଁ ଆଜିର ଏହି ଉତ୍ସବ ଆୟୋଜିତ



ହେଉଛି ବୋଲି ବ୍ୟକ୍ତ କରିଥିଲେ । ପୁରାଣ ବର୍ଣ୍ଣିତ ବିଶ୍ୱାବଶୁ ଋଷିଙ୍କର ବଂଶଧର 'ବାଥୁଡ଼ି' ଜନଜାତି ହୋଇଥିବା ବେଳେ, ଶିମିଳିପାଳ ଜଙ୍ଗଲ ମଧରେ ଥିବା ଅଠର ଦେଉଳ ମୁଖ୍ୟ ତୀର୍ଥ କ୍ଷେତ୍ର ଅଟେ । ବିଧାୟକ ଭାସ୍କର ମଢ଼େଇ ଓ ଉଦଳା ବ୍ଲକର ଅଧକ୍ଷା ମୁଲତା ବିଶ୍ୱାଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଆସନ୍ତା ନିର୍ବାଚନରେ ମୟୂରଭଂଜ ସବୁଯାକ ବିଧାନ ସଭା ଓ ଲୋକସଭା ସଦସ୍ୟ ଭାବରେ କିପରି ବାଥୁଡ଼ି ପ୍ରାର୍ଥି ଜିତିବେ ସେଥିପାଇଁ ଆମକୁ ଆଜିଠାରୁ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି ଜଣାଇଥିଲେ । ବାଥୁଡ଼ି ଜନଜାତି ମଧରେ ଏକତା ରହିଲେ ଏହା ସମ୍ଭବ ହେବ ବୋଲି ବୟସ୍କ ବ୍ୟକ୍ତି ମାନେ କହିଥିଲେ । ଅନ୍ୟ ଜନଜାତି ମାନେ ବିଧର୍ମିଙ୍କ ଦ୍ୱାରା ପ୍ରଭାବିତ ହୋଇ ଯେଉଁଭଳି ଭାବରେ ବାରମ୍ବାର ଧର୍ମ ବଦଳାଉଛନ୍ତି ସେ ସବୁଥିରେ ବାଥୁଡ଼ି ଜନଜାତି ବହୁ ଉର୍ଦ୍ଧରେ । ସେଥିପାଇଁ ବାଥୁଡ଼ି ଜନଜାତିର ରହିଛି ଏକ ସ୍ୱତନ୍ତ୍ର ସୁନାମ ବୋଲି ବହୁଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଥିଲା । ଏହାପରେ ସମସ୍ତେ ଚାଙ୍ଗୁ ନାଚର ତାଳେ ତାଳେ ଝୁମିଥିଲେ ।ଯେଉଁଭଳି ଭାବରେ ବାରମ୍ବାର ଧର୍ମ ବଦଳାଉଛନ୍ତି ସେ ସବୁଥିରେ ବାଥୁଡ଼ି ଜନଜାତି ବହୁ ଉର୍ଦ୍ଧରେ । ସେଥିପାଇଁ ବାଥୁଡ଼ି ଜନଜାତିର ରହିଛି ଏକ ସ୍ୱତନ୍ତ୍ର ସୁନାମ ବୋଲି ବହୁଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଥିଲା । ଏହାପରେ ସମସ୍ତେ ଚାଙ୍ଗୁ ନାଚର ତାଳେ ତାଳେ ଝୁମିଥିଲେ ।

# ବିଶ୍ୱ ବିଦ୍ୟାଳୟରେ ଶିକ୍ଷକ ଗୁଣାତ୍ମକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ
## ଉଭିଦ ଜଗତର ବର୍ଗୀକରଣ ଓ ଜୈବ ବିବିଧତା ଉପରେ ଆଲୋଚନା

ବାରିପଦା , ୨୨/୦୫ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଉଭିଦ ବିଜ୍ଞାନ ବିଭାଗରେ ଆଜି ଶିକ୍ଷକ ଗୁଣାତ୍ମକ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହିପରି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷକମାନଙ୍କର ଗୁଣାତ୍ମକ ବିକାଶ ସମ୍ଭବ ହୋଇପାରିବ ବୋଲି କହିଥିଲେ. ଉଭିଦ ଜଗତର ବର୍ଗୀକରଣ ଓ ଜୈବ ବିବିଧତା ସଂରକ୍ଷଣ ଶୀର୍ଷକ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥୀ ଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ସିଏସଆଇଆର ର ପରିବେଶ ଓ ସନ୍ତୁଳନ ବିଭାଗ




ମୁଖ୍ୟ ଡ. ନବୀନ କୁମାର ଧଳ ମୁଖ୍ୟ ବକ୍ତାରୂପେ ଯୋଗଦାନ କରି ବୃକ୍ଷଲତାର ବର୍ଗୀକରଣ ଉପରେ ବକ୍ତବ୍ୟ ରଖିବା ସହିତ ପରିବେଶ ସନ୍ତୁଳନ ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ । ସମନ୍ୱିତ ବିକାଶ କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ହୃଦୟନାଥ ଥାଟୋଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିବା ବେଳେ, ଉଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ. କମଳ ଲୋଚନ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ସହକାରୀ ପ୍ରଫେସର ଡ. ସୁଦାମ ଚରଣ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସହ ସଂଯୋଜିକା ବିଭାଗୀୟ ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମର ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଚାଳିଶ ଜଣ ଅଧାପକ ଅଧାପିକା ଯୋଗଦାନ କରିଥିବା ବେଳେ, ଭାରତୀୟ ବନସ୍ପତି ସର୍ବେକ୍ଷଣ ଅନୁଷ୍ଠାନ କଲିକତାର ବୈଜ୍ଞାନିକ ଡ. ସୁଧାଂଶୁ ଶେଖର ଦାସ, ଡ. ଗୋପାଳ କ୍ରିଷ୍ଣନ୍, ଡ. କୁମାର ଅବିନାଶ ଭାରତୀ ଏବଂ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ଗବେଷକ ଡ. ପ୍ରଭାତ କୁମାର ଦାସ, ବିଶ୍ୱବିଦ୍ୟାଳୟ ବନ୍ୟପ୍ରାଣୀ ଓ ଜୈବ ବିବିଧତା ସଂରକ୍ଷଣ ବିଭାଗର ସହକାରୀ ପ୍ରଫେସର ଡ. ଅଶୋକ କୁମାର ମଲ୍ଲିକ ଏବଂ ଡ. ରବୀନ୍ଦ୍ର କୁମାର ମିଶ୍ର ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ଯୁବ ଛାତ୍ର ସଂଗଠନ ପକ୍ଷରୁ ଜଳେଶ୍ୱର ବନ୍ଦ ଶାନ୍ତିପୂର୍ଣ୍ଣ

ଜଳେଶ୍ୱର ୨୨/୫(ନି.ପ୍ର): ଦୀର୍ଘବର୍ଷ ପୂର୍ବରୁ ଜଳେଶ୍ୱର ଏକ ସବ୍‌ଡିଭିଜନ୍ ଘୋଷଣା ପାଇଁ ଦାବି ଓ ଆନ୍ଦୋଳନ ହୋଇ ଆସୁଥିବା ବେଳେ ସଚେତନ ଯୁବ ଛାତ୍ର ସଂଗଠନ ପକ୍ଷରୁ ଏହାକୁ ଯୋରଦାର କରାଯାଇଥିଲା । ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତାର ବିଭିନ୍ନ ସ୍ଥାନରେ ସଚେତନତା ସଭା ହୋଇ ଏଥିଲାଗି ଜନମତ ସୃଷ୍ଟି କରାଯାଇଥିଲା । ଶେଷରେ ଜଳେଶ୍ୱର ବନ୍ଦ ନିଷ୍ପତ୍ତି ଡାକରା ଯୋଗୁଁ ଆଜି ଜଳେଶ୍ୱର ସହରର ଷ୍ଟେସନ ଛକ, ହାଟଛକ, ବଡବଜାର ଛକ, ତହସିଲଛକ, ବ୍ଲକବଜାର ଛକ, ହସ୍‌ପିଟାଲ ଛକଠାରେ ଆନ୍ଦୋଳନକାରୀଙ୍କ



ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା । ଯାନବାହନ ଚଳାଚଳ ଠପ୍ ହୋଇଯାଇଥିବା ବେଳେ ଏହି ବନ୍ଦରେ ବାଇକ୍ ଚଳାଚଳାକୁ ଆନ୍ଦୋଳନକାରୀମାନେ ବାଧାଦେଇଥିଲେ । ସକାଳ ୭ଟାରୁ ସଂଗଠନ ପକ୍ଷରୁ ପିକେଟିଂ ଆରମ୍ଭ ହୋଇଥିଲା । ଫଳରେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, କାର୍ଯ୍ୟାଳୟ ବନ୍ଦ ହୋଇଯାଇଥିଲା । ଏପରିକି ଜଳେଶ୍ୱରର ସର୍ବବୃହତ ସାପ୍ତାହିକ ହାଟ ସଂପୂର୍ଣ୍ଣ ଠପ୍ ହୋଇଯାଇଥିଲା । ସଂଗଠନ ପକ୍ଷରୁ କାଳିଚରଣ ଦାସ, ସତ୍ୟଶୋଭନ ମିଶ୍ର, ରାସବିହାରୀ ରଣା, ଚନ୍ଦନ କର ଓ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଏଥିରେ ନେତୃତ୍ୱ ନେଇଥିଲେ ।

# ଅଳିଆ ଗଦାରେ ନିଆଁ ଲାଗି ଜଳିଗଲା ଲକ୍ଷ୍ୟାଧିକ ଟଙ୍କାର ପାଇପ : ଅଞ୍ଚଳରେ ଭୟର ବାତାବରଣ

ନୀଳଗିରି , ୨୨/୦୫ (ନି.ପ୍ର): ନୀଳଗିରି ବ୍ଲକ ତେଲିପାଳ ପଂଚାୟତ ଗୋହିରା ଗ୍ରାମର ଜୈନିକ ଠିକାଦାରଙ୍କ ଗଚ୍ଛିତ ପାଇପରେ ନିଆଁ ଲାଗି ଲକ୍ଷ୍ୟାଧିକ ଟଙ୍କା ନଷ୍ଟହୋଇଯାଇଥିବା ଜଣାପଡିଛି । ସୂଚନା ଅନୁଯାଇ ଜଡଝଝ ରେ ଠିକାଦାର କାମ କରୁଥିବା ଉକ୍ତ ଗ୍ରାମର ନିନା ରାଉତ ନିଜ ଘରେ ଲକ୍ଷ୍ୟାଧିକ ଟଙ୍କାର ପାଇପ ଜମା ରଖିଥିଲେ । ସୋମବାର କୌଣସି କାରଣରୁ ପାଖ ଅଳିଆଗଦା ରେ ନିଆଁ ଲାଗିଯିବା ଫଳରେ ନିକଟରେ ଜମା ହୋଇଥିବା ପ୍ଲାଷ୍ଟିକ ପାଇପରେ ଲାଗିଯିବା ଫଳରେ ସମ୍ପୂର୍ଣ ପାଇପ ଜଳିପୋଡି ପାଉଁଶ ହୋଇଯାଇଛି । ପାଇପ ଜଳିବା ଫଳରେ ଆଖପାଖ ଧୂଆଁମୟ ହୋଇଯିବା ଯୋଗୁଁ ଲୋକେ ଭୟଭୀତ ହୋଇଯାଇଥିଲେ । ଖବର ପାଇ କପ୍ତିପଦା ଦମକଳ ବାହିନୀ ଘଟଣା ସ୍ଥଳରେ ପହଂଚି ନିଆଁ ଲିଭାଇଥିଲେ ।

❒ ପରିଚାଳକ ତଥା କାର୍ଯନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo